

ସଲ୍ମାନଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-275 ♦FRIDAY ♦03 APRIL 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୭୫ ♦ଶୁକ୍ରବାର ♦୦୩ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ସାଂଘାତିକ ଅଭିଯୋଗ ଆଣିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ

# ଆନ୍ଧ୍ରରେ ରାତିଅଧିଆ ଭୋଟ

## ରାତି ୮ରୁ ୨ଟା ମଧ୍ୟରେ ୫୨ଲକ୍ଷ ମତଦାନ




**୨୦୨୪ ନିର୍ବାଚନରେ ସାଂଘାତିକ ଅନିୟମିତତା**

**୩୫୦୦ ବୁଥରେ ରାତି ୨ଟାରେ ହୋଇଛି ମତଦାନ**

**ରାତି ୧୧.୪୫ରୁ ୨ଟା ମଧ୍ୟରେ ୧୭ ଲକ୍ଷ ଭୋଟିଂ**

**ଇଭିଏମ୍‌ରେ ମତଦାନ ବ୍ୟବଧାନ ଅବଧି ୬ ସେକେଣ୍ଡ**

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା, ହରିଆଣା, ତେଲଙ୍ଗାନା ସହ ପ୍ରାୟ ୧୮ଟି ରାଜ୍ୟର ୬୦ରୁ ଊର୍ଦ୍ଧ୍ୱ ସଂସଦୀୟ କ୍ଷେତ୍ରରେ ବିପୁଳ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଓଡ଼ିଶାରୁ ବିଜେଡି ସବିଶେଷ ପ୍ରମାଣ ସହ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ଫଳ ମିଳିନାହିଁ। ଏହାକୁ ନେଇ ଜାତୀୟସ୍ତରରେ ସୂଚନାଧିକାର କର୍ମୀମାନେ ମଧ୍ୟ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଘେରିଛନ୍ତି। ଏହି ସମୟରେ ଆନ୍ଧ୍ରରେ ୨୦୨୪ ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଯେଉଁ ତଥ୍ୟ ମିଳିଛି ତାହା ସବୁ ଅନିୟମିତତାକୁ ଅତିକ୍ରମ କରି କରିଯାଇଛି। ଏପରି ମତଦାନ 'ଅସ୍ୱାଭାବିକ' ଓ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ ତଥା ଅର୍ଥନୀତିଜ୍ଞ ପରକଳା ପ୍ରଭାକର।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦେଇଥିବା ତଥ୍ୟ ଅନୁସାରେ ଆନ୍ଧ୍ରପ୍ରଦେଶରେ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ମତଦାନର ୪.୧୬ ପ୍ରତିଶତ ଭୋଟ ରାତି ୧୧.୪୫ରୁ ୨ଟା ମଧ୍ୟରେ ପୁଲିଂ ହୋଇଛି। ଏପରିକି ମଧ୍ୟରାତ୍ରି ପରେ ପ୍ରାୟ ୧୭ ଲକ୍ଷ ମତଦାନ ହୋଇଥିବା ଦର୍ଶାଯାଇଛି। ସେହିପରି ୩୫୦୦ ବୁଥ୍‌ରେ ରାତି ୨ଟାରେ ମତଦାନ ହୋଇଥିବା ଦର୍ଶାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସାଂଘାତିକ ବିଷୟ ହେଉଛି, ସାଧାରଣତଃ ଗୋଟିଏ ଭୋଟ ପରେ ଇଭିଏମ୍ ▶ପୃଷ୍ଠା-୭

### ଏସ୍‌ଆଇଆର୍ ଅଧିକାରୀ ପଣବନ୍ଦୀକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

# ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର: ମମତା



**"ମୋ ପାଖରେ କ୍ଷମତା ନାହିଁ। ଅଧିକାରୀଙ୍କୁ ସୁରକ୍ଷା ଦେବାରେ ନିର୍ବାଚନ କମିସନ ବିଫଳ"**

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଚଳିତ ମାସ ଶେଷ ଆଡ଼କୁ ପଶ୍ଚିମ ବଙ୍ଗରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତକାଲି ରାତିରେ ଦେଖିବାକୁ ମିଳିଛି ଅଭାବନୀୟ ପରିସ୍ଥିତି। ଏସ୍‌ଆଇଆରରେ ଜାଲିଆତି ଅଭିଯୋଗ ଆଣି ହଜାର ହଜାର ଲୋକ ଏସ୍‌ଆଇଆର ପ୍ରକ୍ରିୟାରେ ନିୟୋଜିତ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ୯ ଘଣ୍ଟା ଧରି ପଣବନ୍ଦୀ କରି ରଖିବା ଘଟଣା କୋଲକାତାରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି କରିଛି। ଏହି ଘଟଣା ନେଇ ସୁପ୍ରିମ କୋର୍ଟ ପଶ୍ଚିମବଙ୍ଗର ମମତା ସରକାର ଉପରେ ବର୍ଷିଥିଲା ବେଳେ ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ଲାଗି ବିଜେପିର ଏହା ଏକ ଚାଲ ବୋଲି ଅଭିଯୋଗ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ଭୋଟର ତାଲିକାରୁ ପ୍ରାୟ ୬୩ ଲକ୍ଷ ନାମ କଟାଯିବା ଏବଂ ୬୦ ଲକ୍ଷ ନାମକୁ ଯାଞ୍ଚ ଅଧୀନ ରଖାଯିବାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଲାଗି ରହିଛି। ଅଭିଯୋଗ ହେଉଛି ଯେ ଏହି ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ବର୍ଗକୁ ତାଲିକାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ହଟାଇ ଦିଆଯାଉଛି। ଏଭଳି ଅସନ୍ତୋଷର ପ୍ରତିଫଳନ ମାଲଦା ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାର କାଳିଆଚକ-୨ ବ୍ଲକ କାର୍ଯ୍ୟାଳୟରେ ଗତକାଲି ୭ ଜଣ ଅଧିକାରୀ ଯାଞ୍ଚ ଚଳାଇଥିଲେ। ବିଚାର ବିଭାଗୀୟ ଅଧିକାରୀ ସେମାନଙ୍କ କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରି ହଜାର ହଜାର ଲୋକ ବିକ୍ଷୋଭ କରିଥିଲେ। ଏହାପରେ ସେମାନେ ସଂପୃକ୍ତ ଅଧିକାରୀଙ୍କୁ ଘେରିଯଇଥିଲେ। ଏହି ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ ଓ ଏମାନଙ୍କ ସହ ଜଣେ ୫ ବର୍ଷର ଶିଶୁ ମଧ୍ୟ ଥିଲଶ। ରାତି ପ୍ରାୟ ୧ଟାରେ ପୁଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ପୁଲିସ ଗାଡ଼ି ▶ପୃଷ୍ଠା-୭

# ୧୬ ତାରିଖ ପର୍ଯ୍ୟନ୍ତ ସଂସଦ ମୁଲତବୀ

### ମହିଳା ସଂରକ୍ଷଣ ବିଲ୍ ପାଇଁ ୧୬ରେ ପୁଣି ବୈଠକ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ସଂସଦର ବଜେଟ ଅଧିବେଶନକୁ ଆଜି ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ୍ ପାଇଁ ୧୬ରୁ ସଂସଦର ଅଧିବେଶନ ପୁଣି ଆରମ୍ଭ ହେବ। ଏହା ଦୁଇ ତିନି ଦିନ ପର୍ଯ୍ୟନ୍ତ ଚାଲିପାରେ। ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ସହିତ ମହିଳାମାନଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ନିର୍ଦ୍ଧାରିତିକ କାର୍ଯ୍ୟସୂଚୀ ଅନୁଯାୟୀ ୨୮ ଜାନୁଆରୀରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଆଜି ଏପ୍ରିଲ ଦୁଇ ତାରିଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ହେବା କଥା। କିନ୍ତୁ ଉପରୋକ୍ତ ଦୁଇଟି ବିଲ୍ ପାଇଁ ସରକାର ୧୬ ତାରିଖରେ ପୁଣି ଅଧିବେଶନ ଡକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଗୃହ ମୁଲତବୀ ହେବାପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ରାଜ୍ୟସଭାରେ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଲାଗି ସଂସଦ ବୈଠକ ପୁଣି ବସିବ। ସେ କହିଲେ, ଆମ ପାଖରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିଲ୍ ରହିଛି। ଆଗାମୀ ଦୁଇ ତିନି ସପ୍ତାହ ମଧ୍ୟରେ ଏହାକୁ ସଂସଦରେ ଆଗତ କରାଯିବ। କିନ୍ତୁ ସେ ଏହି ବିଲ୍ ବିଷୟରେ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନଥିଲେ। କେବଳ ସେ ଏତିକି କହିଥିଲେ ଯେ ବିରୋଧୀ ଦଳର ନେତାମାନଙ୍କ ସହିତ ସରକାର ଏସଂପର୍କରେ ବିଚାରଆଲୋଚନା ଚଳାଇଛନ୍ତି। ମିଳିଥିବା ସୂଚନା ▶ପୃଷ୍ଠା-୭

# ବଦଳିଲା ସ୍କୁଲ ସମୟ: ସକାଳ ସାଢ଼େ ୬ରୁ ସାଢ଼େ ୧୦

**୨ତାରିଖରେ ବିଜ୍ଞପ୍ତି, ୨ରୁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨।୪ (ସମିସ): ଏପ୍ରିଲ ଆରମ୍ଭରୁ ରାଜ୍ୟର କିଛି ସହରରେ ପାରଦ ୪୦ ଛୁଇଁଛି। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସକାଳୁଆ ସ୍କୁଲ ନିମନ୍ତେ ବିଜ୍ଞପ୍ତି ଜାରି କରିଛି। ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ ବୋଲି ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଅଭିଭାବକ ସ୍ୱାଗତ କରିଥିଲେ ହେଁ ୨ ତାରିଖ ଅର୍ଥାତ୍ ଆଜିଠାରୁ ଏହାକୁ କାର୍ଯ୍ୟକାରୀ ନିମନ୍ତେ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ୨ ତାରିଖରେ ପ୍ରକାଶ ପାଇବା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଗୁଡ୍ ଫ୍ରାଇଡ଼େ ନିମନ୍ତେ ଆସନ୍ତାକାଲି ସ୍କୁଲ ଛୁଟିଥିବାବେଳେ ▶ପୃଷ୍ଠା-୭

### ଶୀର୍ଷ ନେତୃତ୍ୱ ଅସନ୍ତୋଷ ପରେ ରାଜ୍ୟ ବିଜେପିରେ ତନାଘନା

# ଚୈତ୍ରରେ ନିଗମ; ବୈଶାଖରେ ମନ୍ତ୍ରିମଣ୍ଡଳ !

**ମନ୍ତ୍ରିମଣ୍ଡଳରେ ସାମିଲ୍ ହେବେ ୮ ନୂଆ ମୁହଁ**

**ବଦଳିବ ୬ ମନ୍ତ୍ରୀଙ୍କ ବିଭାଗ, ବାଦ ପଡ଼ିବେ ୩**

■ ଭୁବନେଶ୍ୱର, ୨।୪ (ସମିସ): ୧୯ ମାସର ଦୀର୍ଘ ପ୍ରତୀକ୍ଷା ପରେ ମଙ୍ଗଳବାର ରାଜ୍ୟ ସରକାର ୩୦ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବାଟ ଫିଟିଥିବା ମଧ୍ୟ କୁହାଯାଉଛି। ଏହି ନିଯୁକ୍ତି ପଛରେ ନିକଟରେ ଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଭେଟଘାଟ ଥିବା ଏବେ ବିଜେପି ଅଳିନ୍ଦରେ ଆଲୋଚନା ହେଉଛି। ଗତ ଶନିବାର ମନ-ମୋହନ ଯୋଡ଼ି ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସଂଗଠନ ଓ ସରକାରଙ୍କ ମଧ୍ୟରେ ତାଳମେଳର ଅଭାବ ଓ ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ ସହ ଯୁଦ୍ଧକାଳୀନ ଭିତ୍ତିରେ ଦଳୀୟ ନେତାଙ୍କୁ ଥଇଥାନ ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଏହାର ପ୍ରତିଫଳନ ସ୍ୱରୂପ ୩୦ ଜିଲ୍ଲାରେ ବିଭିନ୍ନ ବିଧାୟକମାନଙ୍କୁ ଜିଲ୍ଲା ଯୋଜନା କମିଟିରେ ଥଇଥାନ କରାଯାଇଛି। ୧୪ ତାରିଖ ପୂର୍ବରୁ ଚୈତ୍ରମାସରେ ନିଗମ ନିଯୁକ୍ତି ଚୂଡ଼ାନ୍ତ ହେବ ଓ ବୈଶାଖରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ▶ପୃଷ୍ଠା-୭





15001/2/2627





**ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



**ଗୁଡ୍ ଫ୍ରାଇଡେ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002



ସକାଳ THE SAKALA
www.sakalaepaper.com

# ପୁଣି ବିସ୍ଫୋରକ ହେବ ମଧ୍ୟପ୍ରାଚ୍ୟ

## ପଲଟିଲେ ଟ୍ରମ୍ପ, ଇରାନକୁ ଧ୍ୱଂସ କରିବାକୁ ଧମକ

ତେହରାନ/ୱାସିଂଟନ, ୨।୪(ଏଜେନ୍ସି): ଇରାନ ଯୁଦ୍ଧରୁ ଆମେରିକା ଖୁବଶୀଘ୍ର ଓହରିଯିବ ଏବଂ ଏଥିପାଇଁ କୌଣସି ଚୁକ୍ତିର ଆବଶ୍ୟକତା ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ



ଏଭଳି ଘୋଷଣା କରିବା ପରେ ମଧ୍ୟପ୍ରାଚ୍ୟରେ ଶାନ୍ତିର ଆଶା ସଂଚାର ହୋଇଥିଲା। କିନ୍ତୁ ଟ୍ରମ୍ପ ତାଙ୍କ କଥାରୁ ଓହରିଯାଇଛନ୍ତି। ସେ ଧମକ ଦେଇଛନ୍ତି ଯେ ଇରାନ ବୁଝାମଣା ନକଲେ ଏହାକୁ ଧ୍ୱଂସ କରିଦିଆଯିବ। ଆଗାମୀ ଦୁଇ ତିନି ସପ୍ତାହ ଭିତରେ ଏପରି ଆକ୍ରମଣ କରାଯିବ ଯେ ଇରାନ ପ୍ରସ୍ତର ଯୁଗକୁ ଫେରିଯିବ। ଏଥିରେ ଇରାନ ଭୀଷଣ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଇସ୍ରାଏଲ ରାଜଧାନୀ ତେଲ ଆଭିଭ ଉପରେ ଆଜି ପ୍ରଚଣ୍ଡ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହାସହିତ ଟ୍ରମ୍ପଙ୍କୁ ଧମକ ଦେଇଛି ଯେ ଆମେରିକାର ସେନା ଆତ୍ମସମର୍ପଣ ନକରିବା ପର୍ଯ୍ୟନ୍ତ ଉଭୟ ଆମେରିକା ଓ ଇସ୍ରାଏଲ ଉପରେ ବିଧ୍ୱଂସକାରୀ ଆକ୍ରମଣ କରାଯିବ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି ଯେ ଆଗାମୀ ୨ରୁ ୩ ସପ୍ତାହ ମଧ୍ୟରେ ଆମେରିକା ଇରାନକୁ ପ୍ରସ୍ତର ଯୁଗ (ଷ୍ଟୋନ ଏଜ୍) ଫେରାଇ ନେବ।

- ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଜବାବ ଦେଲା ଇରାନ
- ବିଧ୍ୱଂସକାରୀ ଆକ୍ରମଣ ପାଇଁ ପ୍ରସ୍ତୁତ ରହୁ ଆମେରିକା, ଇସ୍ରାଏଲ
- ଟ୍ରମ୍ପ ସେନା ଆତ୍ମସମର୍ପଣ ପରେ ବନ୍ଦ ହେବ ଯୁଦ୍ଧ: ଇରାନ

ସେ ଦାବି କରିଥିଲେ ଯେ ଆମେରିକୀୟ ଆକ୍ରମଣ ଯୋଗୁଁ ଇରାନର ମିସାଇଲ୍ ଉଦ୍‌କ୍ଷେପଣ କ୍ଷମତା ଓ ଡ୍ରୋନ ଶକ୍ତି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇଯାଇଛି। ସେ କହିଲେ ଯେ ଦୁଇ ତିନି ସପ୍ତାହ ମଧ୍ୟରେ ଆମେରିକା ଏହାର ଲକ୍ଷ୍ୟ ହାସଲ କରିବ। ।ତେବେ ଏହି ସମୟ ମଧ୍ୟରେ ଅସ୍ତ୍ରବିରତି ପାଇଁ ଇରାନ ବୁଝାମଣା ନକଲେ ଏହା ଉପରେ ଆହୁରି ପ୍ରଚଣ୍ଡ ଆକ୍ରମଣ କରାଯିବ। ଟ୍ରମ୍ପଙ୍କ ଏହି ଧମକକୁ ଇରାନ ପ୍ରତ୍ୟାଖ୍ୟାନ କରିବା ସହ ଓଲଟା ଚେତାବନୀ ଦେଇଛି। ଇରାନର ଖାତମ-ଅଲ-ଅନବିୟ କନ୍ଦ୍ରୀୟ ମୁଖ୍ୟାଳୟର ମୁଖପାତ୍ର ଇବ୍ରାହିମ୍ ଜୋଲଫାଘାରୀ କହିଛନ୍ତି ଯେ ଆମେରିକାର ଗୁଇନ୍ଦା ତଥ୍ୟ ଅସମ୍ପୂର୍ଣ୍ଣ ଓ ଇରାନର ସାମରିକ ଶକ୍ତି ବିଷୟରେ କିଛି ଜାଣିନାହିଁ। ଇରାନ ଦାବି କରିଛି ଯେ ଆମେରିକା ଯେଉଁ ସ୍ଥାନଗୁଡ଼ିକରେ ଆକ୍ରମଣ କରିଛି ତାହା ଅତି ସାମାନ୍ୟ। ଇରାନର ମୁଖ୍ୟ ମିସାଇଲ ଉତ୍ପାଦନ କେନ୍ଦ୍ର, ଦୂରଗାମୀ ଡ୍ରୋନ ଏବଂ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏବେ ବି ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ରହିଛି। ଇରାନ କହିଛି ଯେପର୍ଯ୍ୟନ୍ତ ଆମେରିକା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନାହିଁ, ସେ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଆଗକୁ ଆହୁରି ଭୟଙ୍କର ଏବଂ ବିନାଶକାରୀ ଆକ୍ରମଣ କରାଯିବ ବୋଲି ଇରାନ ଧମକ ଦେଇଛି। ଜୋଲଫାଘାରୀ କହିଛନ୍ତି ଯେ ଆମର ଗୁପ୍ତ ସାମରିକ କେନ୍ଦ୍ରଗୁଡ଼ିକ ବିଷୟରେ ଆମେରିକା କେବେବି ଜାଣିପାରିବ ନାହିଁ। ଆମେରିକା ଓ ଇସ୍ରାଏଲ ଆକ୍ରମଣର ବଦ୍‌ଲା ନେବା ପାଇଁ ଇରାନ ପ୍ରସ୍ତୁତ ରହିଛି। ପଶ୍ଚିମ ଏସିଆରେ ପରିସ୍ଥିତି ଏବେ ଅତି ଜଟିଳ ରହିଛି। ଆମେରିକା ନିଜର ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ଇରାନ ନିଜର ଅଜ୍ଞାତ ରଣନୈତିକ ଶକ୍ତି ବଳରେ ପାଲଟା ଜବାବ ଦେବାକୁ ପ୍ରସ୍ତୁତ ହେଉଛି।

ସୂଚନାଯୋଗ୍ୟ ଯେ ଗତ ଏକ ମାସରୁ ଅଧିକ ସମୟଧରି ଚାଲିଥିବା ଯୁଦ୍ଧ ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଗିଳିଦେଲାଣି। ଏହା ବିଶ୍ୱ ଅର୍ଥନୀତିକୁ ମଧ୍ୟ ଦୋହଲାଇଦେଲାଣି। ଏହାଦ୍ୱାରା ସାରା ବିଶ୍ୱରେ କୋଟି କୋଟି ଲୋକ ପ୍ରଭାବିତ ହେଲେଣି। ଗତକାଲି ଟ୍ରମ୍ପଙ୍କ ଆଶ୍ୱାସନା ପରେ ଅଶୋଧିତ ତେଲ ଦାମ ଖସିଥିବା ବେଳେ ଆଜି ପୁଣି ୧୧୦ ଡଲାର ପାର କରାଯାଇଛି। ସେୟାର ବଜାର ମଧ୍ୟ ଧରାଶାୟୀ ହୋଇଛି।

## ଆମେରିକା ଓ ଇରାନ ମଧ୍ୟରେ ଗୁପ୍ତ ଆଲୋଚନା: ଗଣମାଧ୍ୟମ ରିପୋର୍ଟ

ୱାସିଂଟନ, ୨।୪(ଏଜେନ୍ସି): ଜଣାଶୁଣା ଆମେରିକୀୟ ନ୍ୟୁଜ୍ ଓ ମିଡିଆ କମ୍ପାନୀ ଆକ୍ସିଅସ୍ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି। ଇରାନ ପୁଣି ଥରେ ହର୍ମୁଜ ପ୍ରଣାଳୀ ଖୋଲିବା ବଦଳରେ ଆମେରିକା ଯୁଦ୍ଧ ବିରତି ବା ଅସ୍ତ୍ରବିରତି ଘୋଷଣା କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଟ୍ରୁଥ ସୋସିଆଲ୍' ପୋଷ୍ଟରେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ଖୋଲା ଏବଂ ସୁରକ୍ଷିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଅସ୍ତ୍ରବିରତି ହେବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ ଏହା ନହେଲେ ଇରାନକୁ ପ୍ରସ୍ତର ଯୁଗକୁ ପଠାଇ ଦେବେ। ଟ୍ରମ୍ପ ବୁଧବାର ସାଉଦି ପ୍ରିନ୍ସ ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍)ଙ୍କ ସହ ଆଲୋଚନା କରିଛନ୍ତି। ଚୀନ ଓ ପାକିସ୍ତାନ ମଧ୍ୟ ଅସ୍ତ୍ରବିରତିର ପ୍ରସ୍ତାବ ଆଣିଛନ୍ତି, ଯେଉଁଥିରେ ଅସ୍ତ୍ରବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ବିଷୟରେ ଉଲ୍ଲେଖ ଅଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ବିଭିନ୍ନ ମଧ୍ୟସ୍ଥିଙ୍କ ସହ କଥାବାର୍ତ୍ତା ହେଉଛନ୍ତି। ସେ ଇରାନକୁ ବାର୍ତ୍ତା ଦେଇଛନ୍ତି ଯେ ଟ୍ରମ୍ପ ଏବେ ଧୈର୍ଯ୍ୟ ହରାଉଛନ୍ତି ଏବଂ ଯଦି ଶୀଘ୍ର ଚୁକ୍ତି ନ ହୁଏ, ତେବେ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ ବୃଦ୍ଧି ପାଇବ। ଅପରପକ୍ଷରେ ଆମେରକା ସହ କୌଣସି କୂଟନୈତିକ ସଫଳତାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେରିକା ଉପରେ ଇରାନର ବିଶ୍ୱାସ ନାହିଁ ବୋଲି ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚୀ କହିଛନ୍ତି।



## ହର୍ମୁଜ ଖୋଲିବାକୁ ତନାଘନା

ଲଣ୍ଡନ/ ପ୍ୟାରିସ୍, ୨।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ବ୍ରିଟେନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବ୍ରିଟେନ ବୈଦେଶିକ ମନ୍ତ୍ରୀ ଇଭେଟ କୁପରଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, କାନାଡ଼ା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ୩୫ଟି ଦେଶ ଅଂଶଗ୍ରହଣ କରିବେ। ଆମେରିକା ରାଷ୍ଟ୍ରପତି ବୁଧବାର ସ୍ପଷ୍ଟ କରିଥିଲେ ଯେ ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ରଖିବା ସେହି ଦେଶମାନଙ୍କର ଦାୟିତ୍ୱ ଯେଉଁମାନେ ଏହି ମାର୍ଗ ଉପରେ ନିର୍ଭର କରନ୍ତି। ତେଣୁ ଏହି ବୈଠକରେ ଆମେରିକା ଯୋଗ ଦେଉନାହିଁ। ଟ୍ରମ୍ପ ଅନ୍ୟ ଦେଶଗୁଡ଼ିକୁ ସାହାସ ଜୁଟାଇ ନିଜେ ଏହି ଜଳପଥକୁ ସୁରକ୍ଷିତ ରଖିବାକୁ କହିଛନ୍ତି।

**ଲଣ୍ଡନ ବୈଠକରେ ସାମିଲ ହେବେ ଭାରତ ସମେତ ୩୫ଟି ଦେଶ**

ୟୁରୋପୀୟ ଅଧିକାରୀଙ୍କ ଅନୁଯାୟୀ, ଅସ୍ତ୍ରବିରତି ପରେ ଏହି ଜଳପଥକୁ ଖୋଲିବା ପାଇଁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟ କରାଯାଇପାରେ। ପ୍ରଥମ ପର୍ଯ୍ୟାୟରେ ସମୁଦ୍ର ମଧ୍ୟରେ ବିଛା ଯାଇଥିବା ମାଇନ୍ସଗୁଡ଼ିକୁ ହଟାଇ ଜଳପଥକୁ ସୁରକ୍ଷିତ କରିବା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାର୍ଗ ଦେଇ ଯାଉଥିବା ତୈଳବାହୀ ଜାହାଜଗୁଡ଼ିକୁ ସାମରିକ ସୁରକ୍ଷା ପ୍ରଦାନ କରିବା। ସେପଟେ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ସହଜ ହେବ ନାହିଁ। ଏଥିପାଇଁ ସାମରିକ ଶକ୍ତି ସହ ଦୃଢ଼ କୂଟନୈତିକ ପ୍ରୟାସ ଓ ସିପିଂ ଇଣ୍ଡଷ୍ଟ୍ରୀ ସହ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଅସନ୍ତୋଷ ପ୍ରକାଶ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ସାମରିକ ଶକ୍ତି ବଳରେ ମୁକ୍ତ କରିବା ଏକ ଅବାସ୍ତବ କଳ୍ପନା ବୋଲି ସେ କହିଛନ୍ତି। ଦକ୍ଷିଣ କୋରିଆ ଗସ୍ତ ସମୟରେ ଗଣମାଧ୍ୟମକୁ ସୂଚନା ଦେଇ ମାକ୍ରୋନ କହିଛନ୍ତି ଯେ ବଳପୂର୍ବକ ଏହି ସାମୁଦ୍ରିକ ପଥକୁ ଖୋଲିବା ସମ୍ଭବ ନୁହେଁ। ଏହାଦ୍ୱାରା ସେହି ପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଇରାନର କ୍ଷେପଣାସ୍ତ୍ର ଓ ଆଇଆରଜିସିଙ୍କ ଆକ୍ରମଣର ଶିକାର ହେବାର ଭୟ ରହିଛି। ମାକ୍ରୋନଙ୍କ ଅନୁଯାୟୀ, ଇରାନ ସହ ଆଲୋଚନା ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଟ୍ରମ୍ପଙ୍କ ନାଟୋ ସହଯୋଗୀଙ୍କ ପ୍ରତି ସମାଲୋଚନା ଉପରେ ମାକ୍ରୋନ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ନିଜ ନିଷ୍ପତ୍ତିରେ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି। ଅନ୍ୟଦେଶମାନେ ସେମାନଙ୍କୁ ସାହାଯ୍ୟ କରୁନାହାନ୍ତି ବୋଲି କହିବା ଅନୁଚିତ, କାରଣ ଏହା ଫ୍ରାନ୍ସର ମିଶନ ନୁହେଁ। ଅନ୍ୟପକ୍ଷରେ କହିବାକୁ ଗଲେ ଫ୍ରାନ୍ସ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ଚାହୁଁ ନାହିଁ ଏବଂ କୂଟନୈତିକ ସ୍ତରରେ ସମାଧାନ ସପକ୍ଷରେ ଅଛି।

ସୂଚନାଯୋଗ୍ୟ ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିଦେଇଛି। ଭାରତ ସମେତ କିଛି ବନ୍ଧୁ ରାଷ୍ଟ୍ରଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ପାଇଁ ଇରାନ ଏହାକୁ ବନ୍ଦ ରଖିଛି। ଫଳରେ ଏଠାରେ ବିଭିନ୍ନ ଦେଶର ୭୦୦ରୁ ଅଧିକ ତୈଳବାହୀ ଜାହାଜ ଅଟକି ରହିଛି। ଏଥିରେ ଭାରତର ୪୦ରୁ ଅଧିକ ଜାହାଜ ମଧ୍ୟ ରହିଛି। ଫଳରେ ଉପସାଗରରୁ ତୈଳ ପରିବହନ ହୋଇପାରୁ ନାହିଁ।

## ରାଜ୍ୟସଭା ଉପନେତା ପଦରୁ ରାଘବ ଚଡ୍ଢାଙ୍କୁ ହଟାଇଲା ଆପ୍

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନିଜର ବରିଷ୍ଠ ନେତା ତଥା ସାଂସଦ ରାଘବ ଚଡ୍ଢାଙ୍କୁ ରାଜ୍ୟସଭାରେ ଦଳର ଉପନେତା ପଦରୁ ହଟାଇଛି। ଫଳରେ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଘବଙ୍କ ସ୍ଥାନରେ ପଞ୍ଜାବ ସାଂସଦ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାର ନୂଆ ଉପନେତା କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ଆପ୍ ଜଣାଇଛି ଯେ, ରାଘବଙ୍କୁ ସଂସଦରେ କହିବା ପାଇଁ ସମୟ ଦିଆ ନଯାଉ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆ କୋର୍ଟରୁ ନିର୍ଦ୍ଦୋଶରେ ଖଲାସ ହେବା ପରେ ମଧ୍ୟ ରାଘବ ଚଡ୍ଢା କୌଣସି ପ୍ରତିକ୍ରିୟା ରଖି ନଥିଲେ। ସେ ସାମାଜିକ ଗଣମାଧ୍ୟମରେ ମଧ୍ୟ ଚୁପ୍ ରହିଥିଲେ, ଯାହା ଦଳର ହାଇକମାଣ୍ଡକୁ ଅସନ୍ତୁଷ୍ଟ କରିଛି। କେଜ୍ରିୱାଲଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏବଂ ଯନ୍ତର ମନ୍ତରରେ ହୋଇଥିବା ଜନସଭାରେ ମଧ୍ୟ ରାଘବଙ୍କୁ ଦେଖିବାକୁ ମିଳି ନଥିଲା। ନୂଆ ଉପନେତା ଆଶୋକ ମିତ୍ତଲ କହିଛନ୍ତି ଯେ, ଦଳରେ ସବୁକିଛି ଠିକ୍ ଅଛି। ଏହା ଏକ ସାଧାରଣ ପ୍ରକ୍ରିୟା ଏବଂ ଦଳ ପ୍ରତ୍ୟେକ ସଦସ୍ୟଙ୍କୁ ସୁଯୋଗ ଦେବାକୁ ଚାହୁଁଛି। ସୂଚନାଯୋଗ୍ୟ ଯେ ୩୭ ବର୍ଷୀୟ ରାଘବ ଚଡ୍ଢା ୨୦୧୨ରୁ ଆପ ସହିତ ଜଡ଼ିତ ଅଛନ୍ତି ଏବଂ ତାଙ୍କୁ କେଜ୍ରିୱାଲଙ୍କ ଅତି ଘନିଷ୍ଠ ବୋଲି ବିଚାର କରାଯାଏ। ସେ ପଞ୍ଜାବ ସରକାରରେ ପରାମର୍ଶଦାତା ଏବଂ ଦିଲ୍ଲୀ ଜଳ ବୋର୍ଡର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିଛନ୍ତି। ତେବେ ହଠାତ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ହଟାଯିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦିଲ୍ଲୀରୁ ହଟିବ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଜାତୀୟ ସୁରକ୍ଷା ଓ ଡାଟା ଚୋରି ଭୟରେ ଦିଲ୍ଲୀ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଲ୍ଲୀର ପିଡବ୍ଲ୍ୟୁଡି ମନ୍ତ୍ରୀ ପ୍ରବେଶ ସାହିବ ସିଂ ସହରରେ ଲାଗିଥିବା ପ୍ରାୟ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଲାଗିଥିବା କ୍ୟାମେରାଗୁଡ଼ିକର ଲାଇଭ ଫୁଟେଜ ସୀମା ପାର ହୋଇ ପାକିସ୍ତାନକୁ ପଠାଯାଉଥିଲା। ଦଲ୍ଲୀ ଓ ଗାଜିଆବାଦ୍‌ରୁ ଏକ ଗୁଇନ୍ଦା ର୍‍ୟାକେଟ୍‌ର ପର୍ଦ୍ଦାଫାସ୍ ହେବା ପରେ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପିଡବ୍ଲ୍ୟୁଡି ପକ୍ଷରୁ ମୋଟ୍ ୨, ୭୪, ୩୮୯ ସିସିଟିଭି ଲଗାଯାଇଥିଲା, ଯେଉଁଥିରୁ ୧.୪୦ ଲକ୍ଷ କ୍ୟାମେରା ଚୀନ କମ୍ପାନୀ 'ହାଇକଭିଜନ'ର ଥିଲା। ଏହି କ୍ୟାମେରାଗୁଡ଼ିକରେ ଚୀନ ନିର୍ମିତ ଚିପସେଟ୍ ବ୍ୟବହାର କରାଯାଇଛି, ଯାହା ଇଣ୍ଟରନେଟ ସହ ସଂଯୁକ୍ତ ଥିଲା। ମନ୍ତ୍ରୀ କହିଛନ୍ତି ଯେ ଏହି କ୍ୟାମେରାଗୁଡ଼ିକ ଆମ ଆଦମୀ ପାର୍ଟି ଶାସନ ସମୟରେ ଲଗାଯାଇଥିଲା। ବର୍ତ୍ତମାନ ଏହାକୁ ହଟାଇବା ପାଇଁ ପିଡବ୍ଲ୍ୟୁଡିକୁ ଆଦେଶ ଦିଆଯାଇଛି। ଗୁପ୍ତଚରୀ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ଦେଶବ୍ୟାପୀ ସିସିଟିଭି ନେଟୱର୍କର ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ତଥ୍ୟ ଯେପରି ଶତ୍ରୁ ରାଷ୍ଟ୍ର ପାଖକୁ ନଯାଏ, ସେଥିପାଇଁ ଦିଲ୍ଲୀରୁ ଏହି ବିପଜ୍ଜନକ ଚୀନ୍ କ୍ୟାମେରାଗୁଡ଼ିକୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୦,୦୦୦ କ୍ୟାମେରା ବଦଳାଇବା ପାଇଁ ଅନୁମୋଦନ ମିଳିଛି।

## ୫୦ ବର୍ଷ ପରେ ପୁଣି ଚନ୍ଦ୍ର ଅଭିମୁଖେ ମଣିଷ

ଫ୍ଲୋରିଡ଼ା, ୨।୪(ଏଜେନ୍ସି): ଆମେରିକୀୟ ମହାକାଶ ସଂସ୍ଥା ନାସା ଗୁରୁବାର ସକାଳ ୪.୦୫ ମିନିଟ୍‌ରେ ଫ୍ଲୋରିଡ଼ାସ୍ଥିତ କେନେଡ଼ି ସ୍ପେସ୍ ସେଣ୍ଟରରୁ 'ଆର୍ଟେମିସ-୨' ମିଶନର ସଫଳ ଉତ୍‌କ୍ଷେପଣ କରିଛି। ୧୯୭୧ ପରେ ପ୍ରଥମ ଥର ପାଇଁ ମଣିଷ ପୃଥିବୀର ନିମ୍ନ କକ୍ଷ (ଏଲ୍‌ଇଓ) ଅତିକ୍ରମ କରି ଚନ୍ଦ୍ର ନିକଟକୁ ଯାତ୍ରା କରିଛି। ଏହି ମିଶନରେ ୪ ଜଣିଆ କ୍ରୁ ଅର୍ଥାତ ମହାକାଶଚାରୀ ଅଛନ୍ତି। ସ୍ପେସ ଲଞ୍ଚ୍ ସିଷ୍ଟମ (ଏସ୍‌ଏଲ୍‌ଏସ୍) ରକେଟ ସାହାଯ୍ୟରେ ୪



ଜଣ ମହକାଶଚାରୀଙ୍କୁ ନେଇ 'ଓରିଅନ' ମହାକାଶଯାନ ଚନ୍ଦ୍ର ଅଭିମୁଖେ ଯାତ୍ରା କରିଛି। ଏହି ମହାକାଶଚାରୀମାନେ ହେଲେ, ମିଶନ କମାଣ୍ଡର ରିଡ୍ ୱାଇଜମ୍ୟାନ, ମିଶନ ସ୍ପେଶାଲିଷ୍ଟ ଖ୍ରୀଷ୍ଟିନା କୋଚ୍, ପାଇଲଟ ଭିକ୍ଟର ଗ୍ଲୋଭର ଓ ମିଶନ ସ୍ପେଶାଲିଷ୍ଟ କାନାଡ଼ାର ଜେରେମି ହାନସେନ। ଗ୍ଲୋଭର ହେଉଛନ୍ତି ଚନ୍ଦ୍ର ନିକଟରେ ପହଞ୍ଚିବା ପ୍ରଥମ କୃଷ୍ଣକାୟ ବ୍ୟକ୍ତି। ସେହିପରି ହାନସେନ୍ ଚନ୍ଦ୍ର ନିକଟକୁ ଯାଉଥିବା ପ୍ରଥମ ଅଣ ଆମେରିକୀୟ।

ଏହା ଏକ ୧୦ ଦିନିଆ ମିଶନ। ମହାକାଶଚାରୀମାନେ ଚନ୍ଦ୍ର ଚାରିପଟେ ବୁଲି ପୃଥିବୀକୁ ପୁଣି ଫେରିବେ, କିନ୍ତୁ ଏଥର ସେମାନେ ଚନ୍ଦ୍ରପୃଷ୍ଠରେ ଓହ୍ଲାଇବେ ନାହିଁ। ମହାକାଶରେ ରହିବା ପାଇଁ 'ଲାଇଫ୍ ସପୋର୍ଟ ସିଷ୍ଟମ' କେତେ ସୁରକ୍ଷିତ, ତାହା ପରୀକ୍ଷା କରିବା ଏହି ମିଶନର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଓରିଅନର ଉତ୍‌କ୍ଷେପଣ ଠିକ୍ ଏକ ଘଣ୍ଟା ପୂର୍ବରୁ 'ଲଞ୍ଚ୍ ଅର୍ବିଟ ସିଷ୍ଟମ'ରେ ସମସ୍ୟା ଦେଖାଦେଇଥିଲା ଓ ଏହାକୁ ଇଞ୍ଜିନିୟରମାନେ ତୁରନ୍ତ ଠିକ୍ କରିଥିଲେ। ପାଇଲଟ ଭିକ୍ଟର ଗ୍ଲୋଭର ପ୍ରଥମଥର ପାଇଁ ଓରିଅନ କ୍ୟାପସୁଲକୁ ମାନୁଆଲ କଣ୍ଟ୍ରୋଲ ବା ହାତରେ ଚଳାଇ ଇତିହାସ ରଚିଛନ୍ତି। ଯାତ୍ରା ଆରମ୍ଭ କରିବାର କିଛି ସମୟ

**ନାସାର 'ଆର୍ଟେମିସ-୨' ମିସନର ସଫଳ ଉତ୍‌କ୍ଷେପଣ**

ପରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିଲା। କିନ୍ତୁ ବର୍ତ୍ତମାନ ସବୁ ଠିକ୍ ଭାବେ କାର୍ଯ୍ୟ କରୁଛି। ଏହି ଓରିଅନ ମହାକାଶଯାନ ପୁରୁଣା ଆପୋଲୋ ଯାନ ତୁଳନାରେ ଅଧିକ ଆଧୁନିକ ଓ ଆରାମଦାୟକ। ଏଥିରେ ମହାକାଶଚାରୀଙ୍କ ରହିବା ପାଇଁ ୫୦ ପ୍ରତିଶତରୁ ଅଧିକ ସ୍ଥାନ ରହିଛି। ଶରୀର ବର୍ଜ୍ୟବସ୍ତୁ ସଫା କରିବା ପାଇଁ ଏଥିରେ ଏକ ସ୍ୱତନ୍ତ୍ର ସକ୍ସନ ବିଶିଷ୍ଟ ମୂଲ୍ୟବାନ ଟଏଲେଟ ଲଗାଯାଇଛି। ଏହାର ମେମୋରୀ ଓ ଡାଟା ପ୍ରକ୍ରିୟାକରଣ କ୍ଷମତା ତୁଳନାରେ ହଜାର ହଜାର ଗୁଣ ଅଧିକ। ଏହି ମିଶନ ସଫଳ ହେଲେ, ନାସା ଆର୍ଟେମିସ୍-୩ ଜରିଆର ୨୦୨୮ ସୁଦ୍ଧା ମଣିଷକୁ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ପାଇଁ ଯୋଜନା କରୁଛି। ଆପୋଲୋ ମିଶନର ଲକ୍ଷ୍ୟ କେବଳ ଚନ୍ଦ୍ରରେ ପହଞ୍ଚିବା ଥିବାବେଳେ, ଆର୍ଟେମିସର ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ଏକ ସ୍ଥାୟୀ ବେସ୍ କ୍ୟାମ୍ପ ପ୍ରତିଷ୍ଠା କରିବା, ଯାହା ଭବିଷ୍ୟତରେ ମଙ୍ଗଳଗ୍ରହ ଯାତ୍ରା ପାଇଁ ସହାୟକ ହେବ।

## ୧୬୭.୨ କୋଟିରେ ବିକ୍ରି ହେଲା 'ଯଶୋଦା ଏବଂ କୃଷ୍ଣ' ପେଣ୍ଟିଂ



ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଭାରତର ପ୍ରଖ୍ୟାତ ଚିତ୍ରଶିଳ୍ପୀ ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ତୈଳ ଚିତ୍ର 'ଯଶୋଦା ଏବଂ କୃଷ୍ଣ' ଭାରତୀୟ କଳା ଜଗତରେ ନୂଆ ଇତିହାସ ସୃଷ୍ଟି କରିଛି। ମୁମ୍ବାଇରେ ଅନୁଷ୍ଠିତ ସାପ୍ରନ ଆର୍ଟ ନିଲାମରେ ଏହା ୧୬୭.୨ କୋଟି ଟଙ୍କାରେ ବିକ୍ରି ହୋଇଛି। ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ତଥା କୋଟିପତି ଶିଳ୍ପପତି ସାଇରାସ ପୁନାୱାଲା ଏକ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ପରେ ଏହି ମୂଲ୍ୟବାନ ଚିତ୍ରଟିକୁ କିଣିଛନ୍ତି। ଏହା ଭାରତର ସବୁଠାରୁ ଦାମୀ ନିଲାମ ହୋଇଥିବା କଳାକୃତି ପାଲଟିଛି। ଏହାପୂର୍ବରୁ ଏମ୍‌ଏଫ୍ ହୁସେନଙ୍କ 'ଗ୍ରାମ ଯାତ୍ରା' (୧୧୮ କୋଟି) ନାମରେ ଏହି ରେକର୍ଡ ଥିଲା। ୧୮୯୦ ଦଶକରେ ଅଙ୍କିତ ଏହି ଚିତ୍ରରେ ମାତା ଯଶୋଧା ଗାଇ ଦୁହୁଁଥିବା ବେଳେ ଶିଶୁ କୃଷ୍ଣ କ୍ଷୀର ପାଇଁ ପଛରୁ ହାତ ବଢ଼ାଉଥିବାର ଏକ ଅତି ସୁନ୍ଦର ଦୃଶ୍ୟ ରହିଛି। ୧୮୪୮ ରେ ଜନ୍ମିତ ରାଜା ରବି ବର୍ମାଙ୍କୁ ଆଧୁନିକ ଭାରତୀୟ କଳାର ଜନକ ବୋଲି କୁହାଯାଇଥାଏ। ସେ ୟୁରୋପୀୟ ଶୈଳୀ ଏବଂ ଭାରତୀୟ ପୌରାଣିକ କଥାବସ୍ତୁକୁ ମିଶାଇ ଚିତ୍ରାଙ୍କନ କରିବାରେ ପ୍ରଥମ ଭାରତୀୟ ଶିଳ୍ପୀ ଥିଲେ। ସେ ଲିଥୋଗ୍ରାଫିକ ପ୍ରେସ୍ ସ୍ଥାପନ କରି ନିଜର ଚିତ୍ରଗୁଡ଼ିକୁ ସାଧାରଣ ଲୋକଙ୍କ ଘର ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ।

## ଏଭରେଷ୍ଟରେ ମଧ୍ୟ ଚାଲିଛି ବୀମା ଷଡ଼ଯନ୍ତ୍ର

କାଠମାଣ୍ଡୁ, ୨।୪(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଶେରପା ଏବଂ କିଛି ଟ୍ରେକିଂ ଏଜେନ୍ସି ମିଶି ପର୍ଯ୍ୟଟକମାନଙ୍କୁ ପାନୀୟ ଓ ଖାଦ୍ୟରେ ବିଷ (ବେକିଂ ସୋଡ଼ା) ଦେଇ ଅସୁସ୍ଥ କରିବା ଏବଂ ପରେ ସେମାନଙ୍କ ନାମରେ ନକଲି ହେଲିକପ୍ଟର ରେସକ୍ୟୁ ଦେଖାଇ କୋଟି କୋଟି ଟଙ୍କାର ବୀମା ଠକେଇ କରିଥିବାର ଅଭିଯୋଗ ହୋଇଛି। ଶେରପାମାନେ ପର୍ଯ୍ୟଟକମାନଙ୍କ ଖାଦ୍ୟରେ ବେକିଂ ସୋଡ଼ା ମିଶାଉଥିଲେ। ଏହାଦ୍ୱାରା ପର୍ଯ୍ୟଟକଙ୍କୁ ପେଟ ଯନ୍ତ୍ରଣା ଓ ବାନ୍ତି ଭଳି ସମସ୍ୟା ହେଉଥିଲା, ଯାହା ଅଧିକ ଉଚ୍ଚତାରେ ହେଉଥିବା ଅଲଟିଚ୍ୟୁଡ୍ ସିକନେସ ଭଳି ମନେ ହେଉଥିଲା। ପର୍ଯ୍ୟଟକ ଅସୁସ୍ଥ ହେବା ମାତ୍ରେ ସେମାନଙ୍କୁ ଜବରଦସ୍ତି ହେଲିକପ୍ଟର ଯୋଗେ ଉଦ୍ଧାର କରିବା ପାଇଁ ବାଧ କରାଯାଉଥିଲା। ଏହାପରେ ମିଥ୍ୟା ମେଡିକାଲ ବିଲ୍ ଏବଂ ଫ୍ଲାଇଟ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଅନ୍ତର୍ଜାତୀୟ ବୀମା କମ୍ପାନୀଗୁଡ଼ିକରୁ କୋଟି କୋଟି ଟଙ୍କା ହଡପ କରାଯାଉଥିଲା। କାଠମାଣ୍ଡୁ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଏହି ସ୍କାମ୍ ମାଧ୍ୟମରେ ପ୍ରାୟ ୨୦ ମିଲିୟନ ଡଲାର ଅର୍ଥାତ ୧୬୭ କୋଟି ଟଙ୍କାର ଠକେଇ କରାଯାଇଛି। ନେପାଳ ପୁଲିସ ଏହି ମାମଲାରେ ଟ୍ରେକିଂ କମ୍ପାନୀ ମାଲିକ, ହେଲିକପ୍ଟର ଅପରେଟର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମେତ ୩୨ ଜଣଙ୍କ ବିରୋଧରେ ସଂଗଠିତ ଅପରାଧ ଓ ଜାଲିଆତି ମାମଲା ରୁଜୁ କରିଛି। ଗୋଟିଏ କମ୍ପାନୀ ୧, ୨୪୮ ରେସକ୍ୟୁ ମଧ୍ୟରୁ ୧୭୧ଟି ନକଲି ଦେଖାଇ ୧୦ ମିଲିୟନ ଡଲାର ହଡପ କରିଥିଲା। ଅନ୍ୟଏକ କମ୍ପାନୀ ୪୭୧ଟି ମଧ୍ୟରୁ ୭୫ଟି ନକଲି ମାମଲା ଦେଖାଇ ୮ ମିଲିୟନ ଡଲାର ଠକେଇ କରିଛି।

- ପର୍ଯ୍ୟଟକଙ୍କୁ ବିଷ ଦେଇ ଉଦ୍ଧାର ଜାଲିଆତି
- ୩୦ ହଜାର ଫୁଟ୍ ଉପରେ ୨ କୋଟି ଡଲାରର ବୀମା ଠକେଇ



ଏହି ବଡ଼ ଧରଣର ଠକେଇ ପରେ ଅନେକ ଅନ୍ତର୍ଜାତୀୟ ବୀମା କମ୍ପାନୀ ନେପାଳ ଯାଉଥିବା ପର୍ଯ୍ୟଟକଙ୍କୁ ବୀମା ସୁବିଧା ଦେବା ବନ୍ଦ କରିଦେଇଛନ୍ତି। ୨୦୧୮ରେ ନେପାଳ ସରକାର ଉଦ୍ଧାର କାର୍ଯ୍ୟରୁ ମଧ୍ୟସ୍ଥିଙ୍କୁ ହଟାଇଥିଲେ ମଧ୍ୟ କଠୋର ଦଣ୍ଡାଦେଶ ଅଭାବରୁ ଏହି ଅପରାଧ ଜାରି ରହିଛି ବୋଲି ସ୍ପେଶାଲାଇଜଡ କ୍ରାଇମ୍ ୟୁନିଟ ମୁଖ୍ୟ ମନୋଜ କୁମାର କେସି କହିଛନ୍ତି। ଏବେ ଏହା ନେପାଳ ପର୍ଯ୍ୟଟନ ଶିଳ୍ପରେ କଳଙ୍କ ସଦୃଶ ହୋଇଛି। ପୁଲିସ ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ସେମାନଙ୍କଠାରୁ ପ୍ରାୟ ୧୧.୩ ମିଲିୟନ ଡଲାରର ଜରିମାନା ଆଦାୟ କରିବା ପାଇଁ ଦାବି କରିଛି।

# ଜେଲ୍ ଡିଆଁ ହତ୍ୟା ଅଭିଯୁକ୍ତ ରାଜା ଋଷିକେଶରୁ ଗିରଫ

## ପ୍ରେମିକା ସହ ବୁଲିବା ବେଳେ ମାଡ଼ି ବସିଲା ପୁଲିସ; ବୃନ୍ଦାବନରୁ ଧରାପଡ଼ିଥିଲା ଅନ୍ୟ ଅଭିଯୁକ୍ତ ମଧୁକାନ୍ତ

କଟକ, ୨।୪ (ସମିସ): ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ ଓରଫ୍ ଶୁଭମ୍ ଦୀର୍ଘ ୬ ମାସ ପରେ ପୁଲିସ ହାତରେ ଧରାପଡ଼ିଛି। ସେ କମିସନରେଟ୍ ପୁଲିସ ଆଖିରେ ଧୂଳି ଦେଇ ବିଭିନ୍ନ ରାଜ୍ୟରେ ଆତ୍ମଗୋପନ କରିଥିଲା। ଶେଷରେ ଉତ୍ତରାଖଣ୍ଡର ଋଷିକେଶରୁ କଟକ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି। ପ୍ରେମିକା ସହ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରୁଥିଲା ବେଳେ ପୁଲିସ୍ ରାଜାକୁ ମାଡ଼ି ବସିଥିଲା। ତାକୁ ଟ୍ରାନ୍‌ଜିଟ ରିମାଣ୍ଡରେ କଟକ ଅଣାଯାଉଛି।



ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିବା ପରେ ରାଜା ତା'ର ସହଯୋଗୀଙ୍କୁ ନେଇ କର୍ଣ୍ଣାଟକରେ ଏକ ବଡ଼ଧରଣର ଲୁଟ୍‌ପାଟ କରିଥିଲା। କର୍ଣ୍ଣାଟକ ପୁଲିସର ତଥ୍ୟକୁ ଆଧାର କରି କଟକ ପୁଲିସର ୩ଟି ସ୍ୱତନ୍ତ୍ର ଟିମ୍ ପର୍ଯ୍ୟାୟକ୍ରମେ ଦିଲ୍ଲୀ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଯାଇଥିଲା। ମଧ୍ୟପ୍ରଦେଶରେ ତଦନ୍ତ ସମୟରେ ଉତ୍ତରାଖଣ୍ଡରେ ରାଜାର ଗତିବିଧି ସମ୍ପର୍କରେ ସୂଚନା ମିଳିଥିଲା। ପରେ କଟକ ପୁଲିସର ୬ ଜଣିଆ ଏକ ଟିମ୍ ତୁରନ୍ତ ଉତ୍ତରାଖଣ୍ଡର ଋଷିକେଶ ଗସ୍ତ କରିଥିଲେ।

ପୁଲିସ ସୂଚନାନୁଯାୟୀ, ଫେରାର୍ ରାଜାକୁ ଧରିବା ପାଇଁ ଋଷିକେଶର ସର୍କଲ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ମିଳିତ ଅପରେସନ୍‌ରେ କମିସନରେଟ୍ ପୁଲିସ ସାମିଲ ହୋଇଥିଲା। ପୁଲିସ ଟିମ୍ ଉକ୍ତ ଅଞ୍ଚଳର ଭିଡିଓ ଫୁଟେଜ୍ ଏବଂ ଅନ୍ୟାନ୍ୟ ବୈଷୟିକ ତଥ୍ୟ ଆଧାରରେ ଅଭିଯୁକ୍ତ ବିଷୟରେ ଗୁପ୍ତ ସୂଚନା ସଂଗ୍ରହ କରିଥିଲେ। ପରେ, ଗୋଟିଏ ପରେ ଗୋଟିଏ

**■ ଚୌଦ୍ୱାର ଜେଲରୁ ଦୁଇ ଅପରାଧୀ ଚମ୍ପଟ ଘଟଣା**
**■ ୬ ମାସରେ ୬ ରାଜ୍ୟରେ କରିଥିଲା ଆତ୍ମଗୋପନ**

ଗାଡ଼ି ଯାଞ୍ଚ କରିବା ଆରମ୍ଭ କରାଯାଇଥିଲା। ଏହି ଯାଞ୍ଚ ଅଭିଯାନ ସମୟରେ, ପୁଲିସ ଟିମ୍ ବିପି-୧୦-ଡିଏନ୍-୦୫୦୮ ନମ୍ବର ଥିବା ଏକ ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲା। ଋଷିକେଶଠାରୁ ୭୫ କିମି ଦୂରରେ ଥିବା ନଟ୍‌ରାଜ ଚୌକରୁ ତେହ୍‌ରି ଅଭିମୁଖେ ଯାଉଥିବା ରାସ୍ତାରେ ସୁମନ ପାର୍କ ନିକଟରେ ଏହି କାର୍‌କୁ ପୁଲିସ୍ ଅଟକାଇ ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର୍‌ର ପଛ ସିଟ୍‌ରେ ବସିଥିବା ବ୍ୟକ୍ତିଜଣଙ୍କ ରାଜା ସାହାଣୀ ବୋଲି ଚିହ୍ନଟ କରାଯାଇଥିଲା। ତାକୁ ଘଟଣାସ୍ଥଳରୁ ପୁଲିସ ଗିରଫ କରିଥିଲା। ତା' ପ୍ରେମିକା ମଧ୍ୟ ଉକ୍ତ କାର୍‌ରେ ବସିଥିଲା। ସେ ପ୍ରେମିକାକୁ ନେଇ ବୁଲିବା ପାଇଁ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ରାଜା ବେଗୁସରାଇ (ବିହାର) ଜିଲ୍ଲା ମୀରଗଞ୍ଜ ଥାନା ଅଧୀନରେ ଲୋଡ଼ିଆ ନଗର ନିବାସୀ ମହେଶ ସାହାଣୀଙ୍କ ପୁଅ ବୋଲି ପୁଲିସ କହିଛି। ପୂର୍ବରୁ କମିସନରେଟ୍ ପୁଲିସ ଦୁର୍ଦ୍ଦାନ୍ତ ରାଜାକୁ ଧରିବା ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ଗତ ୨୦୨୫ ଅକ୍ଟୋବର ୨ରେ ରାଜା ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକ ମହୀଶୂରରେ ଏକ ବଡ଼ ଲୁଟ୍ କରିଥିଲା। ଏକ ଗହଣା ଦୋକାନରୁ ୨୦ କୋଟିରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲା। ତାକୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବର ବିଭିନ୍ନ ସ୍ଥାନରେ ଡେରା ପକାଇ ରହିଥିଲା କଟକ କମିସନରେଟ୍ ପୁଲିସ ଟିମ୍।

ଏହା ପୂର୍ବରୁ ଗତ ଫେବ୍ରୁଆରୀରେ ରାଜା ସହ ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ସହଯୋଗୀ ମଧୁକାନ୍ତ ରାଣା ଧରାପଡ଼ିଥିଲା। ୨୦୨୫ ଜାନୁଆରୀ ୪ରେ ପାଣିକୋଇଲି ଛକରେ ଏକ ଜୁଏଲାରୀ ଦୋକାନ ଲୁଟ୍ ଓ ହତ୍ୟା ଘଟଣାରେ ଯାଜପୁର ପୁଲିସ ବିହାର ସାରନ ଜିଲ୍ଲାର ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଯାଜପୁରରୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ୨୦୨୫ ଅକ୍ଟୋବର ୩ ତାରିଖ ଭୋର୍ ସମୟରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ସୁଉଚ୍ଚ ପାଚେରୀରେ ପିନ୍ଧା କପଡ଼ାକୁ ଦୌଡ଼ି ସଦୃଶ ବାନ୍ଧି ଖସି ପଳାଇଥିଲେ। ଏନେଇ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ସିସିଟିଭି ଫୁଟେଜ୍, ବୈଷୟିକ ତଥ୍ୟ ଆଧାରରେ ବିଭିନ୍ନ ରାଜ୍ୟରେ ଚଢ଼ଉ କରିଥିଲେ ବି ସୁରାକ୍ ମିଳି ନଥିଲା। ଏହା ମଧ୍ୟରେ ଘଟଣାର ୫ମାସ ପରେ ଫେବ୍ରୁଆରୀ ୧୪ରେ କଟକ ପୁଲିସ ନାଟକୀୟ ଢଙ୍ଗରେ ଉତ୍ତରପ୍ରଦେଶ ବୃନ୍ଦାବନର ଏକ ଆଶ୍ରମରୁ ମଧୁକାନ୍ତ ରାଣାକୁ ଧରିବାରେ ସଫଳ ହୋଇଥିଲା। ସେ ଉକ୍ତ ଆଶ୍ରମରେ ବାସୁ ପାଣ୍ଡେ ପରିଚୟରେ କାମ କରୁଥିଲା। ତାକୁ କଟକ ଆଣି ଜେରା ପରେ ଜଣାପଡ଼ିଥିଲା ଯେ ଉଭୟ ଚୌଦ୍ୱାର ଜେଲରୁ ବାହାରି ଟ୍ରେନ୍ ଯୋଗେ ପ୍ରଥମେ ପୁରୀ ଯାଇଥିଲେ। ପୁରୀରେ ଗୋଟିଏ ଦିନ ରହିବା ପରେ ଟ୍ରେନ ଯୋଗେ ବିହାର ପଳାଇଥିଲେ। ସେଠାରୁ ଦୁଇଜଣ ଅଲଗା ହୋଇ ଭିନ୍ନଭିନ୍ନ ସ୍ଥାନକୁ ଯାଇଥିଲେ। ରିମାଣ୍ଡ ସମୟରେ ରାଜା ସମ୍ବନ୍ଧରେ ମଧୁକାନ୍ତଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ଦୁର୍ଦ୍ଦାନ୍ତ ରାଜାକୁ କଟକ ଅଣାଯିବା ପରେ ଜେରା କରାଯିବ ବୋଲି ପୁଲିସ ସୂଚନା ଦେଇଛି।

---

**ଖାକିରେ କଳଙ୍କ**

# ଉପରିସ୍ଥଙ୍କ ନିର୍ଯାତନା ଅସହ୍ୟ

## ଢେଙ୍କାନାଳରେ ଚାକିରି ଛାଡ଼ିଲେ, ରାୟଗଡ଼ାରେ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା, ୨।୪ (ସମିସ): ଉପରିସ୍ଥ ଅଧିକାରୀଙ୍କ ନିର୍ଯାତନା ସହି ନପାରି ଦୁଇ ଦିନ ତଳେ ଅନୁଗୋଳ ଜିଲ୍ଲାର ଜଣେ ମହିଳା ହାବିଲଦାର ଚାକିରିରୁ ଇସ୍ତଫା ଦେବା ଘଟଣା ସାରା ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଆଉ ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଯାତନା ସହି ନପାରି ଜଣେ କନେଷ୍ଟବଳ ଆତ୍ମହତ୍ୟା ଉଦ୍ୟମ

**ଭିଡିଓ ଭାଇରାଲ ପରେ ତୀବ୍ର ଆଲୋଡ଼ନ**

କରିଛନ୍ତି। ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ, ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ଅକ୍ଷୟ ଶବର। ଅପରପକ୍ଷେ, ଅକ୍ଷୟଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରେ ସେ କହୁଛନ୍ତି ଯେ ରାୟଗଡ଼ା ରିଜର୍ଭ ଇନ୍ସପେକ୍ଟର ତାଙ୍କୁ ନିର୍ଯାତନା ଦେଉଛନ୍ତି। ତେଣୁ ସେ ଏଥିରେ ଅତିଷ୍ଠ ହୋଇ ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ୫ଦିନ ତଳେ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖରେ ସେ ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ମା' ମଝିଘରିଆଣି ମନ୍ଦିରରେ ଡ୍ୟୁଟି କରି ଫେରିବା ପରେ ମାର୍ଚ୍ଚ ୨୯ରେ ସେ ବିଷ ପିଇ ଦେଇଥିଲେ ବୋଲି ଜଣାପଡ଼ିଛି।

ତେବେ ଏ ସଂପର୍କରେ ରିଜର୍ଭ ଇନ୍ସପେକ୍ଟର୍ କବିବର ଦେହୁରୀ ପ୍ରତିକ୍ରିୟାରେ କହିଛନ୍ତି, ଏହା ତାଙ୍କ ପାରିବାରିକ ସମସ୍ୟା ଏବଂ ଗତବର୍ଷ ମିନାଝୋଲାରେ ଡ୍ୟୁଟି କରୁଥିବା ବେଳେ ଅକ୍ଷୟ ପୁଲିସ ବିଭାଗର ବାଇକ୍‌କୁ କେଉଁଠି ହଜାଇ ଦେଇଥିଲେ। ଏନେଇ ତାଙ୍କୁ କୈଫିୟତ ମଗାଯିବା ସହ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ସେ ପ୍ରତିକ୍ରିୟାଶୀଳ ହୋଇ ଏପରି କହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତାଙ୍କୁ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନୁଗୁଳ ଜିଲ୍ଲାରେ ଜଣେ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ଉପରିସ୍ଥ ଅଧିକାରୀଙ୍କ ମାନସିକ ନିର୍ଯାତନାରେ ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ସମ୍ପୃକ୍ତ ହାବିଲଦାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଥିଲେ। ଯାହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଯେଉଁଠି ଜଣେ ମହିଳା ପୁଲିସ କର୍ମଚାରୀ ନିର୍ଯାତନାର ଶିକାର ହୋଇଛନ୍ତି ସେଠି ସାଧାରଣ ଲୋକମାନଙ୍କୁ କିଏ ନ୍ୟାୟ ଦେବ ବୋଲି ପ୍ରଶ୍ନ ଉଠିଛି।

---

**ମହାବୀର ଆଶ୍ରମରେ ଅଭାବନୀୟ ଘଟଣା**

# ସିଦ୍ଧିପ୍ରାପ୍ତ ପାଇଁ ଜିଭ କାଟିଲେ ତାନ୍ତ୍ରିକ



ପାରାଦୀପ,୨।୪(ସମିସ): ପାରାଦୀପ ଉପକଣ୍ଠ ନୂଆଗାଁ ମହାବୀର ଆଶ୍ରମ ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ତାନ୍ତ୍ରିକ ତନ୍ତ୍ରରେ ସିଦ୍ଧିପ୍ରାପ୍ତ ପାଇଁ ନିଜର ଜିଭ କାଟି ଦେଇଛନ୍ତି। ଏହି ଘଟଣା ବାଲିତୁଠ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରତିଦିନ ଭଳି ଗତ ମଙ୍ଗଳବାର ନୂଆଗାଁ ମହାବୀର ଆଶ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ପ୍ରସାଦ ସେବନ ପରେ ଆଶ୍ରମ ଅନ୍ତେବାସୀଙ୍କୁ ଛାଡ଼ିଦେଲେ ଅନ୍ୟ ଭକ୍ତମାନେ ଚାଲି ଯାଇଥିଲେ। ସନ୍ଧ୍ୟାରେ କୁଜଙ୍ଗ ବ୍ଲକ୍ କାଳିଆପାଟ ଗ୍ରାମ ନିକଟ କାବଲପୁର ଗ୍ରାମର ଜଣେ ତାନ୍ତ୍ରିକ ମହାବୀର ଆଶ୍ରମ ଭିତରେ ରହିଯାଇଥିଲେ। ଅନ୍ଧାର ହେବାରୁ କିଏ କେଉଁଆଡ଼େ ଚାଲିଯିବା ପରେ ଜଣାପଡ଼ିଥିଲା ଯେ ଜଣେ ତାନ୍ତ୍ରିକ ଆଶ୍ରମ ପରିସରରେ ଲୁଚି ରହି ବିଳମ୍ବିତ ରାତ୍ରିରେ ତନ୍ତ୍ର ସାଧନା କରିବା ସହ ନିଜ ଜିଭକୁ ନିଜେ କାଟି ଦେଇଥିଲେ।

ପ୍ରଚୁର ରକ୍ତସ୍ରାବ ଓ ଯନ୍ତ୍ରଣା ହେବାରୁ ଚିତ୍କାର କରିବା ସହ ଆଶ୍ରମ ପରିସରରେ ଥିବା ଅନ୍ତେବାସୀଙ୍କୁ ଡାକ ପକାଇଥିଲେ। ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଆଶ୍ରମରେ ରହୁଥିବା ସେବକମାନେ ବିଳମ୍ବ ନ କରି ସ୍ଥାନୀୟ ପୁଲିସକୁ ଜଣାଇବା ପରେ ପୁଲିସ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାନ୍ତ୍ରିକକୁ କୁଜଙ୍ଗ ଓ ପରେ ଜଗତସିଂହପୁର ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ତାନ୍ତ୍ରିକ ଜଣଙ୍କ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

---

**ଅଣ୍ଡା ବଜାରରେ ବିଚିତ୍ର ସ୍ଥିତି**

# ଦର କମିଲା; ମାତ୍ର ଚାହିଦା ନାହିଁ

ଭୁବନେଶ୍ୱର,୨।୪ (ସମିସ): ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତିରେ ଦେଶ ତଥା ରାଜ୍ୟର ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଛି। ଏହାର ପ୍ରଭାବ ରାଜ୍ୟର ଅଣ୍ଡାଚାଷୀଙ୍କ ଉପରେ ପଡ଼ିଛି। ଯୁଦ୍ଧ ପ୍ରଭାବରେ ବିଦେଶକୁ ଅଣ୍ଡା ରପ୍ତାନୀ ସମ୍ପୂର୍ଣ୍ଣ ବନ୍ଦ ପରେ ଫାର୍ମଗୁଡ଼ିକରେ ଉତ୍ପାଦିତ ହେଉଥିବା ଦୈନିକ କୋଟିକୋଟି ଅଣ୍ଡା ପାଇଁ ରାଜ୍ୟରେ ବଜାର ନାହିଁ। ସେପଟେ ରପ୍ତାନୀ ହ୍ରାସ ଓ ଏପଟେ ଗ୍ୟାସ ସଙ୍କଟ ଯୋଗୁଁ ସ୍ଥାନୀୟ ହୋଟେଲ, ରେସ୍ତୋରାଁରେ ଚାହିଦା ହ୍ରାସ ରାଜ୍ୟର ଅଣ୍ଡାଚାଷୀଙ୍କୁ ହତାଶ କରିଛି।

ଆକଳନ ଅନୁସାରେ, ଓଡ଼ିଶାରେ ଦୈନିକ ୧ କୋଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି। ଏହା ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୬୪ଟି ଫାର୍ମରୁ ନିୟମିତ ପ୍ରାୟ ୫୦ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ପ୍ରତିଦିନ ରାଜ୍ୟରୁ ଲକ୍ଷଲକ୍ଷ ଅଣ୍ଡା ପଡ଼ୋଶୀ ରାଜ୍ୟ ସହ ବିଦେଶକୁ ରପ୍ତାନୀ କରାଯାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଏବେ ରାଜ୍ୟରୁ ବିଦେଶକୁ ଅଣ୍ଡା ରପ୍ତାନୀ ହୋଇ ପାରୁନାହିଁ। ଉପସାଗରୀୟ ଦେଶଗୁଡ଼ିକୁ ସବୁଠାରୁ ଅଧିକ ଅଣ୍ଡା ରପ୍ତାନୀ କରୁଥିବା ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି। ତେଣୁ, ସେମାନେ କମ୍ ଦରରେ ଓଡ଼ିଶାକୁ ଅଣ୍ଡା ପଠାଇବାକୁ ଯୋଜନା କରିଛନ୍ତି। ରାଜ୍ୟରେ ଉତ୍ପାଦିତ ଅଣ୍ଡା ବିକ୍ରି ହୋଇ ପାରୁ ନଥିବା ସମୟରେ ଅନ୍ୟ ରାଜ୍ୟରୁ ଅଧିକ ଅଣ୍ଡା କମ୍ ମୂଲ୍ୟରେ ଓଡ଼ିଶାକୁ ଆସିଲେ ରାଜ୍ୟରେ ଅଣ୍ଡାଚାଷୀ ଆହୁରି ସମସ୍ୟାର ସମ୍ମୁଖୀନ ହେବେ ଓ ଦୈନିକ



ଲକ୍ଷଲକ୍ଷ ଟଙ୍କା କ୍ଷତି ସହିବାରେ ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟରୁ ଅଣ୍ଡା ରପ୍ତାନୀ ବାହାର ଦେଶକୁ ବନ୍ଦ ରହିଥିବା ବେଳେ କିଛି ପରିମାଣର ଅଣ୍ଡା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ , ବିହାର ଓ ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକୁ ପଠାଯାଇଥାଏ କରାଯାଏ। ସେହିପରି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଉତ୍ପାଦିତ ଅଣ୍ଡା କିଛି ପରିମାଣରେ ଓଡ଼ିଶା ବଜାରରେ ମଧ୍ୟ ବିକ୍ରି ହୁଏ। ଇରାନ ଉପରେ ଆମେରିକା ଆକ୍ରମଣ ପୂର୍ବରୁ ଓଡ଼ିଶାରେ ପ୍ରତି ଅଣ୍ଡାର ୭ରୁ ୮ ଟଙ୍କାରେ ବିକ୍ରି ହେଉଥିଲା। ବର୍ତ୍ତମାନ ମୂଲ୍ୟ ୫ଟଙ୍କାକୁ ଖସି ଆସିଛି। ପୂର୍ବରୁ ଅଣ୍ଡା ଟ୍ରେର ପାଇକାରୀ ମୂଲ୍ୟ ୨୦୦-୨୨୦ ଟଙ୍କା ଥିବାବେଳେ ଏବେ ତାହା ୧୫୦ ଟଙ୍କାକୁ କମି ଯାଇଛି। ଉତ୍ପାଦନ ତୁଳନାରେ ଅଣ୍ଡା ସଂରକ୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ

**ଗୋଟିଏ ଅଣ୍ଡାରେ ଦେଢ଼ ଟଙ୍କା କ୍ଷତି ସହୁଛି ଚାଷୀ**

ନଥିବାରୁ ବ୍ୟବସାୟୀମାନେ ଅଣ୍ଡାଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରିଦେଉଛନ୍ତି। ଅପରପକ୍ଷେ, ଇନ୍ଧନ ଓ ଗ୍ୟାସ୍‌ର ଅଭାବ ମଧ୍ୟ ଅଣ୍ଡା ବ୍ୟବସାୟକୁ ମାନ୍ଦା କରିଛି। ଗ୍ୟାସ୍ ଦରବୃଦ୍ଧି, ବଜାରରେ ଗ୍ୟାସ୍‌ର ଅଭାବ ଯୋଗୁଁ ବିଭିନ୍ନ ହୋଟେଲ ଏବଂ ଫାଷ୍ଟଫୁଡ୍ ସେଣ୍ଟର ଗୁଡିକ ବ୍ୟବସାୟ କମାଇ ଦେଇଛନ୍ତି। ତେଣୁ ସ୍ଥାନୀୟ ବଜାରରେ ପୂର୍ବାପେକ୍ଷା ଚାହିଦା ଯଥେଷ୍ଟ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ଅଣ୍ଡା ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ପ୍ରଦାନ ପାଇଁ ମଧ୍ୟ ଦାବି ହୋଇଛି।

---

# ଯୁବ କଂଗ୍ରେସର ସଚିବାଳୟ ଘେରାଉ

ଭୁବନେଶ୍ୱର, ୨।୪(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତି ବର୍ଷ ୨କୋଟି ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ କେତେ ନିଯୁକ୍ତି ହେଲା, ତାହାର ଜବାବ ଦେବାକୁ ପଡ଼ିବ। ଦେଶର ଯୁବକ ଆଜି ଉତ୍କଟ ବେକାରୀ ସମସ୍ୟା ସହ ଯୁଝୁଛନ୍ତି। ଦେଶରେ ନିଜର ଭବିଷ୍ୟତ ଗଢ଼ି ନପାରି ରୋଜଗାର ପାଇଁ ବିଦେଶ ପଳାଉଛନ୍ତି। ଓଡ଼ିଶାରେ ଏକ ଅଦ୍ଭୁତ ସରକାର ଅଛି। ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି ବୋଲି ଏଆଇସିସି ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ଗୁରୁବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଆୟୋଜିତ 'ଯୁବକ୍ରାନ୍ତି ସମାବେଶ'ରେ ଯୋଗ ଦେଇ ଶ୍ରୀ ଚିବ୍ କହିଛନ୍ତି, କଟକ ବଡ଼ ଡାକ୍ତରଖାନାରେ ରୋଗୀ ହତ୍ୟା ଘଟଣା ଓଡ଼ିଶାର ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି। ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି ଏବଂ ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା । ପ୍ରତ୍ୟେକ ଦିନ ଓଡ଼ିଶାର ନାରୀ ଦୁଷ୍କର୍ମର ଶିକାର ହେଉଛି। ନାରୀ ସୁରକ୍ଷା ସ୍ଥିତି



ରାଜ୍ୟରେ ଅତି ଗମ୍ଭିର। ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନକଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶ୍ରୀ ଚିବ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଉପସ୍ଥିତ କହିଥିଲେ ଯେ ବିଜେପି ସରକାରରେ ଦେଶ ଏବଂ ରାଜ୍ୟ ସଂପୂର୍ଣ୍ଣ ରସାତଳଗାମୀ ହେଲାଣି। ପ୍ରତ୍ୟେକ କ୍ଷେତ୍ରରେ ଏମାନେ ଫେଲ୍ ମାରିଛନ୍ତି। ନା ଦେଶକୁ ସୁରକ୍ଷା ଦେଇପାରୁଛନ୍ତି ନା ନାରୀ, ଯୁବକ, କୃଷକ ଓ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେଇପାରୁଛନ୍ତି। ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାର ଯୁବକମାନଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ-ପ୍ରଭାରୀ ରିଆନା ରାଜୁ, ସହ-ପ୍ରଭାରୀ ଖୁସି ଟିଗା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ୟାସିର ନୱାଜ, କୃଷ୍ଣ ମହାନ୍ତି ପ୍ରମୁଖ ରାଜ୍ୟ ସରକାରଙ୍କର ଯୁବ ବିରୋଧୀ, କୃଷକ ବିରୋଧୀ ଓ ମହିଳା ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜ୍ୟ ଯୁବ କଂଗ୍ରେସର ପଦାଧିକାରୀ ଏବଂ ଜିଲ୍ଲା ସଭାପତିମାନଙ୍କ ସହ ଶହଶହ ଯୁବ କଂଗ୍ରେସ କର୍ମକର୍ତ୍ତା ୫ଦଫା ଦାବିରେ ସଚିବାଳୟ ଘେରାଉ କରିବା ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇ ଗିରଫ ହୋଇଥିଲେ।

---

# ଡାହାଣୀ ସନ୍ଦେହ: ଖୁଡ଼ୀକୁ ପଥରରେ ଛେଚିଦେଲା

ରାସଗୋବିନ୍ଦପୁର, ୨।୪(ସମିସ): ଡାହାଣୀ ସନ୍ଦେହରେ ଖୁଡ଼ୀକୁ ପଥରରେ ଛେଚି ହତ୍ୟା ଉଦ୍ୟମ। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ସଂସା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଆକ୍ରମଣରେ ଗୁରୁତର ମହିଳାଜଣଙ୍କ ହେଲେ, ଗ୍ରାମର ସୋମବାରୀ ହାଁସଦା। ଗୁରୁତର ସୋମବାରୀଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ସୋମବାରୀ ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୨ଟାରେ ପୁତୁରା ଶ୍ୟାମ ହାଁସଦା ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଏକ ବଡ଼ ପଥରରେ ସୋମବାରୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେବେ ସୋମବାରୀ ମଶାରି ଭିତରେ ଶୋଇଥିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୋମବାରୀଙ୍କ ଚିତ୍କାର ଶୁଣି ପରିବାରଲୋକେ ଉଠି ପଡ଼ିବାରୁ ଶ୍ୟାମ ସେଠାରୁ ଫେରାର୍ ହୋଇଯାଇଥିଲା। ପାରିବାରିକ ବିବାଦ ଏବଂ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସୋମବାରୀଙ୍କୁ ଡାହାଣୀ ସନ୍ଦେହରେ ଶ୍ୟାମ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛି ବୋଲି ପରିବାରଲୋକ କହିଛନ୍ତି।

---

# କଇଁଛ ତୀର୍ଥସ୍ଥଳୀ ଗହୀରମଥା ଏବେ ଖାଁ ଖାଁ

ରାଜନଗର, ୨।୪(ସମିସ): କଇଁଛଙ୍କ ଏନ୍ତୁଡ଼ିଶାଳ ବିଶ୍ୱପ୍ରସିଦ୍ଧ ଗହୀରମଥା ଏବେ ଖାଁ ଖାଁ। ସମୟ ଗଡ଼ିଗଡ଼ି ଯାଉଛି; ହେଲେ, ଏଯାଏ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଗତବର୍ଷ ମାର୍ଚ୍ଚ ୬ରୁ ୧୦ତାରିଖ ଭିତରେ ସବୁ ଆଶା ଆଶଙ୍କାକୁ

**ମାଆ କଇଁଛ ଅଣ୍ଡା ନ ଦେଇ ଫେରିଯିବେ କି କର୍ମଭୂମି**



ପଛରେ ପକାଇ ସର୍ବାଧିକ ୬ଲକ୍ଷ କଇଁଛ ସମୂହ ଅଣ୍ଡାଦାନ କରି ରେକର୍ଡ ସୃଷ୍ଟି କରିଥିଲେ। ଚଳିତବର୍ଷ ଏଯାଏ ଲକ୍ଷଲକ୍ଷ ମାଆ କଇଁଛ କୂଳଠାରୁ ମାତ୍ର କେଇ ଗଜ ଦୂରରେ ଅନୁକୂଳ ପାଗ ଅପେକ୍ଷାରେ ରହିଥିବା ଡିଏଫ୍‌ଓ ଶ୍ରୀ ଗାଓଁଙ୍କର କହିଛନ୍ତି। କିନ୍ତୁ, ବିଶେଷଜ୍ଞଙ୍କ ମତ କିନ୍ତୁ ଅଲଗା। ସେମାନଙ୍କ କହିବା କଥା, କଇଁଛମାନେ ୧୦ରୁ ୧୨ବର୍ଷ ପରେ ଥରେଥରେ ଅଣ୍ଡା ନ ଦେଇ ଫେରିଯା'ନ୍ତି। ବର୍ତ୍ତମାନ ପ୍ରତିକୂଳ ପରିବେଶ ପ୍ରତିବନ୍ଧକର ମୁଖ୍ୟ କାରଣ ବୋଲି କୁହାଯାଉଛି। ଋଷିକୂଲ୍ୟାରେ ହୋଇଥିବା ସମୂହ ଅଣ୍ଡାଦାନ ସଂଖ୍ୟା ଖୁବ୍ ନଗଣ୍ୟ ହୋଇଥିବା ବେଳେ ଗହୀରମଥାରେ ସମୂହ ଅଣ୍ଡାଦାନକୁ ସଭିଏଁ ଅପେକ୍ଷା କରିଛନ୍ତି।

ପ୍ରକୃତିର ବିବର୍ତ୍ତନରେ ଧୀରେ ଧୀରେ ସାତ କିଲୋମିଟର ବ୍ୟାପୀ ଏହି ଗହୀରମଥା ଦ୍ୱୀପଟି ସାଗର ଗର୍ଭରେ ଲୀନ ହୋଇ ଏବେ ୧ କିମିକୁ ସଂକୁଚିତ ହୋଇସାରିଛି। ଏହା ପ୍ରାଣୀ ବୈଜ୍ଞାନିକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଲାଣି। ଅପରପକ୍ଷେ, ଅନ୍ଧାର ପକ୍ଷ ସହ ଦକ୍ଷିଣା-ପୂବେଇ ପବନ ଆଗମନରେ ହିଁ ସମୂହ ଅଣ୍ଡାଦାନ କରିବା ସମୟ ଅନୁକୂଳ ହୋଇଥାଏ। ଚଳିତବର୍ଷ ସର୍ବାଧିକ କଇଁଛ ଏନ୍ତୁଡ଼ିଶାଳରେ ଲୀଳାଖେଳା କରିବା ପୂର୍ବରୁ ସ୍ୱର୍ଗଦ୍ୱାରମୁହାଁ ହେଉଛନ୍ତି। ଏହା ପରିବେଶ ସୁରକ୍ଷାକର୍ମୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି।

---

# ହିତାଧିକାରୀ କୋଟିଏ; ପିଏନ୍‌ଜି ସଂଯୋଗ ମାତ୍ର ୩%

## ୩ ମାସରେ ବଡ଼ ସହରରେ ପାଇପ୍ ଗ୍ୟାସ୍ ଯୋଗାଣ ପାଇଁ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୨।୪(ସମିସ): ରାଜ୍ୟର ସହରାଞ୍ଚଳରେ ଏଲ୍‌ପିଜି ବଦଳରେ ଏବେ ପାଇପଡ୍ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ଯୋଗାଇ ଦିଆଯିବ। ୩ ମାସରେ ରାଜ୍ୟର ସବୁ ବଡ଼ ସହରରେ ଏହି କାର୍ଯ୍ୟ ଶେଷ କରାଯିବ । ଲୋକସେବା ଭବନରେ ତୈଳ କମ୍ପାନୀମାନଙ୍କ ପ୍ରତିନିଧି ଏବଂ ଯୋଗାଣ ବିଭାଗ ସଚିବଙ୍କ ସହ ବୈଠକ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ଏହି ସୂଚନାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରାଞ୍ଚଳରେ ପିଏନ୍‌ଜି ସଂଯୋଗକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଖାଉଟି ପିଏନଜି ସଂଯୋଗ ନେବେ, ସେମାନେ ଆଉ ଏଲ୍‌ପିଜି ବ୍ୟବହାର କରିପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ପିଏନଜି ଭିତ୍ତିଭୂମି ବର୍ତ୍ତମାନ ହାତଗଣତି ସହରରେ ଉପଲବ୍ଧ। ଓଡ଼ିଶାର ୧୨ଟି ଜିଓଗ୍ରାଫିକାଲ ଏରିଆ (ଜିଏ)ରେ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ୍ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ପିଏନଜି ଯୋଗାଣ କେବଳ ଅଳ୍ପ କିଛି ସହର ଓ ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ। ବର୍ତ୍ତମାନ ରାଜ୍ୟର ପ୍ରାୟ ୧ କୋଟିରୁ ଅଧିକ ପରିବାର ଏଲପିଜି ଗ୍ୟାସ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ୬୦-୬୫ ଲକ୍ଷ ଓ ସହରାଞ୍ଚଳରେ ୧୮-୨୦ ଲକ୍ଷ ଗ୍ୟାସ ଉପଭୋକ୍ତା ରହିଛନ୍ତି। ହେଲେ ଏହି ସଂଖ୍ୟା ମଧ୍ୟରୁ କେବଳ ୨ରୁ ୩ ଲକ୍ଷ ପରିବାରକୁ ବର୍ତ୍ତମାନ ସୁଦ୍ଧା ପିଏନଜି ସଂଯୋଗ ହୋଇପାରିଛି। ଏହା ମୋଟ ଘରୋଇ ପରିବାରର କେବଳ ୨-୩ ପ୍ରତିଶତ ରହିଥିବା ବେଳେ କିପରି ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ହେବ ଓ ଏଲ୍‌ପିଜି ଅଭାବର ମୁକାବିଲା ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ରାଜଧାନୀ ଭୁବନେଶ୍ୱର ଓ କଟକ ଭଳି ସହରରେ ମଧ୍ୟ ପିଏନଜି ସେବା ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ ଅଛି। ସରକାରଙ୍କ ପକ୍ଷରୁ ୧୯ଟି ଜିଲ୍ଲାକୁ ପିଏନଜି ନେଟୱର୍କ ଭିତରେ ଆଣାଯାଇଥିବା କୁହାଯାଉଥିବାବେଳେ, ପ୍ରାୟ ୬ରୁ ୮ଟି ଜିଲ୍ଲାରେ ମାତ୍ର ବ୍ୟବହାରିକ ଭାବେ ଗ୍ୟାସ ଯୋଗାଣ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଶୂନ ପ୍ରତିଶତ ରହିଛି।

ପାଇପଲାଇନ୍ ବିଛାଇବାର ମନ୍ଥର ଗତି, ଅଧିକ ଖର୍ଚ୍ଚ ଓ ପ୍ରାରମ୍ଭିକ ଚାହିଦାର ଅଭାବ ଯୋଗୁଁ ପିଏନଜି ପ୍ରକଳ୍ପ ଗତି ରାଜ୍ୟରେ ଉତ୍ସାହଜନକ ହୋଇନାହିଁ। ଏହି ପରିସ୍ଥିତିରେ ମନ୍ତ୍ରୀଙ୍କ ଦାବି ଓ କ୍ଷେତ୍ରସ୍ତରରେ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ରାଜ୍ୟର ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ଝାରସୁଗୁଡ଼ାରେ ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ପାଇଁ କିଛି ମାତ୍ରାରେ ପାଇପ୍ ବିଛାଯାଇଛି। ଏହି ସହରରେ ପ୍ରାୟ ୪ ହଜାରରୁ ୫ ହଜାର କିଲୋମିଟ୍‌ର ପାଇପ୍ ବିଛାଇବା ପରେ ପ୍ରାୟ ସବୁ ଘରକୁ ପାଇପ ଯୋଗେ ଗ୍ୟାସ ଯୋଗାଣ ସୁନିଶ୍ଚିତ ହୋଇପାରିବ। ହେଲେ ଏବେ ସୁଦ୍ଧା ମାତ୍ରା ୧ ହଜାରରୁ ୧୫୦୦ କିମି ପାଇପ୍ ବିଛାଇବାରେ କମ୍ପାନୀ କର୍ତ୍ତୃପକ୍ଷମାନେ ସକ୍ଷମ ହୋଇପାରିଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ପୂର୍ବଭଳି ଏଲପିଜି ସିଲିଣ୍ଡର ସେବା ଜାରି ରହିବ ଓ ଏଲପିଜି ନେଇଥିବା ହିତାଧିକାରୀଙ୍କ ଇ-କେୱାଇସି କରିବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ରାସନ କାର୍ଡ ଭଳି ଗ୍ୟାସ ପାଇଁ ଇ-କେୱାଇସି ହେବ ଓ ଏଥିରେ ମୃତ ବ୍ୟକ୍ତି କିମ୍ବା ଅନ୍ୟ କାହା ନାଁରେ ଗ୍ୟାସ ସିଲିଣ୍ଡର ବୁକ୍ ହେଉଥିଲେ ଏହା କଟାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

# ପୁଣି ସମ୍ବଲପୁର କୋର୍ଟକୁ ଉଡ଼ାଇଦେବାକୁ ଧମକ

ସମ୍ବଲପୁର, ୨।୪ (ସମିସ)

ଗୁରୁବାର ଦିନ ପୁଣି ତୃତୀୟଥର ପାଇଁ ସମ୍ବଲପୁର ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ଧମକ ଦିଆଯାଇଛି। ସମ୍ବଲପୁର ପୁଲିସ ଦ୍ୱାରା ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା। ଏହାପରେ ସବୁକିଛି ସୁରକ୍ଷିତ ଥିବା ନିଶ୍ଚିତ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ସାମିଲ ଥିବାବେଳେ ମେଟାଲ ଡିଟେକ୍ଟର, ଅପଟିକାଲ ଫାଇବର୍ ସ୍କୋପ ଆଦି ଉପକରଣ ବ୍ୟବହାର କରାଯାଇଥିଲା। ଅଗ୍ନିଶମ ବିଭାଗର ଦମକଳ ଗାଡ଼ି ମଧ୍ୟ ଆଗ୍ନିକ ମାନଙ୍କ ସହ ଉପସ୍ଥିତ ରହିଥିଲା। ଏଭଳି ବାରମ୍ବାର ଧମକପୂର୍ଣ୍ଣ ଇ-ମେଲ୍ ଆସୁଥିବାବେଳେ ଓକିଲ ଓ ମହକିଲମାନେ ଶଙ୍କାଗ୍ରସ୍ତ ହୋଇ ରହୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୯ ତାରିଖରେ କଟକ ହାଇକୋର୍ଟ ଓ ଦେବଗଡ଼ ଜିଲ୍ଲା କୋର୍ଟ ସହ ସମ୍ବଲପୁର ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ଇ-ମେଲ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ତୁରନ୍ତ ଅଦାଲତ ପରିସରକୁ ଖାଲି କରାଯାଇ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରିବାପରେ ଅପରାହ୍ଣ ପ୍ରାୟ ୩ଟାରୁ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



ଏହାପରେ ଫେବୃଆରୀ ୬ ତାରିଖରେ କଟକ, ପୁରୀ, ଫୁଲବାଣୀ ଆଦି ବିଭିନ୍ନ ଜିଲ୍ଲା କୋର୍ଟକୁ ବୋମା ଧମକ ପରେ ସମ୍ବଲପୁର ଜିଲ୍ଲା କୋର୍ଟରେ ପୁଲିସ ହାଇଆଲର୍ଟ ଜାରି କରି କୋର୍ଟ ପରିସର ଯାଞ୍ଚ କରାଯାଇଥିଲା। ଦ୍ୱିତୀୟଥର ପାଇଁ ମାର୍ଚ୍ଚ ୨ ତାରିଖରେ ସମ୍ବଲପୁର ଜିଲ୍ଲା ଅଦାଲତ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ୍ ଧମକ ଆସିଥିଲା। ସମ୍ବଲପୁର ସହ ବରଗଡ଼ ଓ ଅନ୍ୟ ଜିଲ୍ଲାକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା।

ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି, କୋର୍ଟ ପରିସରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରାଯାଉଛି। ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ପୁଲିସ ବ୍ଲକିଂ ଜାରି ରଖିଛି। ଏହାକୁ ମିଶାଇ ତୃତୀୟଥର ପାଇଁ ଧମକପୂର୍ଣ୍ଣ ଇ-ମେଲ୍ ଆସିଛି। ସାଇବର ସେଲ୍‌ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଇ-ମେଲ୍‌ର ମୂଳସ୍ଥାନ ଦେଶ ବାହାରର ଆଇପି ନମ୍ବର ଦେଖାଉଛି ଏବଂ ଅଧିକ ତଦନ୍ତ ଜାରିରହିଥିବା ଏଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ଏବଂ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତ କହିଛନ୍ତି, କୋର୍ଟ ପରିସରକୁ ବନ୍ଦ କରି ଅତ୍ୟଧିକ ନିୟନ୍ତ୍ରଣ ଲାଗୁ କରାଗଲେ ମହକିଲଙ୍କ ସହିତ ଓକିଲମାନେ ଭୟଭୀତ ହେବେ ଏଣୁ ସବୁକିଛିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରାଯିବା ଉଚିତ। କେବଳ ସମ୍ବଲପୁର ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲା ଅଦାଲତ ଏବଂ ହାଇକୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସୁଛି। ଏଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସୁରକ୍ଷା ସକାଶେ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପୁରୋହିତ ମତବ୍ୟକ୍ତ କରିଛନ୍ତି।

# ସମ୍ବଲପୁର ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଦୃଢ଼ ଅଭିବୃଦ୍ଧି

**ସମ୍ବଲପୁର, ୨।୪(ସମିସ):** ସମ୍ବଲପୁର ରେଳ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଭଲ ପ୍ରଦର୍ଶନ କରିଛି। ମାଲ ପରିବହନ ଲୋଡିଂରେ ୯.୩୮ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଗତ ବର୍ଷ ୨୨.୯୧ ନିୟୁତ ଟନ୍‌ରୁ ୨୦୨୫-୨୬ରେ ୨୫.୦୬ ନିୟୁତ ଟନ୍ ବୃଦ୍ଧି ପାଇଛି। ମାଲ ଅନଲୋଡିଂରେ ମଧ୍ୟ ୨୨.୬୭ପ୍ରତିଶତ ବୃଦ୍ଧି ଦେଖାଯାଇଛି। ଯାହା ୩୯.୬୫ ନିୟୁତ ଟନ୍‌ରୁ ୪୬.୮୪ ନିୟୁତ ଟନ୍ ବୃଦ୍ଧି ପାଇଛି। ସର୍ବାଧିକ ୨୮୬.୩ ନିୟୁତ ଟନ୍ ମାଲ ପରିବହନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୋଟ ଯାତ୍ରୀ ଯାତାୟାତ ୩.୫୨ପ୍ରତିଶତ ବୃଦ୍ଧି ପାଇଛି, ଯାହା ୧୧.୩୫ ନିୟୁତରୁ ୧୧.୭୫ ନିୟୁତ ହୋଇଛି। କୋଚିଂ ରାଜସ୍ୱ ୭.୦୨ପ୍ରତିଶତ ବୃଦ୍ଧି ହୋଇ ୨୪୧.୫୨ କୋଟିରୁ ୨୫୮.୪୮ କୋଟି ଟଙ୍କା ହୋଇଛି। ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ୩୫୪୯.୯୦ କୋଟିଟଙ୍କାର ମୋଟ ରାଜସ୍ୱ ରେକର୍ଡ କରିଛି। ଯାହା ପୂର୍ବ ବର୍ଷର ୩୪୬୯.୪୮ କୋଟି ଟଙ୍କା ରାଜସ୍ୱ ତୁଳନାରେ ୨.୩୨ପ୍ରତିଶତ ବୃଦ୍ଧି ପାଇଛି। ୧୮୩୦୧/୧୮୩୦୨ (ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର), ୧୮୩୦୩/୧୮୩୦୪ (ସମ୍ବଲପୁର-ପୁରୀ-ସମ୍ବଲପୁର), ଏବଂ ୨୦୮୦୯/୨୦୮୧୦ ସମ୍ବଲପୁର-ନାନ୍ଦେଡ-ସମ୍ବଲପୁର) ଟ୍ରେନକୁ ଏଲଏଚବି କୋଚରେ ପରିବର୍ତ୍ତନ କରାଯାଇଛି। ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ, ମଣ୍ଡଳ ଦୁଇଟି ନୂତନ ଟ୍ରେନ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍ ଏବଂ ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂତନ-ବୌଦ୍ଧ ଏକ୍ସପ୍ରେସ୍ ସେବା ଆରମ୍ଭ କରିଛି। ଏହା ବ୍ୟତୀତ, ପୁରୁଣାକଟକ ପର୍ଯ୍ୟନ୍ତ ୧୨୮୯୩/୧୨୮୯୪ ଭୁବନେଶ୍ୱର-ସୋନପୁର ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ କରିଛି। ଆଠଟି ଟ୍ରେନ ପାଇଁ ୧୧ଟି ଅତିରିକ୍ତ ଷ୍ଟପେଜ୍ ମଧ୍ୟ ଯୋଗାଇ ଦିଆଯାଇଥିଲା। ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ, ବର୍ଷକ ମଧ୍ୟରେ ବରପାଲି ଷ୍ଟେସନ ବିକାଶ କାର୍ଯ୍ୟ ସମାପ୍ତ ହୋଇଥିଲା। ମଣ୍ଡଳ ତିନୋଟି ଷ୍ଟେସନରେ ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍ କାର୍ଯ୍ୟକ୍ଷମ, ଚାରୋଟି ନୂତନ ଲିଫ୍ଟ ସ୍ଥାପନ ଏବଂ ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇଁ ପ୍ଲାଟଫର୍ମ ଆଶ୍ରୟସ୍ଥଳୀ ବିସ୍ତାର କରିଛି। ସମ୍ବଲପୁର ଏବଂ ଆରଙ୍ଗ ମହାନଦୀ ଷ୍ଟେସନରେ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ସମାପ୍ତ କରିଛି। ୯୭ କିଲୋମିଟରରୁ ଅଧିକ ସେକ୍ସନାଲ୍ ବେଗ ୧୧୦ କିଲୋମିଟର ପ୍ରତି ଘଣ୍ଟାକୁ ବୃଦ୍ଧି କରାଯାଇଛି, ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ ଟ୍ରେନ ପରିଚାଳନାକୁ ସକ୍ଷମ କରିଛି। ବର୍ଷକ ମଧ୍ୟରେ, ପାଞ୍ଚଟି ମାନବଯୁକ୍ତ ଲେଭଲ୍ କ୍ରସିଂକୁ ଉଚ୍ଛେଦ କରାଯାଇଥିଲା ଏବଂ ଦୁଇଟିକୁ ଇଣ୍ଟରଲକଡ୍ କରାଯାଇଥିଲା। ମଣ୍ଡଳର ପ୍ରମୁଖ ଷ୍ଟେସନଗୁଡ଼ିକରେ ୨୦୯ଟି ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ, ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ।

## ଝୁଝୁମୁରା ବ୍ଲକ୍‌ର ୯ ବିଦ୍ୟାର୍ଥୀ ନବୋଦୟ ପ୍ରବେଶିକାରେ ଉତ୍ତୀର୍ଣ୍ଣ

**ସମ୍ବଲପୁର, ୨।୪ (ସମିସ):** ନବୋଦୟ ସ୍କୁଲରେ ପାଠ ପଢ଼ିବାକୁ ଝୁଝୁମୁରା ବ୍ଲକରୁ ୯ଜଣ ଶିକ୍ଷାର୍ଥୀ ଉନ୍ନୀତ ହୋଇଛନ୍ତି। ସେଥିମଧ୍ୟରୁ କେବଳ ୩ ଜନ ଶିକ୍ଷାର୍ଥୀ ଝୁଝୁମୁରା ଲିଟିଲ ଫ୍ଲାୱାର ସ୍କୁଲରୁ ମନୋନୀତ ହୋଇ ସ୍କୁଲର ଗୌରବ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ତନିଶ୍କା ତନ୍ୱାରୀ ଶତପଥୀ ସର୍ବମୋଟ ୯୨. ୫୦ ପ୍ରତିଶତ ରଖି ୧୪ ର୍‌ୟାଙ୍କରେ ଥିବା ବେଳେ ଇତିସ୍ମିତା ଭୁଏ ଓ ସୋନିକା ତିର୍କୀ ଯଥାକ୍ରମେ ୮୨. ୫୦ ପ୍ରତିଶତ ଆଣି ୧୮୪ ଓ ୧୮୬ ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଝୁଝୁମୁରା ବ୍ଲକରୁ ଆୟୁଷ୍ମାନ ରାଣା, ଲଭଲି ସାହୁ, ପ୍ରିତେଶ ପ୍ରଧାନ, ଭାଗ୍ୟଶ୍ରୀ ବାରିକ, କୁନ୍ଦନ ପ୍ରସାଦ ଟପ୍ପୋ, ପ୍ରତ୍ୟୁଷ ମିର୍ଦ୍ଧା ଉତ୍ତୀର୍ଣ୍ଣ ହୋଇଥିବା ପିଏମ୍‌ଏସ୍‌ଏସ୍‌ର ଅଧକ୍ଷ ପ୍ରକାଶ କରିଛନ୍ତି।

## ବେଆଇନ ନିଶା କାରବାରରେ ୫ ଗିରଫ

**ସମ୍ବଲପୁର, ୨।୪(ସମିସ):** ଧନୁପାଲି ଥାନା ପୁଲିସ ବେଆଇନ କଫସିରପ କାରବାର ଅଭିଯୋଗରେ ଦୁଇଟି ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ଗୋଟାଏ ମାମଲାରେ ଚାରଭାଟି ଅଞ୍ଚଳରେ ବେଆଇନ ନିଶା କାରବାର ହୋଇଥିବା ନେଇ ପୁଲିସ ଖବର ପାଇଥିଲା। ପରେ ଘଟଣା ସ୍ଥଳରୁ ଧନୁପାଲି ଥାନା ଅନ୍ତର୍ଗତ ଭୁତାପଡ଼ାର ଆଶିଷ ମୁଣ୍ଡା(୨୩) ଓ ଚାରଭାଟିର ସୁରୁ ଓରାମ(୨୦)କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୨ ଲିଟର ଦେଶି ମଦ, ୨୮ ବୋତଲ କଫସିରପ, ନିଟ୍ରାଜେପାମ ଟାବଲେଟ, ସ୍କୁଟି(ଓଡି୧୫ଏଏ୭୮୫୮) ଓ ଏକ ମୋବାଇଲ ଜବତ କରାଯାଇଛି। ସେହପରି ଦ୍ୱିତୀୟ ମାମଲା ମାଉଲି ନଗର ଚାରଭାଟି ଅଞ୍ଚଳରେ ବେଆଇନ ନିଶା କାରବାରରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନଥାନା ଠେଲକୋପଡ଼ାର ମାନ କଂସ(୨୩), ଧନୁପାଲି ଚାରଭାଟିର ରଞ୍ଜିତ ସାହୁ(୩୦) ଓ ସାକ୍ଷୀପଡ଼ାର ପ୍ରଦୀପ ଗୋପୀ(୨୭)। ସେମାନଙ୍କ ନିକଟରୁ ୩୨ ଲିଟର ଦେଶି ମଦ, ୨୨ ବୋତଲ କଫସିରପ, ଗୋଟାଏ ବାଇକ(ଓଡି୧୫ଏବି୦୬୪୬), ଗୋଟେ ମୋବାଇଲ ଓ ୧୫ଶହ ନଗଦ ଟଙ୍କା ଜବତ ହୋଇଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିଆଁ ଲାଗି ଛାରଖାର୍ ଗ୍ୟାରେଜ୍

**ସମ୍ବଲପୁର, ୨।୪(ସମିସ):** ପାଞ୍ଚଗଛିଆ ଜାତୀୟ ରାଜପଥ କଡ଼ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। କ୍ଷଣୀକ ମଧ୍ୟରେ ଭସ୍ମିଭୂତ ହୋଇଗଲା ଗ୍ୟାରେଜ୍। ପାଖରେ ଛିଡା ଥିବା ବସ୍ ଅଳ୍ପକେ ରକ୍ଷା ପାଇଥିଲା। ରାତି ପ୍ରାୟ ୮ଟାରେ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗୁରୁବାର ରାତି ପ୍ରାୟ ସାଢ଼େ ୭ଟାରେ ଗ୍ୟାରେଜ୍ ମାଲିକ ବସନ୍ତ କୁମାର ଓଝା ନିଜ ଘରକୁ ଫେରିଥିଲେ। ହେଲେ ତାଙ୍କ ଗ୍ୟାରେଜ୍ ନିଆଁ ଲାଗିଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇଥିଲେ। ସେ ଦୋକାନରେ ପହଞ୍ଚିବା ପୂର୍ବରୁ ଗ୍ୟାରେଜରେ ସମ୍ପୂର୍ଣ୍ଣ ନିଆଁ ଲାଗିସାରିଥାଏ। ହୁ ହୁ ହୋଇ ୪ଟି କୋଠରୀରେ ନିଆଁ ଲାଗିଗଲା। ତୁରନ୍ତ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ପ୍ରାୟ ୪୫ ମିନିଟ ବିଳମ୍ବରେ ପହଞ୍ଚିବା ଫଳରେ ନିଆଁରେ ସମ୍ପୂର୍ଣ୍ଣ ଗ୍ୟାରେଜ୍ଟି ଛାରଖାର ହୋଇଯାଇଛି। ଗ୍ୟାରେଜ୍ ଦୋକାନୀଙ୍କ ସୂଚନା ଅନୁସାରେ, ସେ ପ୍ରାୟ ୩୦ ବର୍ଷ ହେଲା ଏଠାରେ ଗ୍ୟାରେଜ୍ କରି ପରିବାର ଚଳାଉଛନ୍ତି। ରାସ୍ତା କଡ଼ରେ ଦୋକାନ କରିଥିଲେ ମଧ୍ୟ କେବେ କୌଣସି ଅଘଟନ ଘଟିନଥିଲା। ହେଲେ ଆଜି ଦୋକାନ ବନ୍ଦ କରି ଘରକୁ ଫେରିବା ବେଳକୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ହେଲେ କାହିଁକି ନିଆଁ ଲାଗିଲା ସେନେଇ କୌଣସି ସୂଚନା ମିଳିପାରିନି। ଦୋକାନରେ ପ୍ରାୟ ୮ ଲକ୍ଷ ଟଙ୍କାର ସାମଗ୍ରୀ ଥିଲା। ହେଲେ ନିଆଁ ଆଁରେ ସବୁ ଛାରଖାର ହୋଇଯାଇଛି।

## ସମ୍ବଲପୁରପବ୍ଲିକଲାଇବ୍ରେରୀରେ ସାଧାରଣଜ୍ଞାନ ପରୀକ୍ଷା

**ସମ୍ବଲପୁର, ୨।୪ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଗତ ମାର୍ଚ୍ଚ ୧୮ ତାରିଖରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ପରୀକ୍ଷାରେ ସୌମ୍ୟଶ୍ରୀ ତ୍ରିପାଠୀ ପ୍ରଥମ, ସୁବାସ କୁମାର ବେହେରା ଓ ସ୍ୱପ୍ନା ଶ୍ରୀବାସ ଯୁଗ୍ମ ଦ୍ୱିତୀୟ ଏବଂ ରୋଜାଲିନ ବେଦବାକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଜି ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସଚିବ ରଘୁନାଥ ମିଶ୍ର, ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ବିଜୟ କୁମାର ସାହୁ ଓ ସୁନନ୍ଦ ସାହୁ ସହଯୋଗ କରିଥିଲେ।

# ଜେଲ୍ ଗଲେ କୁବେର ଡେପୁଟି ମ୍ୟାନେଜର

**ସମ୍ବଲପୁର, ୨।୪ (ସମିସ):** ଆୟଠାରୁ ଚାରି ଶହ ଗୁଣା ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ (ଓପିଏଚ୍‌ଡବ୍ଲୁସି), ସମ୍ବଲପୁର ଡିଭିଜନ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଲଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ସମ୍ବଲପୁର ଡିଭିଜନ ଭିଜିଲାନ୍ସ ଏସ୍‌ପି ପି.କେ. ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି, ଗତ ଦୁଇ-ତିନି ମାସ ଧରି ଓପିଏଚ୍‌ଡବ୍ଲୁସି, ସମ୍ବଲପୁର ଡିଭିଜନ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଲ ବେଆଇନ ଭାବେ ଅର୍ଥ ରୋଜଗାର କରୁଛନ୍ତି ଏବଂ ବଟି ଆଦାୟ କରୁଛନ୍ତି ବୋଲି ସୂଚନା ମିଳୁଥିଲା। ଏନେଇ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ସଜାଗ ରହି ତାଙ୍କ ଉପରେ ସର୍ଭିଲାନ୍ସ ଜାରି ରଖିଥିଲେ। ଏଥିରୁ ଜଣାପଡ଼ିଲା ଯେ ସେ ଆୟ ବହିର୍ଭୂତ ସମ୍ପତ୍ତି ନିଜ ନାଁରେ ଏବଂ ନିଜ ପରିବାରବର୍ଗଙ୍କ ନାଁରେ ଠୁଳ କରିଛନ୍ତି। ପରେ ବିଭିନ୍ନ ସ୍ଥାନକୁ ଟିମ୍ ପଠାଇ ଯେତେ ଠୁଳ କରିଛନ୍ତି ଜାଗାବାଡ଼ି ତାହା ଚିହ୍ନଟ କରାଯାଇଥିଲା। ଅଦାଲତରୁ ୱାରେଣ୍ଟ ଆଣିବାପରେ ଟିମ୍ ଗୁଡ଼ିକୁ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା। ମାର୍ଚ୍ଚ ୩୧ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ, ବିଦ୍ୟୁତ ରଞ୍ଜନ ଭୋଲ ଯେଉଁ ବେଆଇନ ଭାବେ ଅର୍ଥ ରୋଜଗାର କରିଛନ୍ତି, ସେଥିରୁ ପ୍ରାୟ ୫ ଲକ୍ଷ ଟଙ୍କା ନେଇ ତାଙ୍କ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଘରକୁ ଯାଉଛନ୍ତି। ବିଭିନ୍ନ ସ୍ଥାନକୁ ଯାଇଥିବା ଟିମ୍ ଗୁଡ଼ାକୁ ସଜାଗ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଗଲା। ଦୁଇଟି ଟିମ୍ ସମ୍ବଲପୁରରେ ନିୟୋଜିତ ହେଲେ ସେମାନେ ବିଦ୍ୟୁତ ରଞ୍ଜନ ଭୋଲଙ୍କ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ସେ ଧରିଥିବା ବ୍ୟାଗ୍‌ରେ ୫ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିଲା। ବିଦ୍ୟୁତ୍ ରଞ୍ଜନ ଭୋଲ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଭିଜିଲାନ୍ସ ଅଦାଲତର ୱାରେଣ୍ଟ ବଳରେ ତାଙ୍କ ସାକ୍ଷୀପଡ଼ାସ୍ଥିତ ଭଡ଼ାଘର ଏବଂ ଓପିଏଚ୍‌ଡବ୍ଲୁସି କାର୍ଯ୍ୟାଳୟ ତଲାସି କରାଗଲା। ଏହାସହ



ଟିମ୍ ଗୁଡ଼ିକ ଯେଉଁ ଯେଉଁ ସ୍ଥାନରେ ନିୟୋଜିତ ହୋଇଥିଲେ ତାଙ୍କ ଘର ଏବଂ ତାଙ୍କ ସମ୍ପର୍କିୟମାନଙ୍କ ଘରରେ ତଲାସି କରିବାସହ ସମ୍ପତ୍ତିକୁ ନେଇ ଖୋଳତାଡ଼ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି। ଗତକାଲି ସୁଦ୍ଧା ସମସ୍ତ ତଲାସି ଶେଷ ହୋଇଥିବା ବେଳେ ବ୍ୟାଙ୍କରୁ କିଛି ସୂଚନା ପାଇବା ବାକି ରହିଥିବା ସେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ତିନୋଟି ପର୍ଯ୍ୟାୟରେ ତାଙ୍କଠାରୁ ନଗଦ ଟଙ୍କା ଜବତ କରାଯାଇଥିଲା, ସେଗୁଡ଼ିକ ହେଲା ସମ୍ବଲପୁରରେ ପ୍ରାୟ ୫.୧୮ ଲକ୍ଷ, ସମ୍ବଲପୁର କାର୍ଯ୍ୟାଳୟରୁ କିଛି ଟଙ୍କା, ରସୁଲଗଡ଼ରେ ପରିବାରବର୍ଗ ରହୁଥିବା ସ୍ଥାନରେ ୭ ଲକ୍ଷ, ହାଉସିଂବୋର୍ଡ ଚନ୍ଦ୍ରଶେଖରପୁରରେ ବଡ଼ ଭଉଣୀଙ୍କ ଘରୁ ୩୪.୮୧ ଲକ୍ଷ, ଗଞ୍ଜାମରେ ପୈତୃକ ଘରଠାରେ ୨ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲା। ସମୁଦାୟ ୪୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ରାଶି ଜବତ କରାଯାଇଥିଲା। ଗଞ୍ଜାମ ପୈତୃକ ଘରୁ ୩୪ ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଜବତ କରାଯାଇଥିଲା। ତନ୍ମଧ୍ୟରେ ୪ଟି ସୁନା ବିସ୍କୁଟ୍, ୬ଟି ଗୋଲ୍ଡ କଏନ୍, ୨ଟି ରୁପା ବିସ୍କୁଟ୍, ୩ଟି ସିଲଭର୍ କଏନ୍ ସହିତ ବିଭିନ୍ନ ସୁନା ଅଳଙ୍କାର ଥିଲା। ରସୁଲଗଡ଼ରେ ପରିବାରବର୍ଗ ରହୁଥିବା ସ୍ଥାନରୁ ମଧ୍ୟ ସୁନା ଜବତ ହୋଇଛି। ସବୁ ମିଶାଇ କେଜିଏରୁ ଉର୍ଦ୍ଧ୍ୱ ସୁନାଗହଣା ଜବତ କରାଯାଇଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି। ତନଖି ସମୟରେ ତାଙ୍କର ୨୯ଟି ବହୁମୂଲ୍ୟ ପ୍ଲଟ୍ ରହିଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ତମାଣ୍ଡୋ ପାଖ କଳିଙ୍ଗବିହାରରେ ଫ୍ଲାଟ୍, ବ୍ରହ୍ମପୁରରେ ତିନିମହଲାର ଗୋଟିଏ ଓ ଦୁଇମହଲାର ଗୋଟିଏ କୋଠା ରହିଛି। ଆଜି ମିଳିଥିବା ବିବରଣୀ ଅନୁଯାୟୀ ବ୍ୟାଙ୍କରେ ତାଙ୍କର ୫୮ ଲକ୍ଷରୁ ଉର୍ଦ୍ଧ୍ୱ ଜମା ରହିଛି। ଇନସୁରାନ୍ସ ସେକ୍ଟରରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜମା, ପୋଷ୍ଟାଲରେ ଦେଢ଼ଲକ୍ଷ ଜମା ରହିଥିବା ସେ କହିଛନ୍ତି। ତାଙ୍କର ତିନିକୋଟିରୁ ଉର୍ଦ୍ଧ୍ୱ ଆସବାବପତ୍ର ଜବତ କରାଯାଇଛି। ସମୁଦାୟ ସ୍ଥାବର ଅସ୍ଥାବର ସମ୍ପତ୍ତି ଆକଳନ କଲେ ତାଙ୍କ ଆୟ ଓ ବ୍ୟୟ ହିସାବକଲେ ତାହାଠାରୁ ୪୦୦ ପ୍ରତିଶତରୁ ଅଧିକ ହେବ ବୋଲି ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି। ଏନେଇ ଗତକାଲି ସମ୍ବଲପୁର ଭିଜିଲାନ୍ସ ଥାନା ମାମଲା ନଂ. ୦୩ / ୦୧.୦୪.୨୦୨୬ରେ ବିଦ୍ୟୁତ୍ ରଞ୍ଜନ ଭୋଲଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ଆଜି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରେଢ଼ାଖୋଲ, ୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଖନ୍ଦାଡିପସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱରେ ସମ୍ମାନିୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ, ଉପସଭାପତି ତଥା ରେଢ଼ାଖୋଲ ପ୍ରେସ କ୍ଲବ୍ ସମ୍ପାଦକ ତପନ କୁମାର ବିଶ୍ୱାଳ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଉଜ୍ଜ୍ୱଳ କାମନା କରି ଜୀବନର ମାର୍ଗ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ତ୍ୟାଗ କରିବା ନେଇ କାନ୍ଦି କାନ୍ଦି ଭାବ ବିଭୋର ହୋଇ ଉଠିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ନମିତାରାଣୀ ପ୍ରଧାନ, ଅନୁପମା ମିଶ୍ର, ରୋହିଣୀ ପୋଡ଼, ସରିତା ବେହେରା, ପରିଚାଳନା କମିଟି ସଭ୍ୟା ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ସୁଜାତା ମହାପାତ୍ର, ପ୍ରମିଳା ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସ୍କୁଲ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ପାଉଁଶ ବୋଝେଇ ଟ୍ରକ୍ ଜବତ

**ସମ୍ବଲପୁର, ୨।୪ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ଆଜି ତିନୋଟି ପାଉଁଶ ବୋଝେଇ ହାଇୱା ଜବତ କରିଛି। ଏଗୁଡ଼ିକ ଓଭରଲୋଡିଂ ହୋଇଥିବା ବେଳେ ଆବଶ୍ୟକ



କାଗଜାତ ନଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ରେଙ୍ଗାଲି ସାଲଡ ଛକ ନିକଟରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ ସହ ଓଭରଲୋଡିଂ ହୋଇଥିବା ଦେଖିବାକୁ ପାଇଥିଲା। ଏଗୁଡ଼ିକ ଯାନବାହନ ଯାତାୟାତ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି କରିବାସହ ପ୍ରଦୂଷଣ ମଧ୍ୟ କରୁଥିଲା। ପଚରାଉଚୁରା ପରେ ପାଉଁଶ (ଫ୍ଲାଏ ଆସ୍) ଝାରସୁଗୁଡ଼ା ଜିଲ୍ଲାର ଏକ କମ୍ପାନୀରୁ ଲୋଡ୍ କରାଯାଇ ବିଭିନ୍ନ ସ୍ଥାନକୁ ପରିବହନ କରାଯାଉଥିବା ଗାଡ଼ି ଚାଳକମାନେ କହିଥିଲେ। ସେମାନଙ୍କ ପାଖରେ ଆବଶ୍ୟକ କାଗଜାତ ମଧ୍ୟ ନଥିଲା। ରେଙ୍ଗାଲି ପୁଲିସ ଗାଡ଼ି ଗୁଡ଼ିକୁ ଜବତ କରି ୱେ-ବ୍ରିଜ୍‌ରେ ଯାଞ୍ଚ କଲାବେଳକୁ ତାହା ଓଭର୍‌ଲୋଡିଂ ହୋଇଥିବା ଜଣାପଡ଼ିଥିଲା। ଗାଡ଼ି ଗୁଡ଼ିକ ଜବତ କରି ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବୁଲୁ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା

# ହାଟପଡ଼ାର ବିକାଶ ଓ ବିଶ୍ୱ ଚାମ୍ପିଅନ





ସମ୍ବଲପୁର, ୨।୪ (ସମିସ)

ହାଟପଡ଼ାସ୍ଥିତ ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜ ମିଳିତ ଆନୁକୂଲ୍ୟରେ ଆଜି ଚୈତ୍ର ପୂର୍ଣ୍ଣିମା ଅବସରରେ ତୃତୀୟ ମାନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାନଦୀର ଅଯୋଧ୍ୟା ସରୋବର ଘାଟଠାରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ସୋନପୁର, ବିନିକା, ବୌଦ୍ଧ, ହରଭଙ୍ଗା, ଧମା, ବୀରମହାରାଜପୁର ତଥା ସମ୍ବଲପୁର ସହରର ବିଭିନ୍ନ ପଡ଼ାରୁ ପ୍ରାୟ ୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପୁରସ୍କାର ବିତରଣୀ ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଅତିଥି ଭାବେ ଯୋଗ ଦେଇଥିଲେ। ପାରମ୍ପରିକ ଢଙ୍ଗାରେ ଆୟୋଜିତ ଏହି ପ୍ରତିଯୋଗିତାରେ ହାଟପଡ଼ାର ବିକାଶ ସାହୁ ଓ ବିଶ୍ୱ ଉନସନା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୋନପୁରର ମୁକେଶ ତରିଆ ଓ ଗୌରବ ମହାଲିଙ୍ଗ ଦ୍ୱିତୀୟ, ଭତରାର ପ୍ରଦୀପ ବାଗ ଓ ଅରକ୍ଷିତ ସାହୁ ତୃତୀୟ ଏବଂ ହାଟପଡ଼ାର ପ୍ରକାଶ ସାହୁ ଓ ଅଭିଶେଷ ବଡ଼ାଇ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ଦଳକୁ ୧୧, ୦୦୦ ଟଙ୍କା, ଦ୍ୱିତୀୟ ଦଳକୁ ୭, ୧୦୦ ଟଙ୍କା, ତୃତୀୟ ଦଳକୁ ୫, ୧୦୦ ଟଙ୍କା ଏବଂ ଚତୁର୍ଥ ସ୍ଥାନ ପାଇଁ ୩, ୧୦୦ ଟଙ୍କା ସହ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ନୌକାଚାଳନା ପ୍ରତିଯୋଗିତା ପରେ ରାମାୟଣର 'କୈବର୍ତ୍ତ ପ୍ରସଙ୍ଗ' ଉପରେ ଏକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୀର ବଜରଙ୍ଗ ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ସୋମନାଥ ସେଠ, ରେଫରୀ ଦିଲୀପ ଜେନା, ରାଜା ବରାଳ, କୈବର୍ତ୍ତ ସମାଜର କିରଣ ସେଠ, ବିଶ୍ୱଜିତ ଦେହେରୀ, ବାବୁଲୁ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା' କାମାକ୍ଷାଙ୍କ ରାଜରାଜେଶ୍ୱରୀ ବେଶ ଓ ଧ୍ୱଜାରୋହଣ





**ସମ୍ବଲପୁର, ୨।୪(ସମିସ) :** ଚଳିତ ନବରାତ୍ରିର ଆଜି ଚୈତ୍ର ପୂର୍ଣ୍ଣିମା ତିଥିରେ ମା' କାମାକ୍ଷା ଦେବୀ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ଭକ୍ତ ମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଦିନ ୧୧ଟା ସମୟରେ ଶାନ୍ତି ହୋମ ଏବଂ ପରେ ପରେ ପ୍ରଭୁ ହନୁମାନଙ୍କ ପାଖରେ ସୁନ୍ଦରାକାଣ୍ଡ ପାଠ କରାଗଲା। ସନ୍ଧ୍ୟାରେ ମହାଆଳତୀ ଅର୍ପଣ କରାଯାଇ ମା'ଙ୍କ ଧ୍ୱଜାରୋହଣ ଉତ୍ସବ ପାଳନ କରାଗଲା। ସଂଖ୍ୟାଧିକ ଭକ୍ତ ନିଜର ମାନସିକ ଧ୍ୱଜା ବାନ୍ଧିବା ସହିତ ଜୟଧ୍ୱନି ଏବଂ ହୁଳହୁଳି ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କାମାକ୍ଷା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ହଟିଲା ବୁର୍ଲା ରାସ୍ତାକଡ଼ ମାଂସଦୋକାନ



**ସମ୍ବଲପୁର, ୨।୪ (ସମିସ):** ବିଦ୍ୟାନଗରୀ ବୁର୍ଲାର ପ୍ରବେଶଦ୍ୱାର ପାଖରେ ଏବଂ ପିସି ବ୍ରିଜ୍ ନିକଟରେ ମୁଖ୍ୟ ରାଜପଥ ପାର୍ଶ୍ୱରେ ଅନେକ ଗୁଡ଼ାଏ ମାଂସ ଦେକାନ ରହିଥିଲା। ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀମାନେ ବୁର୍ଲାକୁ ଯାଉଥିବାବେଳେ ରାସ୍ତାକଡ଼ରେ ସର୍ବସମ୍ମୁଖରେ ଜୀବହତ୍ୟାକୁ ନେଇ ମାନସିକ ଭାବେ ପ୍ରଭାବିତ ହେଉଥିଲେ। ଏହାସହ ଏହି ଖୋଲା ମାଂସ ଦୋକାନ ବନ୍ଦ କରିବାକୁ ବିଭିନ୍ନ ସଂସ୍ଥା ପକ୍ଷରୁ ଜନସାଧାରଣ ମହାନଗର ନିଗମ ପାଖରେ ବାରମ୍ବାର ଅଭିଯୋଗ କରିଆସିଛନ୍ତି। ଏଭଳି ଅନଧିକୃତ କାର୍ଯ୍ୟକଳାପ ପରିବେଶ ପ୍ରଦୂଷଣ, ଜନସ୍ୱାସ୍ଥ୍ୟ ଜଟିଳତା ତଥା ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆଜି ଏକ ସ୍ୱତନ୍ତ୍ର ଅଭିଯାନରେ ସମସ୍ତ ଅନଧିକୃତ ଖୋଲା ମାଂସଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ବୁର୍ଲା ଥାନାଧିକାରୀ ଏସ୍‌କେ ବଳିଆରସିଂହ, ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ ସୁଗମ ମିଶ୍ର, ଶ୍ରୀକାନ୍ତ ପାତ୍ର ଏବଂ ପୁଲିସ ଓ ପ୍ରବର୍ତ୍ତନ ବିଭାଗର ସ୍କ୍ୱାଡ୍ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଅନଧିକୃତ କାର୍ଯ୍ୟକଳାପ ପୁଣିଥରେ ଚାଲୁ ନ ହୋଇପାରିବା ପାଇଁ ନିୟମିତ ଭାବେ ନିରୀକ୍ଷଣ ଜାରି ରହିବ ବୋଲି ପ୍ରବର୍ତ୍ତନ ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଏହାସହ ଏଭଳି କୌଣସି ଅନଧିକୃତ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ମହାନଗର ନିଗମ ପ୍ରଶାସନକୁ ଅବଗତ କରିବାକୁ ସେ ଅନୁରୋଧ କରିଛନ୍ତି।

## ଜିଏମ୍‌ୟୁ ମନୋବିଜ୍ଞାନ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୨।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ପ୍ରଥମ ଦିନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲାବେଳେ ଦିଲ୍ଲୀ ୟୁନିଭର୍ସିଟିର ପ୍ରଫେସର ସୁରେନ୍ଦ୍ର କୁମାର ସିଆ ମୁଖ୍ୟବକ୍ତା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ, ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। ଦ୍ୱିତୀୟ ଦିନ, ନିଟ୍ ରାଉରକେଲାର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ମୁଖ୍ୟବକ୍ତା ଏବଂ ସିଇଓ, ପତଙ୍ଗ ଡ. ରୀତା ମିଶ୍ର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ତୃତୀୟ ଦିନ, ଆମେରିକା ବୋଷ୍ଟନର ସାଫୋକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକନ୍ୟା ରାୟ ଏବଂ ଅର୍ଜିତା ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦାନ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମୌସୁମୀ ସେଠି, ଲୁସି ସୋନାଲି ହେମ୍ବ୍ରମ, ନମିତା ଦାସ, ପ୍ରଭୁ ଦର୍ଶନ ସାହୁ, ଶଶାଙ୍କ ଗଡ଼ନାୟକ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ସଂଯୁକ୍ତା ପାଢ଼ୀ, ଡ. ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ, ଶଶୀଭୂଷଣ ଦୋରା, ଅଣଶିକ୍ଷକ କର୍ମଚାରୀ ସନ୍ତୋଷ କୁମାର ସାହୁ ଏବଂ ସଙ୍ଗୀତା ବେହେରା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କ୍ରିତିକା ବାବୁ, ଆଦ୍ୟାଶା ମିଶ୍ର, ଅଂଶୁମାନ ସାହୁ ଆଦି ଛାତ୍ରଛାତ୍ରୀମାନେ ସୁଚାରୁ ରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଦିରୁ ବହୁ ସଂଖ୍ୟାରେ ସାଧନକର୍ମୀ ଓ ଶିକ୍ଷକମାନେ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ।

## ହୋଟେଲିୟର୍ସ ଆସୋସିଏସନ୍‌ର ଉଦ୍‌ଘାଟନୀ ସମାରୋହ

# ସ୍ୱୀକୃତିପତ୍ର ପ୍ରଦାନ ଓ କର୍ମକର୍ତ୍ତାଙ୍କ ଶପଥ ପାଠ

ରାଉରକେଲା, ୨।୪(ସମିସ)



ରାଉରକେଲା ସହରରେ ନବ ଗଠିତ ହୋଟେଲିୟର୍ସ ଆସୋସିଏସନ (ହାର୍)ର ଉଦ୍‌ଘାଟନ ସମାରୋହ ମେଫେୟାର ଭିଲେଜଠାରେ ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିର ପୂର୍ବତନ ଡିଆଇସି ଡ. ଅତନୁ ଭୌମିକ ମୁଖ୍ୟ ଅତିଥି ଏବଂ ପଶ୍ଚିମ ଓଡ଼ିଶା ହୋଟେଲ ଆସୋସିଏସନର ସଭାପତି ତଥା ହାରୋର ଉପାଧ୍ୟକ୍ଷ ଆଶିଷ ପାଳିତ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ହୋଟେଲ ଆସୋସିଏସନର ସଭାପତି ଅଭିଷେକ ଲାଠଙ୍କ ସମେତ ବଣିକ ସଂଘର ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ସୁନୀଲ କୟାଲ ଓ ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାର୍‌ର ସଦସ୍ୟତା ନେଇଥିବା ୫୦ରୁ ଊର୍ଦ୍ଧ୍ୱ ହୋଟେଲ ଓ ରେଷ୍ଟୋରାଁ ମାଲିକ ଯୋଗ ଦେଇଥିବାବେଳେ ଅତିଥିମାନଙ୍କ ଦ୍ୱାରା ସେମାନଙ୍କୁ ଆସୋସିଆସନର ସଦସ୍ୟ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଥିଲା ଓ କର୍ମକର୍ତ୍ତାଙ୍କ ଶପଥ ପାଠ କରାଯାଇଥିଲା। ହାର୍‌ର ଚଳିତବର୍ଷ ପାଇଁ ସଭାପତି ଭାବେ ଗିରିଜା ଶଙ୍କର ଦ୍ୱିବେଦୀ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ବି.କେ ମିଶ୍ର, ପ୍ରକାଶ ସେନାପତି, ସାଧାରଣ ସମ୍ପାଦକ ଭାବେ ମହମ୍ମଦ କୈସର ଜମିଲ, ଯୁଗ୍ମ ସମ୍ପାଦକ ପ୍ରମୋଦ ନାୟକ ଓ କୋଷାଧ୍ୟକ୍ଷ ଭାବେ ରଜନୀ ରଞ୍ଜନ ଝା ମନୋନୀତ ହୋଇଥିଲେ। ବୃହତସ୍ୱାର୍ଥକୁ ଆଖିରେ ରଖି ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଅଞ୍ଚଳର ହୋଟେଲିଏର୍ସଙ୍କ ସଦସ୍ୟତା ଗ୍ରହଣକରି ହାର ତାହାର କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ଦ୍ୱିବେଦୀ କହିଥିଲେ। ସାଧାରଣ ସମ୍ପାଦକ କୈସର ଜମିଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ଉପସଭାପତି ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ଶୈଳେନ୍ଦ୍ର ମହାନ୍ତିଙ୍କ ସମେତ ଜଣାଶୁଣା ହୋଟେଲିଏର୍ସ ସଦସ୍ୟ ବୁଟୁ ପାତ୍ର, ବିଶେଶ୍ୱର ପାତ୍ର, ରାଜେଶ ମହାପାତ୍ର, କେକେ ପ୍ରଜାପତି, ମୋହମଦ ସାହାବୁଦ୍ଦିନ, ଜ୍ୟୋତିସ୍ୱରୂପ ନାୟର, ବିଜୟ ପ୍ରସାଦ, ଶ୍ୟାମଲାଲ ଗୁପ୍ତା, ଚନ୍ଦ୍ରଶେଖର ନାୟକ, ବାବୁ ସାମଲ, ଆସଦକ ଆଲାମ, ନଜୀମ, ସାଯାଦ ଅହମଦ, ନିଶାନ୍ତ ରାୟ ଉପସ୍ଥିତ ଥିଲେ। କର୍ମକର୍ତ୍ତା ପ୍ରଭାତ ମହାପାତ୍ର, ଦିଲୀପ ମହାପାତ୍ର, ହରିହର ରାଉତରାୟ, ରୀଙ୍କୁ ସାମଲ, ଜର୍ଜ ଆନନ୍ଦ, ଦୌଲତ ଅଗ୍ରୱାଲ, ବିନୟ ତୀବାରି, ରାଜକିଶୋର ପ୍ରଧାନ, ଦେବାନନ୍ଦ ପ୍ରଧାନ, ଡ଼ ପୀତବାସ ମିଶ୍ର, ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମ୍ୟୁଜିକ ଥେରାପି ପକ୍ଷରୁ ଜଣାଶୁଣା ଗାୟକ ଅନିଲ ବାଓରା, ତରୁଣ କୁମାର, ଜୀବନ ସମାସି, ରୁପା, ସ୍ମିତା ମିଶ୍ର, ଝୁନୁ ନାୟକ ଓ ସୁନୀଲ କୟାଲ ସଙ୍ଗୀତ ପରିବେଷଣ କରିଥିଲେ।

## ମ୍ୟୁନିସିପାଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଉରକେଲା, ୨।୪(ସମିସ):** ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦୀପ୍ତିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ହରିହର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିବା ସହିତ ସମାଜ, ପରିବେଶ ଓ ଦେଶହିତ ପାଇଁ କାର୍ଯ୍ୟ କରିବାର ସ୍ୱଭାବ ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ଅଧ୍ୟକ୍ଷ ଡଃ ସନାତନ ପ୍ରଧାନ ବ୍ୟକ୍ତିର ସାମଗ୍ରିକ ବିକାଶ ମାଧ୍ୟମରେ ସୁସ୍ଥ ସମାଜ ଓ ବିକଶିତ ରାଷ୍ଟ୍ର ନିର୍ମାଣ ପାଇଁ ଉପଯୁକ୍ତ ଶିକ୍ଷା ଏକ ମାଧ୍ୟମ ଓ ଏହା ଏକ ଜୀବନବ୍ୟାପୀ ସାଧନା ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ସମର ମୁଦୁଲି ବିଦ୍ୟାର୍ଥୀମାନେ ଉତ୍ସାହ ମାଧ୍ୟମରେ ଉଚ୍ଛ୍ୱାସ ସୃଷ୍ଟି କରି ଜ୍ଞାନାର୍ଜନ ଓ ସଫଳତା ପ୍ରାପ୍ତ କରିପାରିବେ ବୋଲି କହିଥିଲେ। ଅଧ୍ୟାପକ ବିଜୟ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅର୍ଘ୍ୟଦୀପ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନରେ ଶୃତି ରାଉତରାୟ, ଆଶିର୍ବାଦ ମାଝି, ଶିଲ୍ପୀ ଲାକ୍ରା ସହଯୋଗ କରିଥିଲେ। ଡଃ ଦିବ୍ୟ କାନ୍ତି ବିଲୁଙ୍ଗ, ସତ୍ୟରଞ୍ଜନ ରାଉତ, ନିଖିଳ ସ୍ୱାଇଁ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପିକ୍‌ଅପ୍ ପଛକୁ ଧକ୍କା ଦେଲା ବାଇକ୍; ୨ ଆହତ

**ଲହୁଣୀପଡ଼ା, ୨।୪(ସମିସ):** ଲହୁଣୀପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥର ସମରଦରି ଜୁନିଆନି ମଧ୍ୟରେ ପିକ୍‌ଅପ୍ ପଛକୁ ବାଇକ୍ ଧକ୍କାଦେବାରୁ ବାଇକ୍‌ଆରୋହୀ ଦୟ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଜୁନିଆନି ଗ୍ରାମର ଏମ୍‌ଡି ନସିମ (୨୧) ଏବଂ ଏସ୍ ଆନାସାରୀ (୧୫)। ବାଇକ୍ ଆରୋହୀ ଦୟ ରାଜାମୁଣ୍ଡାରୁ ଜୁନିଆନି ସ୍ଥିତ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିବାବେଳେ ସମରଦରି ଜୁନିଆନି ମଧ୍ୟରେ ପିକ୍‌ଅପ୍‌ଟି ହଠାତ୍ ଡାହାଣକୁ କାଟି ଦେବାରୁ ବାଇକ୍‌ଟି ଗାଡ଼ି ପଛରେ ଧକ୍କା ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ପ୍ରଭାକର ପାତ୍ରଙ୍କ ନାଟକ ସଂକଳନ ଲୋକାର୍ପିତ




**ରାଉରକେଲା, ୨।୪ (ସମିସ):** ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ନାଟକ ମଧ୍ୟରୁ ଜାନୁଘଣ୍ଟ, ସୂର୍ଯ୍ୟାସ୍ତର ସତୀ ଓ ବ୍ରହ୍ମନାଦ ତିନିଟି ନାଟକକୁ ନେଇ 'ଜାନୁଘଣ୍ଟ ଓ ଅନ୍ୟ ନାଟକ' ଶୀର୍ଷକ ଏକ ନାଟକ ସଂକଳନ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ପୁସ୍ତକର ପ୍ରକାଶକ କ୍ରିଏଟିଭ ଇଙ୍କ୍ ଲିଟେରାରୀ ପ୍ରେସ୍, ଓଡ଼ିଶାର ନାଟ୍ୟକାର ଡ. ନିବେଦିତ ଜେନା, ଅଭିନେତା ଓ ନିର୍ଦ୍ଦେଶକ ବିଜୟ କୁମାର ଭୋଳ, ପ୍ରଫେସର ରମେଶ ଚନ୍ଦ୍ର ମଲିକ ନାଟକର ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ନିର୍ଦ୍ଦେଶକ କୁଞ୍ଜନଲାଲ ବୋଷ, ଅଭିନେତା ପ୍ରକାଶ ସାହାଣୀଙ୍କ ସମେତ ଏହି ତିନିଟି ନାଟକରେ ଅଭିନୟ କରିଥିବା ଅନେକ କଳାକାର ଉପସ୍ଥିତ୍ ଥିଲେ। ଏହି ସଂକଳନରେ ଥିବା ନାଟକ 'ସୂର୍ଯ୍ୟାସ୍ତର ସତୀ'କୁ ରାଉରକେଲାର ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳାପରିଷଦ ସଂକଳ୍ପ ରାଜ୍ୟର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ କରି ଅନେକ ସଫଳତା ହାସଲ କରିଛି। ସମ୍ପ୍ରତି ରାଉରକେଲା ଇସ୍ପାତ କାରଖାନରେ କାର୍ଯ୍ୟରତ ତଥା ପ୍ରତିବିମ୍ବ ନାଟ୍ୟାନୁଷ୍ଠାନରର ସାଧାରଣ ସମ୍ପାଦକ ନାଟ୍ୟକାର ଶ୍ରୀ ପାତ୍ର ଏଯାବତ୍ ୩୦ରୁ ଊର୍ଦ୍ଧ୍ୱ ଓଡିଆ ନାଟକ, ତିନୋଟି ବେତାର ନାଟକ ଓ ଗୋଟିଏ ଅନୁଦିତ ନାଟକ ରଚନ କରିଥିବା ବେଳେ ଜଣେ ସଫଳ ଶିଶୁ ନାଟ୍ୟକାର ଭାବେ ତିନିଗୋଟି ଶିଶୁ ନାଟକ ମଧ୍ୟ ରଚନା କରିଛନ୍ତି। ଏହି ସଙ୍କଳନ ତାଙ୍କର ପ୍ରଥମ ଛାପା ପୁସ୍ତକ ଅଟେ।

## କୁତ୍ରା ଆମ୍ବ ବଗିଚାରେ ସାରହୁଲ ମହୋତ୍ସବ



**କୁତ୍ରା, ୨।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତେଲିଘଣା ଆମ୍ବ ବଗିଚାଠାରେ ଗୁରୁବାର ୨୬ତମ ସାରହୁଲ ମହୋତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ମହୋତ୍ସବରେ ବାମଡ଼ା, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକର ୮୦ଟି ଗ୍ରାମରୁ ପ୍ରାୟ ୧୦ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନ ଓରାମ ଦେୱାନ ପାଦା ପାହାଡ଼ ଓଡ଼ିଶା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ବେଲମୁଲି ପାହାଡ଼ ତେଲିଘନା ବିକ୍ରମ ମିଞ୍ଜ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ରାକାମ ଉର୍ବାସ ପାଦା ପାହାଡ଼ ଓଡ଼ିଶା ବାନ୍ଧୁ ବାର୍ଲା, ଡ. ଗୌରୀ ଓରାମ, କୀର୍ତ୍ତି ଏକ୍କା, ବସନ୍ତ ଟପ୍ପୋ, ସୁଶିଲ ଟପ୍ପୋ ଓ ଆରତୀ ଟପ୍ପୋ ଯୋଗଦେଇ ଥିଲେ। ଏହି ଉତ୍ସବରେ ଦେୱାନ ମୂଳୀ ପାହାଡ ତେଲିଘଣା ନନ୍ଦା କୁଜୁର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓରାମ ସମାଜ ବେଲ ମୁଲି ପାହାଡ ତେଲିଘଣାର ବିକ୍ରମ ମିଞ୍ଜ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସାରହୁଲ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉପଦେୱାନ ମୂଳୀ ପାହାଡ ତେଲିଘଣା ବିଶ୍ୱନାଥ କେରକେଟା, ରାକାମ ଉର୍ବାସ ମୁଲି ପାହାଡ଼ ତେଲିଘଣା ସୁଦାମ ବାର୍ଲା, କାରାଠା ମୁଲି ପାହାଡ଼ ତେଲିଘଣା ମହେନ୍ଦ୍ର କୁଜୁର, ପାଞ୍ଚ ମୁଲି ପାହାଡ ତେଲିଘଣା ଧାନିଆ ଧାନୱାର, କଟୱାର ମୁଲି ପାହାଡ ତେଲିଘଣା ଚାମାନ ଲାଲ ମିଞ୍ଜ, କାହତୋ ମୂଳୀ ପାହାଡ଼ ତେଲିଘଣା ବିକ୍ରମ ଖାଲଖୋ ଓ ତେଲିଘଣାର ଗ୍ରାମବାସୀ ସହଯୋଗ କରିଥିଲେ।

## କଳିକା କେନ୍ଦ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଲହୁଣୀପଡ଼ା, ୨।୪(ସମିସ):** ଲହୁଣୀପଡ଼ା ବ୍ଲକ ମିଶନ ଶକ୍ତି ଗୃହଠାରେ କଳିକା କେନ୍ଦ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନିୟତି ଫାଉଣ୍ଡେସନ ବଣାଇଁ କ୍ଲଷ୍ଟର ଦ୍ୱାରା ପରିଚାଳିତ ହେଉଥିବା ଲହୁଣୀପଡ଼ା ବ୍ଲକର ମୋଟ ୭୩ ଟି କେନ୍ଦ୍ର ମଧ୍ୟରୁ ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣରେ ମୋଟ ୨୧ ଟି କଳିକା କେନ୍ଦ୍ରର ୪୨ ଜଣ କଳିକା କର୍ମୀ ଏହି ଶିବିରରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ଜଡିବାହଲ, ତଲଗିନିଆ-୧, ତଲଗିନିଆ-୨, ବରଗୁଡା, ରାଇକେଲାପୋଷ, ସାଧୁବାହାଲ-୨, ଶଙ୍ଖପୋଷ, କେନାପାଲି, ପାରାଗପୋଷ, ବନ୍ଧବେର୍ଣ୍ଣା, ବୁଢାଖମଣ, ଉପରତସଡା, କପଣ୍ଡ-୨, ରଘୁଆପୋଷ, ମାଦଳିଆ, ଧୋକାମୁଣ୍ଡା, ନିଶିନ୍ତପୁର, ଭାଲିଆଡିହି (କୁର୍ଡା), ରେଙ୍ଗାଳବେଡା, ତାଳବାହାଲି କଳିକା କେନ୍ଦ୍ରର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟତଃ ଆମ କଳିକା ପ୍ରକଳ୍ପକୁ ବଣାଇଁ ଉପଖଣ୍ଡରେ ସୁଦୃଢ଼ କରି କେନ୍ଦ୍ର ଗୁଡିକୁ ଉଚିତ୍ ଢଙ୍ଗରେ ପରିଚାଳିତ କରିବାକୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ କରାଯାଇଛି। ପ୍ରଶିକ୍ଷଣ ଶିବିରଟି ୩୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୪ ଦିନ ଧରି ଚାଲିବ। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ମିଶନ ଶକ୍ତି ବିଭାଗ ବିପିସି ଅଜିତ କୁମାର କେରକେଟା, ନିୟତି ଫାଉଣ୍ଡେସନ ପ୍ରୋଗ୍ରାମ କୋର୍ଡିନେଟର ଚିତ୍ତରଞ୍ଜନ ହେମ୍ବ୍ରମ, ପ୍ରୋଗ୍ରାମ ମ୍ୟାନେଜର ନୃସିଂହ ଚରଣ ମାହାନ୍ତ, ସୁପରଭାଇଜର୍ ପ୍ରତାପ କୁମାର ମାହାନ୍ତ, ମମତା ନାୟକ ଓ ସୌମ୍ୟରଞ୍ଜନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତାପ କୁମାର ମାହାନ୍ତ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ କଳିକା କେନ୍ଦ୍ରର ସୁପରିଚାଳନା, ଶିଶୁ ଯତ୍ନ, ଶିଶୁଙ୍କ ସର୍ବାଙ୍ଗିନ ବିକାଶ, ସ୍ୱାସ୍ଥ୍ୟ, ପୋଷଣ, ବାଲ୍ୟ ଶିକ୍ଷା, ଯୋଗାଯୋଗ ଦକ୍ଷତା ବୃଦ୍ଧି, ସ୍ୱାସ୍ଥ୍ୟ ଯାଞ୍ଚ, ଶିଶୁ ସୁରକ୍ଷା, ଅଗ୍ନି ନିରାପତ୍ତା ଇତ୍ୟାଦି ବିଷୟ ଉପରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ

# ଉତ୍କଳ ଦିବସ କେବଳ ଓଡ଼ିଶାର ଗଠନର ସ୍ମୃତି ନୁହେଁ




ରାଉରକେଲା, ୨।୪(ସମିସ)

ଏନ୍‌ଆଇଟି ରାଉରକେଲାର ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଉତ୍କଳ ଦିବସ ପାଳିତ ହୋଇଛି। ଉପ-କୁଳସଚିବ ଡ. ସ୍ୱାଗତିକା ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆମର ସମୃଦ୍ଧ ଐତିହ୍ୟ ପରମ୍ପରାର ସ୍ମୃତିଚାରଣ କରିବା ସହ ନବୀନତା, ଜ୍ଞାନ ଓ ଦୃଢ଼ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଲେ ଉତ୍କଳ ଦିବସ କେବଳ ଓଡ଼ିଶାର ଗଠନର ସ୍ମୃତି ନୁହେଁ, ଏହା ଆମକୁ ଆଗାମୀ ଯାତ୍ରା ପାଇଁ ପ୍ରେରଣା ଯୋଗାଏ। ପ୍ରାଧ୍ୟାପକ ନିରଞ୍ଜନ ପଣ୍ଡା, ରୋହନ ଧୀମାନ ଓ ରାଜୀବ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ରାଜ୍ୟର ଯୁବପିଢ଼ି ନିଜର ନିଷ୍ଠା, ପରିଶ୍ରମ ଏବଂ ମାତୃଭୂମି ପ୍ରତି ଥିବା ଭଲପାଇବା ମାଧ୍ୟମରେ ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ସମାଜ ସଂଘ ଦ୍ୱାରା ପ୍ରକାଶିତ ଓଡ଼ିଆ ପତ୍ରିକା 'ସମ୍ପୂର୍ଣ୍ଣା'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅନୁଷ୍କା ଦାଶଙ୍କ ଦ୍ୱାରା 'ମଙ୍ଗଳା ଚରଣ' ନୃତ୍ୟ ଶୁଭାରମ୍ଭ ହୋଇଥିଲା। ନଳିନୀ ନିହାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟାଶା ଷଡ଼ଙ୍ଗୀ ଏବଂ ଅନ୍ୱେଷା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଉତ୍କଳ ସମ୍ମିଳନୀ

**ରାଉରକେଲା :** ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଛେଣ୍ଡ କଲୋନୀସ୍ଥ ଧାମରା ସଭାଗୃହ ପରିସରରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଥିଲା। ମୁଖ୍ୟବକ୍ତା ତଥା ଗବେଷକ ଡ. ପ୍ରଭାତ ମଲ୍ଲିକ 'ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଦକ୍ଷିଣ ଓଡ଼ିଶାର ଅବଦାନ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ ଏହି ଶାଖାର କାର୍ଯ୍ୟାଳୟ ଓ ସଭାଗୃହ ନିମନ୍ତେ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବେ ବୋଲି କହିଥିଲେ। ଡା. ଉତ୍ତମ କୁମାର ଜେନା ଓଡ଼ିଶାର ବୀରପୁତ୍ର ମାନଙ୍କର ବୀରତ୍ୱ ଓ ତ୍ୟାଗ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ସୁଦାମ ଚନ୍ଦ୍ର ଦାଶଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କିଶୋରୀ ଦାଶ ପ୍ରାକସୂଚନା ପ୍ରଦାନ କରିଥିବାବେଳେ ଉପ ସଭାପତି ଚିତ୍ତ ରଞ୍ଜନ ଦାଶ, ପୀତବାସ ମିଶ୍ର, ଅମିତ ଅଗ୍ରୱାଲ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତପସ୍ୱିନୀ ବହିଦାର, ନବଘନ ପାଣି, ବିଜୟ କୁମାର ବରାଳ, କୋଷାଧ୍ୟକ୍ଷ ଭଗବାନ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଜ୍ୟୋତ୍ସ୍ନା ନାୟକ, ନିର୍ମଳା ମହାପାତ୍ର, ନମିତା ବେହେରା, ଉତ୍ତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ, ଡ. ସୁବାସ ଲେଙ୍କା, ଅଜୟ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ଲକ୍ଷ୍ମଣ ପରିଡ଼ା, ସୂର୍ଯ୍ୟନାରାୟଣ ପଣ୍ଡା, ସମରେନ୍ଦ୍ର ନାୟକ, ସୁନୀଲ ମହାନ୍ତି, ବାଳକୃଷ୍ଣ ସ୍ୱାଇଁ, ବିର୍ମଳ ମହାନ୍ତି, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଅନୀଲ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।




### ନୀଳଶୈଳ ଅନୁଷ୍ଠାନ

**ରାଉରକେଲା :** ନୀଳଶୈଳ ଅନୁଷ୍ଠାନର ପଶ୍ଚିମାଞ୍ଚଳ ଶାଖା ତରଫରୁ ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଛି। ପଶ୍ଚିମାଞ୍ଚଳ ଶାଖାର ମୁଖ୍ୟ ପୃଷ୍ଠପୋଷକ ରାଜ କିଶୋର ଧଳ, ଅଧ୍ୟକ୍ଷା ସୋଭାଗିନି ମୁଦାଲିଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ମୁଖ୍ୟବକ୍ତା ଏସ୍ ଆର ମହାବିଦ୍ୟାଳୟର ଅଧ୍ୟାପକ ଡ. ନଗେନ ଦାସ ପ୍ରମୁଖ ଯୋଗଦେଇ ଥିଲେ। ନୀଳଶୈଳ କାର୍ଯ୍ୟାଳୟର ସମ୍ପାଦକ ସୌମ୍ୟଶଙ୍କର ରାଜ, ସାଂସ୍କୃତିକ ସମ୍ପାଦକ ସବିତା ମହାନ୍ତି ଅତିଥିଭାବେ ଯୋଗଦାନ କରିଥିଲେ। ଅମୁଲ୍ୟ ରାଉତ, ଅଧ୍ୟୟ ଧଳ, ମଝିଆ ପ୍ରଧାନ, ନିରାକର ଜେନା, ଜିତେନ୍ଦ୍ର ପ୍ରଧାନ, ସତ୍ୟଭାମା ଖୁଣ୍ଟିଆ, ଅଜୟ ରାୟ, ପ୍ରଦୋଶ ନାୟକ, ଦେବାଶିଷ ନାୟକ, ପଙ୍କଜ ଧଳ, ଅଜିତ ଗୌଡ଼ ପ୍ରମୁଖ ଯୋଗଦେଇ ଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ଦିଲୀପ ଲେଙ୍କା ଧନ୍ୟବାଦ ଦେଇଥିଲେ।




### ଗୋପବନ୍ଧୁ ପାଠାଗାର

**ରାଉରକେଲା:** ରାଉରକେଲା ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ଉତ୍କଳ ଦିବସ ପାଳନ ସହ 'ଗାୟତ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ'ର ମିଳିତ ସହଯୋଗରେ ଏକ ଚିତ୍ରକଳା ପ୍ରଦର୍ଶନୀ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଗାୟତ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ'ର ମିଳିତ ସହଯୋଗରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ରାଉରକେଲାର ବିଧାୟକ ଉଦ୍‌ଘାଟନ କରିଥେଲେ। ଅଧ୍ୟକ୍ଷା ଶକ୍ତିପ୍ରଦା ଜେନାଙ୍କ ଏହି ମହାନ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଚିତ୍ରକଳା ପ୍ରଦର୍ଶନୀ ପ୍ରତିଯୋଗିତାରେ ୨୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନବଘନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ବରୁଣେଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁବ୍ରତ କୁମାର ଦାସ, ସମ୍ମାନିତ ଅତିଥି ଗୋକୁଳାନନ୍ଦ ଦାଶ ଓ ରିନୁ ପ୍ରଧାନଙ୍କ ସହ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ନିରୂପମା ପାଣିଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ଗିରିଜା ଶଙ୍କର ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ପାଠାଗାର ସମ୍ପାଦକ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚିନ୍ମୟୀ ପୁରୋହିତ, ଶକ୍ତିପ୍ରଦା ଜେନା, ହରିହର ନାୟକ, ସୂର୍ଯ୍ୟମଣି ପଣ୍ଡା, ଗଗନ ବିହାରୀ ଜେନା, ଦେବରାଜ ଗଉଡ଼, ପାଉଲୁସ ଲାକ୍ରା ପ୍ରମୁଖ ସହାୟତା କରିଥିଲେ। ଶର୍ମିଷ୍ଠା କବି ଶତପଥୀ, ଜଗବନ୍ଧୁ ଜେନା, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ପ୍ରତାପ ଚନ୍ଦ୍ର ମହାନ୍ତି, ସୁବାସ ଚନ୍ଦ୍ର ମହାପାତ୍ର, ଉମେଶ ଚନ୍ଦ୍ର ଜେନା, ଡାକ୍ତର ଗୋକୁଳାନନ୍ଦ ସାହୁ, ସବିତା ସାହୁ, ନୃସିଂହ ଚରଣ ବିଶ୍ୱାଳ, ଗୋପାଳପ୍ରସାଦ ଜେନା, ଜ୍ଞାନେନ୍ଦ୍ର କୁମାର ରାୟ, ଆଦିକନ୍ଦ ନାୟକ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଦେଇଥିଲେ।



### ସାଂସ୍କୃତିକ ଅନୁଷ୍ଠାନ ଆସ୍ଥା

**ରାଉରକେଲା :** ସ୍ୱେଚ୍ଛାସେବୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆସ୍ଥା ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି। ଆସ୍ଥାର ସଭାପତି ବିଷ୍ଣୁ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ କୁଳକାନ୍ତ ମହାନ୍ତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅଭୟ କୁମାର ଦାସ, ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ପ୍ରେମାନନ୍ଦ ସାମଲ ଯୋଗ ଦେଇଥିଲେ। ଆସ୍ଥାର ଉପସଭାପତି ରାଜ କୁମାର ପଣ୍ଡା, ସାମାଜିକ ଉନ୍ନୟନ ଅଧିକାରୀ ସୁରେଶ ରାଉତରାୟ ଓ ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା ମଞ୍ଚାସୀନ ଥିଲେ। ରାଜ କୁମାର ପଣ୍ଡା ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବାନୀ ରଣା ପାର୍ଶ୍ୱବର୍ତ୍ତି ଓଡିଆ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସ୍ଥା ତରଫରୁ ଅବସର ସଂଘର ବରିଷ୍ଠ ସଦସ୍ୟ ଜଗନ୍ନାଥ ମହାନ୍ତଙ୍କୁ ବିଶିଷ୍ଟ କର୍ମବୀର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କୁନୁରାଣୀ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜିନୀ ପତି ଓ ସୁକାନ୍ତି ପ୍ରଧାନଙ୍କ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ୨୪ ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁମିତା ପଣ୍ଡା, ବିଭୁତି ସେଠୀ, ପୁର୍ଣିମା ଭଟ୍ଟାଚାର୍ଯ୍ୟ, ପ୍ରାଞ୍ଜଳି ନାଗ, ଶୁଭଲକ୍ଷ୍ମୀ ପାତ୍ର, ହରେନ୍ଦ୍ର ନାୟକ, ରାଜା ଭଗତ, ସୁଜାତା ଖଟୁଆ ଓ ମନୀଷା ଜେନା ସହଯୋଗ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।

-ସ୍ୱାମୀ ବିବେକାନନ୍ଦ

## ମେଟା ମାନିବ ତ?

ସାମାଜିକ ଗଣମାଧ୍ୟମରେ କୋମଳମତି ଶିଶୁଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଭଳି ବିଭିନ୍ନ ଉତ୍ପାଦ ବିତରଣ ଅଭିଯୋଗରେ ମେଟା(ଫେସ୍‌ବୁକ୍) ଓ ୟୁଟ୍ୟୁବ୍‌କୁ ଆମେରିକାର ଲସ୍‌ଆଞ୍ଜେଲସ୍‌ର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରି ୬ ନିୟୁତ ଡଲାରର ଜୋରିମାନାରେ ଦଣ୍ଡିତ କରିଛନ୍ତି। ସେଥିରୁ ମେଟା ୭୦% ଓ ୟୁଟ୍ୟୁବ୍ ୩୦% ବହନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ରାୟ ଆସିବାର ଗୋଟିଏ ଦିନ ପୂର୍ବରୁ ନ୍ୟୁମେକ୍ସିକୋର ଏକ ଅଦାଲତ ମଧ୍ୟ ମେଟା ବିରୋଧରେ ଆଗତ ଶିଶୁ ଯୌନ ଶୋଷଣ ଅଭିଯୋଗର ଶୁଣାଣି କରି ୩୭୫ ନିୟୁତ ଡଲାର ଦଣ୍ଡରେ ଦଣ୍ଡିତ କରିଛନ୍ତି। ସାମାଜିକ ଗଣମାଧ୍ୟମର ପ୍ରତିକୂଳ ପ୍ରଭାବ ଏବଂ ଏହାର ନିରାକରଣ ପାଇଁ ବୈଶ୍ୱିକ ବିଚାରବିମର୍ଶ ଆରମ୍ଭ ହୋଇଥିବାରୁ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତଙ୍କ ଏହି ରାୟକୁ ଯୁଗାନ୍ତକାରୀ ଭାବେ ବର୍ଣ୍ଣନା କରାଯାଉଛି। ସାମାଜିକ ଗଣମାଧ୍ୟମ ସଂସ୍ଥା, ବିଶେଷକରି ଫେସ୍‌ବୁକ୍(ମେଟା) ବିରୋଧରେ ଅଭିଯୋଗ ନୂଆ ନୁହେଁ। ଦୁଇବର୍ଷ ତଳେ ଯୁକ୍ତରାଷ୍ଟ୍ର ଆମେରିକାର ୩୦ରୁ ଊର୍ଦ୍ଧ୍ୱ ରାଜ୍ୟ ମେଟା କମ୍ପାନୀ ଦ୍ୱାରା ପରିଚାଳିତ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ବିରୋଧରେ ଅଦାଲତରେ ଶିଶୁ ଓ କିଶୋରଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଅଭିଯୋଗ ଆଣିଥିଲେ। କିନ୍ତୁ ଆଇନର ଗଳାବାଟ ଦେଇ ଏବଂ ପ୍ରଭୂତ କ୍ଷମତା ଓ ପ୍ରତିପତ୍ତିର ଉପଯୋଗ କରି ମେଟା ନିଜକୁ ସୁରକ୍ଷିତ ରଖିପାରିଛି।

ସାମ୍ପ୍ରତିକ ମାମଲାରେ ଆମେରିକାର ଜନୈକ ଯୁବତୀ ଅଦାଲତରେ ଅଭିଯୋଗ କରିଥିଲେ ଯେ କୈଶୋରରୁ ସେ ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ସହିତ ମାତ୍ରାଧିକ ଆସକ୍ତ ହୋଇପଡ଼ିଛନ୍ତି, ଯାହା ତାଙ୍କୁ ମାନସିକସ୍ତରରେ କ୍ଷତିଗ୍ରସ୍ତ କରିଛି। କିଶୋର ବୟସରେ ଉପଭୋକ୍ତାଙ୍କୁ ଅଧିକ ଆକୃଷ୍ଟ ଓ ପ୍ରଲୁବ୍ଧ କରିବା ପାଇଁ ଉକ୍ତ ଦୁଇ ସଂସ୍ଥା ଦ୍ୱାରା ଅସରନ୍ତି ପ୍ରବହମାନ ବିଷୟବସ୍ତୁ(ଇନ୍‌ଫିନାଇଟ୍ ସ୍କ୍ରୋଲିଂ), ବୈଷୟିକ ଜ୍ଞାନକୌଶଳ ପ୍ରସୂତ ସ୍ୱୟଂକ୍ରିୟ ବିଷୟବସ୍ତୁ ସୁପାରିସ୍ (ଅଲଗୋରିଦିମିକ୍ ରେକମେଣ୍ଡେସନ୍), ଗୋଟିଏ ପରେ ଗୋଟିଏ ବିଷୟବସ୍ତୁର ନିରବଚ୍ଛିନ୍ନ ସଂଯୋଗୀକରଣ ଓ ଆତ୍ମପ୍ରକାଶ(କନ୍‌ଷ୍ଟାଣ୍ଟ ଏନ୍‌ଗେଜମେଣ୍ଟ ଲୁପ୍‌ସ) ଆଦି ବ୍ୟବସାୟିକ କୌଶଳ ଦ୍ୱାରା ଆସକ୍ତି ବୃଦ୍ଧି ପାଉଛି ଏବଂ ତା'ର ପ୍ରଭାବରେ ଉନ୍ମାଦନା, ମାନସିକ ଅବସାଦ ଆଦି ବଢ଼ିବାରେ ଲାଗିଛି। ଏହି ଅଭିଯୋଗକୁ ଗ୍ରହଣ କରି ଏବଂ ଏହାର ସତ୍ୟାସତ୍ୟ ଯାଞ୍ଚ କରି ଅଦାଲତ ଉପରୋକ୍ତ ଦଣ୍ଡବିଧାନ କରିଥିଲେ ହେଁ ମେଟା ଓ ୟୁଟ୍ୟୁବ୍ ଏଭଳି ଅଭିଯୋଗକୁ ଚିରାଚରିତ ଢଙ୍ଗରେ ଅସ୍ୱୀକାର କରିଛନ୍ତି।

'ପିୟୁ' ନାମକ ଗବେଷଣା ସଂସ୍ଥାର ରିପୋର୍ଟ ଅନୁଯାୟୀ ଆମେରିକାର ୯୦% କିଶୋର ୟୁଟ୍ୟୁବ୍ ଆସକ୍ତ। ୩୫୦ କୋଟି ବ୍ୟବହାର କରୁଥିବା ଫେସ୍‌ବୁକ୍(ମେଟା) ବିରୋଧରେ ଶିଶୁ ମନସ୍ତତ୍ତ୍ୱବିତ୍, ଅଭିଭାବକ, ଆଇନ ବିଶେଷଜ୍ଞମାନଙ୍କ ମାଳ ମାଳ ଅଭିଯୋଗ ରହିଛି। ବିଶ୍ୱର ସମସ୍ତ ଦେଶ ଊଣାଅଧିକେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଏଭଳି ଦୁଷ୍ପ୍ରଭାବ ଦ୍ୱାରା ପୀଡ଼ିତ। ଗୁଗୁଲ୍, ଫେସ୍‌ବୁକ୍ ଓ ଟ୍ୱିଟର ଭଳି ସଂସ୍ଥା ବିରୋଧରେ ଏଥିପାଇଁ ଆମେରିକା, ୟୁରୋପ ଓ ଅଷ୍ଟ୍ରେଲିଆ ଆଦି ମହାଦେଶରେ ଦଣ୍ଡବିଧାନ ହୋଇଥିବାର ଉଦାହରଣ ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ବିଗତ ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ମାଧ୍ୟମରେ ମିଥ୍ୟା ସମ୍ବାଦ ପରିବେଷଣ ଯୋଗୁଁ ଜନମତ ପ୍ରଭାବିତ ହୋଇଛି ବୋଲି ପ୍ରମାଣିତ ହେବା ପରେ ଫେସ୍‌ବୁକ୍‌ରେ ସଂଖ୍ୟାଧିକ ମାତ୍ରାରେ ମିଥ୍ୟା ପରିଚୟରେ ଆକାଉଣ୍ଟ ଖୋଲା ହେବା କଥା ସଂସ୍ଥା ସ୍ୱୀକାର କରିଥିଲା। ଅଥଚ ପ୍ରଭାବ ଓ ଆଇନର ଗଳାବାଟ ଦେଇ ସେମାନେ ନିର୍ଭୟରେ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଆମେରିକାରେ ପ୍ରଚଳିତ 'କମ୍ୟୁନିକେସନ୍ ଡିସେନ୍‌ସି ଆକ୍ଟ ୧୯୯୬'ର ଧାରା ୨୩୦ ଆଧାରରେ ମେଟା ସମେତ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହେଉଛନ୍ତି। ଏହି ଧାରା କହୁଛି ଯେ ବ୍ୟବହାରକାରୀଙ୍କ ଦ୍ୱାରା ଅପ୍‌ଲୋଡ୍ କରାଯାଉଥିବା ଫଟୋ/ଭିଡିଓ / ବିଷୟବସ୍ତୁ ପାଇଁ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ।

ସମ୍ପ୍ରତି ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଅତିକ୍ରିୟା ଓ ଆକ୍ରମଣାତ୍ମକ ରଣକୌଶଳର ପରିସର ବଢ଼ିବାରେ ଲାଗିଛି। ଅଭିବ୍ୟକ୍ତିର ସ୍ୱାଧୀନତା ଓ ମାନବାଧିକାରର ଉଦ୍‌ଘୋଷଣା କରୁଥିବା ବିଶ୍ୱର ଉନ୍ନତ ପାଶ୍ଚାତ୍ୟରାଷ୍ଟ୍ରମାନେ ମଧ୍ୟ ଗୁଗୁଲ୍, ଫେସ୍‌ବୁକ ଆଦି ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣରେ ରଖିବାର ଆବଶ୍ୟକତାକୁ ଉପଲବ୍ଧି କଲେଣି। ବିଶେଷକରି ଜର୍ମାନୀ ଭଳି ୟୁରୋପୀୟ ସଂଘର କେତେକ ଦେଶ ନୂତନ ଆଇନ ପ୍ରଣୟନ କରି ସାମାଜିକ ଗଣମାଧ୍ୟମର ସୀମାରେଖା ଟାଣିଛନ୍ତି ଏବଂ ଏହାର ଉଲ୍ଲଙ୍ଘନ କରୁଥିବା ସଂସ୍ଥା ବିରୋଧରେ ଅର୍ଥଦଣ୍ଡ ଆଦିର ବ୍ୟବସ୍ଥା କରିଛନ୍ତି। ଅଷ୍ଟ୍ରେଲିଆ ଓ ଚୀନ୍ ଆଦି ଦେଶରେ ମଧ୍ୟ ଅନୁରୂପ କଠୋର ନିୟମ ଲାଗୁ ହୋଇଛି। କିନ୍ତୁ ଡିଜିଟାଲ୍ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କୌଣସି ରାଷ୍ଟ୍ରର ଭୌଗୋଳିକ ସୀମାକୁ ମାନୁ ନଥିବାରୁ ଏବଂ ରାଷ୍ଟ୍ରୀୟ ନିୟମ କାନୁନ୍‌କୁ ଇଚ୍ଛାକୃତ ଭାବେ ଉଲ୍ଲଙ୍ଘନ କରୁଥିବାରୁ ଆଜିର ବିଶ୍ୱରେ ଏହା ସୂଚନା ପ୍ରଯୁକ୍ତି ବିଦ୍ୟାର ଏକ ପ୍ରଚ୍ଛନ୍ନ ଅଭିଶାପ ଭାବେ ଉଭା ହୋଇଛି। ଏସିଆ ଓ ଆଫ୍ରିକାର ଛୋଟଛୋଟ ଗରିବ ଦେଶଗୁଡ଼ିକ ପାଇଁ ଏହି ଗଣମାଧ୍ୟମର ଅତିକ୍ରିୟାକୁ ଆୟତ୍ତ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି।

କିଛିବର୍ଷ ତଳେ ଏହିଭଳି ଏକ ଜାତୀୟ ସୁରକ୍ଷା ପ୍ରଶ୍ନକୁ ନେଇ ଭାରତୀୟ ପାର୍ଲାମେଣ୍ଟର ସ୍ଥାୟୀ କମିଟି 'ଟ୍ୱିଟର'(ବର୍ତ୍ତମାନର 'ଏକ୍ସ')ର ଭାରତରେ ନିଯୁକ୍ତ ଅଧିକାରୀମାନଙ୍କୁ ସମନ ଜାରି କରିଥିଲେ। ଏହାର ଉତ୍ତରରେ ସେହି ଅଧିକାରୀମାନେ ସଂସଦୀୟ କମିଟି ଆଗରେ ସାକ୍ଷ୍ୟ ଦେବାକୁ ବାଧ୍ୟ ନୁହନ୍ତି ବୋଲି ଜଣାଇ ଦେଇଥିଲେ। ଭାରତ ଭଳି ଗୋଟିଏ ସାର୍ବଭୌମ ଗଣତନ୍ତ୍ର ପାଇଁ ଏହା ଏକ ଅପମାନଜନକ ଘଟଣା ଥିଲା। ଆଉ ଏକ ଘଟଣାରେ ଭାରତ ସରକାରଙ୍କ ଦ୍ୱାରା ଜାରି ନିୟମାବଳୀ ମାନିବାକୁ ବାଧ୍ୟ ନୁହେଁ ବୋଲି 'ଟ୍ୱିଟର' କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ନିଜ ପକ୍ଷ ରଖିବା ବେଳେ ରୋକ୍‌ଠୋକ୍ ଜବାବ ଦେଇଥିଲା ଏବଂ ଭାରତୀୟ ସମ୍ବିଧାନର ଦ୍ୱାହି ଦେଇଥିଲା। ତେଣୁ ମେଟା ଓ ୟୁଟ୍ୟୁବ୍ ଯେ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତର ଆଦେଶକୁ ମାନିବ ସେ ବିଶ୍ୱାସ ଆସୁନାହିଁ। ତେଣୁ ଏବେ ଏଥିପାଇଁ ବୈଶ୍ୱିକସ୍ତରରେ ଏକ ସହଯୋଗ ଓ ସମନ୍ୱୟ ଭିତ୍ତିକ ଆନ୍ତର୍ଜାତିକ ନିୟମାବଳୀ ଲାଗୁ ହେବା ଆବଶ୍ୟକ।

## ଦେଶପ୍ରେମୀ ବିଜୁବାବୁ

ପ୍ରତାପ ଜେନା

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କୁ ମିଳିଥାଏ। ବିଜୁବାବୁ ସେଥିମଧ୍ୟରୁ ଅନ୍ୟତମ। ସେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ। ଓଡ଼ିଶା, ଭାରତ ଓ ବିଶ୍ୱର ଜଣେ ଅନ୍ୟତମ ଉତ୍ତୁଙ୍ଗ ପୁରୁଷ। ସେ ମୁକ୍ତି ସଂଗ୍ରାମୀ ଓ ଓଡ଼ିଆ ସ୍ୱାଭିମାନର ଏକ ଉଦାହରଣୀୟ ଯୁଗପୁରୁଷ। ବିଜୁ ପଟ୍ଟନାୟକ ଆଜି ଜନମାନସରେ ଅମର ହୋଇ ରହିବାର ପ୍ରମୁଖ କାରଣଟି ହେଲା ତାଙ୍କ କୀର୍ତ୍ତି ଓ କୃତି।

ଦୁର୍ଦ୍ଧର୍ଷ ବୈମାନିକ, ଝଡ଼ର ଇଗଲ, ଧରଣୀର କୃଷ୍ଣସାର ଆଦି ଅନେକ ଉପମା ଓ ଉପାଧି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ସଙ୍କଟମୋଚକ। ବ୍ରିଟିଶ୍ ଶାସନାଧୀନ ଭାରତରେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ କାଶ୍ମୀରରେ ପ୍ରଥମ ଛାୟାଯୁଦ୍ଧ ପର୍ଯ୍ୟନ୍ତ ବିଜୁବାବୁଙ୍କ ସଙ୍କଟମୋଚକ ଭୂମିକା ସୁବିଦିତ।

'ଭାରତ ଛାଡ଼' ଆନ୍ଦୋଳନ ବେଳେ ପ୍ରଚ୍ଛନ୍ନରେ ସ୍ୱାଧୀନତା ସଂଗ୍ରାମକୁ ପରିଚାଳିତ କରୁଥିବା ଅରୁଣା ଅସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମମନୋହର ଲୋହିଆଙ୍କ ଭଳି ନେତାଙ୍କୁ ଗୁପ୍ତ ବୈଠକକୁ ବିଜୁବାବୁ ନିଜେ ବିମାନରେ ନେଉଥିଲେ। ଏଥିପାଇଁ ତାଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଜେଲ୍ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା। ବିଶିଷ୍ଟ ସମାଜବାଦୀ ନେତା ସୁରେନ୍ଦ୍ର ମୋହନ ଲେଖିଛନ୍ତି, 'ବ୍ରିଟିଶ ସାମ୍ରାଜ୍ୟ ସହିତ କାର୍ଯ୍ୟରତ ପେସାଦାରମାନେ ଉଚ୍ଚ ଚାକିରିରେ ଥିବାରୁ ଏବଂ ଆର୍ଥିକ ଓ ଅନ୍ୟ ବହୁ ସୁବିଧା ସୁଯୋଗ ଉପଭୋଗ କରୁଥିବାରୁ ସେ ସବୁ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ପ୍ରସ୍ତୁତ ନଥିଲେ। ତେବେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ ଥିଲେ ବ୍ୟତିକ୍ରମ।'

ସ୍ୱାଧୀନତା ପରେ ୧୯୪୮ କାଶ୍ମୀର ଯୁଦ୍ଧରେ ଭାରତୀୟ ବାୟୁସେନାର ପାଇଲଟ୍ ଭାବେ ତାଙ୍କର ବହୁମୁଖୀ ଡିସି ୩ ଡାକୋଟା ସହାୟତାରେ କାଶ୍ମୀରରେ ସେନା ଓ ଯୁଦ୍ଧ ସରଞ୍ଜାମ ପହଞ୍ଚାଇବା ଏବଂ ସମ୍ବେଦନଶୀଳ ଅଞ୍ଚଳରୁ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବିଜୁବାବୁଙ୍କ ସେହି ସାହସିକତା ଯୋଗୁଁ ଶତ୍ରୁପକ୍ଷ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲା। ୧୯୬୨ରେ ଭାରତ-ଚୀନ ଯୁଦ୍ଧ ବେଳେ ହିମାଳୟ ପାର୍ବତ୍ୟାଞ୍ଚଳରେ ଭାରତୀୟ ସେନାଙ୍କୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ କେବଳ ତାଙ୍କ ଦକ୍ଷତାର ପ୍ରମାଣ ଦେଇ ନ ଥିଲେ ଏହା ଥିଲା ତାଙ୍କ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ।

ବିଦେଶ ମାଟିରେ ବିଜୁବାବୁଙ୍କ ବୀରତ୍ୱର ପରାକାଷ୍ଠା ଅନନ୍ୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀମାନଙ୍କ କବଳରେ ଥିବା ବହୁ ବ୍ରିଟିଶ ଅଧିକାରୀଙ୍କୁ ବିଜୁବାବୁ ଉଦ୍ଧାର କରିବା ହେଉ କିମ୍ବା ଇଣ୍ଡୋନେସିଆର ନେତା ସାହାଲିୟର ଓ ହାଟାଙ୍କୁ ଡଚ୍ କବଳିତ ଜାକର୍ତ୍ତାରୁ ଉଦ୍ଧାର କରିବା ହେଉ ବିଜୁବାବୁଙ୍କ ବୀରତ୍ୱର ଗାଥା ଯେତିକି ରୋମାଞ୍ଚକର ତତୋଧିକ ପ୍ରେରଣାଦାୟୀ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଅନୁରୋଧକ୍ରମେ, ଗୁପ୍ତ ସ୍ଥାନରେ ଥିବା ଇଣ୍ଡୋନେସିଆର ସ୍ୱତନ୍ତ୍ରତା ସେନାନୀ ନେତାଙ୍କୁ ଉଦ୍ଧାର କରି ଏକ ନିରାପଦ ସ୍ଥାନକୁ ଉଡ଼ାଇ ଆଣିଥିଲେ। ବିଜୁ ପଟ୍ଟନାୟକ ପତ୍ନୀ ଜ୍ଞାନଦେବୀଙ୍କୁ ସାଙ୍ଗରେ ନେଇ ତାଙ୍କ ଡାକୋଟା ବିମାନରେ ଏହି ଦୁଃସାହସିକ ଯାତ୍ରା ବେଳେ ସିଙ୍ଗାପୁରଠାରେ ତାଙ୍କୁ ଖବର ମିଳିଲା ଯେ ସେ ଇଣ୍ଡୋନେସିଆ ଆକାଶ ସୀମାରେ ପ୍ରବେଶ କଲେ ଡଚ୍ ସୈନିକମାନେ ତାଙ୍କ ବିମାନକୁ ଗୁଳିକରି ଖସାଇଦେବେ। ଏଥିରେ ବିଜୁବାବୁ ଡରି ନ ଯାଇ କହିଥିଲେ ଯେ ଯଦି ତାଙ୍କ ବିମାନକୁ ଗୁଳି କରାଯାଏ ତେବେ ଭାରତର ଆକାଶ ପଥ ଦେଇ ଯାଉଥିବା ସମସ୍ତ ଡଚ୍ ବିମାନକୁ ଖସାଇ ଦିଆଯିବ। ଏଥିରେ ଡଚ୍‌ମାନେ ଆଉ ବିଜୁବାବୁଙ୍କ ଡାକୋଟାକୁ ଆକ୍ରମଣ କରିବାକୁ ସାହସ କରି ନଥିଲେ। ଇଣ୍ଡୋନେସିଆରେ ପହଞ୍ଚି ସେ ଉପରାଷ୍ଟ୍ରପତି ହଟ୍ଟା ଓ ପ୍ରଧାନମନ୍ତ୍ରୀ ସାହାରିୟରଙ୍କୁ ଉଦ୍ଧାର କରି ଦିଲ୍ଲୀରେ ପହଞ୍ଚିଥିଲେ। ସେ ସମୟରେ ସମ୍ବାଦପତ୍ର ଶିରୋନାମା ଥିଲା 'ବିଜୁ ପଟ୍ଟନାୟକ ବ୍ରେକ୍‌ସ ଡଚ୍ ବ୍ଲକେଡ୍'। ଇଣ୍ଡୋନେସିଆ ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଯୋଗୁଁ ସେ ଇଣ୍ଡୋନେସିଆର 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ ହୋଇଥିଲେ।

ପରବର୍ତ୍ତୀ ସମୟରେ ଯୁଗୋସ୍ଲୋଭିଆରେ ଅନୁଷ୍ଠିତ ଏକ ସମ୍ମିଳନୀରେ ନେହେରୁ ସୁକର୍ଣ୍ଣଙ୍କ ଉପରେ ବିରକ୍ତ ହୋଇଥିଲେ। ଏହି ଅପମାନର ପ୍ରତିଶୋଧ ନେବା ପାଇଁ ସୁକର୍ଣ୍ଣ ୧୯୬୨ରେ ଚୀନ୍‌ର ଭାରତ ଆକ୍ରମଣ ବେଳେ ଚୀନ୍‌କୁ ସାମରିକ ସହାୟତା ଦେବାକୁ ନିଷ୍ପତ୍ତି ନେଇଥିଲେ। ନେହେରୁଙ୍କ ପରାମର୍ଶକ୍ରମେ ବିଜୁବାବୁ ସୁକର୍ଣ୍ଣଙ୍କୁ ଭେଟି ତାଙ୍କ ନିଷ୍ପତ୍ତି ବଦଳାଇବାରେ ସଫଳ ହୋଇଥିଲେ। ଏଥିସହିତ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ବନ୍ଦରଗୁଡ଼ିକୁ ନଷ୍ଟ କରିଦେବା ପାଇଁ ଆୟୁବ୍ ଖାଁ ସୁକର୍ଣ୍ଣଙ୍କୁ ସାମରିକ ସହାୟତା ମାଗିଥିଲେ। ସୁକର୍ଣ୍ଣ ଏଥିଲାଗି ତିନୋଟି ବୁଡ଼ାଜାହାଜ ଓ ଗୋଟିଏ ମିରାଜ୍ ଯୁଦ୍ଧ ବିମାନ ପାକିସ୍ତାନକୁ ପଠାଇବାକୁ ରାଜି ହୋଇଥିଲେ। ଏହା ଜାଣିପାରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ସୁକର୍ଣ୍ଣଙ୍କୁ ବୁଝାଇବାକୁ ବିଜୁ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ସେତେବେଳକୁ ବୁଡ଼ାଜାହାଜଗୁଡ଼ିକ ପାକିସ୍ତାନ ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଥିଲା। ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ସୁକର୍ଣ୍ଣ ତୁରନ୍ତ ବୁଡ଼ାଜାହାଜ ଫେରାଇ ଆଣିବାକୁ ଦେଶର ନୌବାହିନୀକୁ ନିର୍ଦ୍ଦେଶ ଦେଇଥିଲେ। ଭାରତ ପ୍ରତି ଦେଖା ଦେଇଥିବା ବିପଦ ଟଳି ଯାଇଥିଲା।

ଜୀବନକୁ ବାଜି ଲଗାଇ ଯୁଦ୍ଧ ଭୂମିରେ ସେନାଙ୍କୁ ସହାୟତା କରିବାରେ ବିଜୁବାବୁ ଅନେକ କୀର୍ତ୍ତି ସ୍ଥାପନା କରିଯାଇଛନ୍ତି। ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ଷ୍ଟାଲିନଗ୍ରାଡ୍‌ର ନିର୍ଣ୍ଣାୟକ ଯୁଦ୍ଧରେ ତାଙ୍କର ବୀରତ୍ୱ ଓ ସାହସର ପରାକାଷ୍ଠା, ଯେଉଁଥିପାଇଁ ତାଙ୍କ ପାର୍ଥିବ ଶରୀର ଉପରେ ରୁଷ୍ ଜାତୀୟ ପତାକା ଶୋଭା ପାଇଥିଲା ଏବଂ ୧୯୯୫ ମସିହାରେ ତାଙ୍କୁ ରୁଷ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା। ପୁଣି ଥରେ ତାଙ୍କୁ ତାଙ୍କ ଅବର୍ତ୍ତମାନରେ ୨୦୨୫ ମେ' ୭ତାରିଖରେ ସମ୍ମାନିତ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷ ଦଖଲ ପାଇଁ ହିଟ୍‌ଲରଙ୍କ ସେନା ଆରମ୍ଭ କରିଥିଲା 'ଅପରେସନ୍ ବାରବାରୋସା'। ନିର୍ଣ୍ଣାୟକ ଯୁଦ୍ଧ ଆରମ୍ଭ ହୋଇଥିଲା ଷ୍ଟାଲିନ୍‌ଗ୍ରାଡ୍‌ଠାରେ। ଏହି ଅଞ୍ଚଳ ଥିଲା ରୁଷ୍‌ର ଶିଳ୍ପ ଓ ସାମରିକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦର ମୁଖ୍ୟ ଉତ୍ପାଦନକେନ୍ଦ୍ର। ୧୯୪୨ ଅଗଷ୍ଟ ୨୩ ତାରିଖରେ ନାଜି ସେନା ଷ୍ଟାଲିନ୍‌ଗ୍ରାଡ୍‌ରେ ଅତର୍କିତ ଆକ୍ରମଣ କଲା। ସହରର ୯୦ ଭାଗ ଅଞ୍ଚଳ ନାଜି ସେନା ଦଖଲ କରିସାରିଥିଲା। ଆଉ ମାତ୍ର ୧୦ ପ୍ରତିଶତ ଦଖଲ କରିଥିଲେ ରୁଷ୍‌ର ପରାଜୟ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଫଳାଫଳ ଭିନ୍ନ ହୋଇଥା'ନ୍ତା। ସେହିବର୍ଷ ନଭେମ୍ବର ମାସ ବେଳକୁ ରୁଷ୍ ତା'ର ସମସ୍ତ ସୈନ୍ୟ ଓ ସାମରିକ ବଳ ଲଗାଇ ଆରମ୍ଭ କଲା 'ଅପରେସନ୍ ୟୁରାନସ୍'। ସେତେବେଳକୁ ଶୀତଋତୁ ଆରମ୍ଭ ହୋଇସାରିଥିଲା। ସେନା ଶିବିରକୁ ଖାଦ୍ୟ ଓ ଗୁଳିଗୋଳା ଯୋଗାଣ ଏକପ୍ରକାର ବନ୍ଦ ହୋଇଗଲା। କିନ୍ତୁ ତତ୍କାଳୀନ ରୟାଲ୍ ଇଣ୍ଡିଆନ୍ ବାୟୁସେନାର ପାଇଲଟ୍ ବିଜୁ ପଟ୍ଟନାୟକ ଅପୂର୍ବ ସାହସ ଓ ବୀରତ୍ୱ ପ୍ରଦର୍ଶନ କରି ଡଗଲାସ ସି ୪୭ ସ୍କାଏଟ୍ରେନ୍(ଡାକୋଟା) ଯୋଗେ ଠିକଣା ସମୟରେ ନାଜି ସୈନ୍ୟ ଘେରା ଷ୍ଟାଲିନ୍‌ଗ୍ରାଡ୍‌ରେ ରୁଷ୍ ସେନାକୁ ଆବଶ୍ୟକ ଖାଦ୍ୟ ଓ ସାମରିକ ସହାୟତା ଯୋଗାଇ ଦେବା ଫଳରେ ନିର୍ଣ୍ଣାୟକ ଯୁଦ୍ଧର ମୋଡ଼ ବଦଳିଗଲା। ନାଜି ସେନାର ୧ ଲକ୍ଷ ସୈନ୍ୟ ରୁଷ ଦ୍ୱାରା ବନ୍ଦୀ ହେଲେ ଏବଂ ଏଥିସହିତ ହିଟ୍‌ଲରଙ୍କ ସାମରିକ ଶକ୍ତିର ପତନର ଧାରା ଆରମ୍ଭ ହେଲା। ରୁଷ ସେନା ୧୯୪୫ ମସିହା ମେ' ୯ ତାରିଖରେ ବର୍ଲିନ୍ ଦଖଲ କଲା। ସେହିଦିନକୁ 'ବିଜୟ ଦିବସ' ରୂପେ ରୁଷ ପାଳନ କରିଆସୁଛି ଏବଂ ଯାହାଙ୍କ ବିନା ଏହା ସମ୍ଭବ ହୋଇପାରିନଥା'ନ୍ତା ସେହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିବାକୁ ପିଢ଼ି ପରେ ପିଢ଼ି ଭୁଲି ନାହିଁ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। ଅନନ୍ୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ବିଜୁଙ୍କ ଅନ୍ତିମ ସଂସ୍କାର ସମୟରେ ତାଙ୍କ ମରଶରୀରରେ ଭାରତୀୟ ଜାତୀୟ ପତାକା ସହ ରୁଷିଆ ଫେଡେରେସନ୍ ଏବଂ ଇଣ୍ଡୋନେସିଆର ପତାକା ରଖାଯାଇଥିଲା। ସେହି ବିଶ୍ୱବନ୍ଦ୍ୟ ବିଜୁ ପଟ୍ଟନାୟକଙ୍କୁ ଅନ୍ତରର ସହ ସସମ୍ମାନ ପ୍ରଣାମ।

(ପୂର୍ବତନ ମନ୍ତ୍ରୀ, ଓଡ଼ିଶା ସରକାର)

## ଅସହିଷ୍ଣୁତା ସଂପର୍କହାନିର କାରଣ

ଅର୍ଜ୍ଜୁନ ଘଡ଼େଇ

ଅନ୍ୟର ସୁଖ, ଶିରୀ, ସଂପଦ, ସୌଭାଗ୍ୟ ଆଦିକୁ ସହ୍ୟ ନ କରିପାରିବାର ମାନସିକତା ଆମ ମନରେ ଅନ୍ୟପ୍ରତି ଅସହଶୀଳତା, ଅସହିଷ୍ଣୁତା, ପରଶ୍ରୀକାରତା ଭାବ ଜାଗ୍ରତ କରେ। ଆଜିର ସମାଜରେ ଏପରି ଭାବନା ଅନେକଙ୍କ ମନରେ ସୃଷ୍ଟି ହେବା ଆମେ ଦେଖୁଛେ। ଏହାର କୁପରିଣତି ସ୍ୱରୂପ, ଯାହା ପ୍ରତି ଏପରି ଭାବନା ସୃଷ୍ଟିହୁଏ ତା'ର ଯେତିକି କ୍ଷତି ନହୁଏ, ନିଜର ଅଧିକ କ୍ଷତିସାଧନ କରିଥାଏ। ଆଉ ଏପରି ଭାବନାରୁ ପରସ୍ପର ମଧ୍ୟରେ ଅସଂପର୍କ ସୃଷ୍ଟି ହୁଏ। ସଂପର୍କର ଦୀର୍ଘସ୍ଥାୟୀ ଭାବନା ମନରୁ ଅପସରି ଯାଇ କ୍ରମଶଃ ବ୍ୟବଧାନ ଚାଲେ। କାହା ସହିତ ସଂପର୍କ ବିନା ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ନିଃସଂଗ ଜୀବନ ନିର୍ବାହ କରିପାରେ ନାହିଁ। କିନ୍ତୁ ଏହି ଅସହିଷ୍ଣୁ ଭାବ କାରଣରୁ ନିଜକୁ ବେଳେବେଳେ ଏକୁଟିଆ ହେବା ପରି ଅନୁଭବ କରେ। ଅସଂପର୍କ ସୃଷ୍ଟି କାରଣରୁ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ। ଏପରି ଭାବନା ପରିବାର ଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଘଟିଚାଲୁଛି, ଯାହା ଆମେ ଅଂଗେ ନିଭାଉଛେ।

ମନ ଭିତରେ ଅନେକ କୁପ୍ରକୃତି ବସାବାନ୍ଧି ରହିଛନ୍ତି। ଶରୀରକୁ ବିଷାକ୍ତ କରିବାରେ, ଅସୁସ୍ଥ ମାନସିକତା ସୃଷ୍ଟି କରିବାରେ ଏମାନେ ବ୍ୟସ୍ତଥା'ନ୍ତି। ମନରେ ଅହଂକାର ଭାବ ସୃଷ୍ଟି ହେବା ହିଁ ଅସହିଷ୍ଣୁତାର କାରଣ। ଏପରି ଭାବନା ଯେତେବେଳେ ମନରେ ସୃଷ୍ଟି ହୁଏ ସେତେବେଳେ ଆମେ ନିଜର ସୁଖ, ସଂପଦ ପ୍ରତି ବେଶୀ ଆସକ୍ତ ହୋଇଥାଉ। ଅନ୍ୟର ସୁଖ, ଶାନ୍ତିକୁ ସହ୍ୟ କରିବା ଆମ ପକ୍ଷରେ କଷ୍ଟ ହୁଏ। 'ସର୍ବେ ଭବନ୍ତୁ ସୁଖୀନଃ' - ଏହା ବୁଝିବାରେ ଆମେ ଅସମର୍ଥ ହୋଇପଡୁ। ଫଳରେ ସମାଜ ବା ଦେଶର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ ଓ ହେଉଛି ମଧ୍ୟ। ସମାଜର ସମସ୍ତଙ୍କ ପ୍ରତି ସମଭାବ ପ୍ରଦର୍ଶନ କରିବା, ଆମ ସଂସ୍କାରାଭିମୁଖୀ ଚରିତ୍ରର ବଳିଷ୍ଠ ପରିପ୍ରକାଶ, ଏହା ଆମେ ବୁଝିବାରେ ଅକ୍ଷମ ଏବଂ ଏହା ଏକ ସାମାଜିକ ବିଡ଼ମ୍ବନା ଭାବେ ଗ୍ରହଣୀୟ।

ପଡ଼ୋଶୀଟିର କୋଠାବାଡ଼ି, ମୋଟରଯାନ, ବ୍ୟାଙ୍କ୍ ବାଲାନ୍ସ ଦେଖି ଛୋଟିଆ ବଖରାଏ ଦି'ବଖରା କୋଠାଘରେ ରହିବାକୁ ଆମେ ସହିପାରୁନା। ଛୋଟ ବ୍ୟବସାୟୀଟିଏ ପାଖରେ ଥିବା ବଡ଼ ବ୍ୟବସାୟୀଟିକୁ ଭଲରେ ଦେଖିପାରେନି। ସାମାଜିକ, ପ୍ରତିଷ୍ଠା, ପ୍ରତିପତ୍ତି ଥିବା ଲୋକଟିକୁ ଆମେ ସହୃଦୟତାର ସହ ଗ୍ରହଣ କରିବାରେ ବିମୁଖ ହେଉ। ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚିବାକୁ ସଂଗ୍ରାମ କରୁଥିବା ଛୋଟ ଦେଶଟିଏ, ଏକ ପ୍ରଗତିଶୀଳ, ବିକାଶ ଉନ୍ମୁଖୀ ବା ବିକଶିତ ଦେଶଟିର ପ୍ରଗତିଶୀଳ ଭାବନାକୁ ସହିବା କଷ୍ଟ ବୋଧ କରେ। ଏପରି ଅସହିଷ୍ଣୁତା ଭାବ ଯୋଗୁଁ କେହି କାହାର ସୁଖ, ଶିରୀ ଦେଖିବାକୁ ଚାହାନ୍ତି ନାହିଁ। ଯେଉଁଥିପାଇଁ ବିଶ୍ୱରେ ସବୁବେଳେ ଅସ୍ଥିରତା, ଅଶାନ୍ତି, ଯୁଦ୍ଧ ପରି ଭୟାୟତା ସୃଷ୍ଟିର କାରଣ ହେଉଛି। ଦେଶଦେଶ ଭିତରେ ବନ୍ଧୁତ୍ୱ, ସଂପର୍କ ସ୍ଥାପନ ପାଇଁ କେତେକ ଦେଶ ଚେଷ୍ଟା ଜାରି ରଖିଥିବା ବେଳେ କେତେକ ରାଷ୍ଟ୍ରଙ୍କ ଅହଂକାର, ସ୍ୱେଚ୍ଛାଚାରୀ ପ୍ରବୃତ୍ତି ବିଶ୍ୱରେ କେବଳ ଅସ୍ଥିରତା ସୃଷ୍ଟି କରୁଛି ଏବଂ ମାନବ ସଭ୍ୟତା ଧ୍ୱଂସାଭିମୁଖୀ ହେଉଛି।

ଶୈଶବରେ ଶିଶୁଟି ମନରେ ଧନୀ, ଗରିବ, ଉଚ୍ଚ ନୀଚ ଓ ଭେଦଭାବ ନଥାଏ। ସାଙ୍ଗ, ସାଥୀ ମେଳରେ, ଖେଳ, କୁଦ ଚାଲିଥିବା ବେଳେ ଆମେ ଅଭିଭାବକମାନେ ଗାଳିଦେଇ କହୁ, 'ଆରେ ତତେ ଲାଜ ଲାଗୁନି, ତା' ସହିତ ଖେଳୁଛୁ? ସିଏ ଶ୍ରେଣୀରେ ପ୍ରଥମ ହେଉଛି, ଆଉ ତୁ ଶେଷରେ ରହୁଛୁ' - ଏମିତି ବାରମ୍ବାର କହିବା ଫଳରେ ପିଲାଟି ମନରେ ସାଥୀଟି ପ୍ରତି ଅସହିଷ୍ଣୁ ଭାବ ସୃଷ୍ଟିହୁଏ। ସଂପର୍କ ଦୂରେଇ ଯାଏ। ଏହାର କୁପ୍ରଭାବ ଭବିଷ୍ୟତ ଜୀବନରେ ସଂପର୍କ ସୃଷ୍ଟି କରିବା ଠାରୁ ଦୂରେଇ ଦିଏ। ବିଭିନ୍ନ ପ୍ରତିଯୋଗିତା, ଯୋଗ୍ୟତା ଭିତ୍ତିକ ପରୀକ୍ଷା ଆଦିରେ ଅସଫଳ ହେଉଥିବା ପିଲାଟିକୁ ସଫଳତା ପାଉଥିବା ସାଥୀଟିର ଉଦାହରଣ ଦେଲେ ତା' ମନରେ ପ୍ରତିଦ୍ୱନ୍ଦ୍ୱିତା ଭାବ ସୃଷ୍ଟି ହେବା ପରିବର୍ତ୍ତେ ପ୍ରତିହିଂସା ଭାବ ସୃଷ୍ଟିହେବା ସ୍ୱାଭାବିକ। ତେଣୁ ଆମେ ଅଭିଭାବକ ବା ଗୁରୁଜନମାନେ ପିଲାମାନଙ୍କ ମନରେ ଏପରିକୁ ସଂକୀର୍ଣ୍ଣ ଚିନ୍ତାଧାରାର ଅନୁପ୍ରବେଶକୁ ପ୍ରତିହତ କରିବାର ପ୍ରୟାସ କରିବା ଆବଶ୍ୟକ।

ଭଲ ବନ୍ଧୁଟିଏ ସହ ନିବିଡ଼ ସଂପର୍କ ସ୍ଥାପନ କରିବାକୁ ହେଲେ ମନରୁ ଅସହିଷ୍ଣୁ ଭାବ ଦୂର କରିବା ଅପରିହାର୍ଯ୍ୟ ବରଂ ସାଥୀଟିର ପ୍ରଗତିରେ ଖୁସି ପ୍ରକଟ କଲେ ତା'ର ବିଶ୍ୱାସଯୋଗ୍ୟ ହେବା ସହ ଆବଶ୍ୟକତା ସମୟରେ ସହଯୋଗ ମିଳିବା ସମ୍ଭବ ହେବ। ତେଣୁ ଅନ୍ୟର ପ୍ରଗତି ବା ସମୃଦ୍ଧିକୁ ବିବେକାନୁମୋଦିତ ଭାବେ ସହିନେବାର ମାନସିକତା ସୃଷ୍ଟି କରିବା ସର୍ବାଦୌ ଗ୍ରହଣୀୟ। ଅନ୍ୟର ସୁଖ, ସୌଭାଗ୍ୟକୁ ସରଳ ମନରେ ଗ୍ରହଣ କରିନେଇ ଆନନ୍ଦ, ଖୁସି ଅନୁଭବ କଲେ ନିଜ ଶରୀର ବା ମନ ଉପରେ ଏହାର କୁପ୍ରଭାବ ପଡ଼ିବ ନାହିଁ, ବରଂ ନିଜ ଭିତରେ ଆଗକୁ ଶକ୍ତି ସଞ୍ଚୟ କରି ବଢ଼ିବାର ସମ୍ଭାବନା ସୃଷ୍ଟି ହେବ। ସମାଜ ବା ରାଷ୍ଟ୍ରର ନାଗରିକମାନଙ୍କ ମନରୁ ଅସହିଷ୍ଣୁ ଭାବ ଦୂରେଇ ଗଲେ ପରସ୍ପର ପ୍ରତି ସହଯୋଗୀ ମନଭାବ ସୃଷ୍ଟି ହୋଇ ସାମଗ୍ରିକ ବିକାଶରେ ସହାୟତା କରିବ। ଏକ ବୃହତ୍ ବୃକ୍ଷ ତଳେ ଅନେକ କ୍ଷୁଦ୍ର ବୃକ୍ଷ ଆଶ୍ରିତ ହୋଇ ବଞ୍ଚି ରହି ଜୀବନ ରକ୍ଷା କରୁଥିବା ବେଳେ ବଡ଼ଗଛଟି ପ୍ରତି ଅସହିଷ୍ଣୁ ଭାବ ପୋଷଣ ନକରି ସହାୟତାରୁ ବଞ୍ଚିଥିବାରୁ କୃତଜ୍ଞତା ଜଣାଇଥା'ନ୍ତି। ତେଣୁ ଅନ୍ୟର ସୁଖ, ସଂପଦ, ପ୍ରଗତି, ସମୃଦ୍ଧି ଦେଖି ଦୁଃଖୀ ନହୋଇ ଅସହିଷ୍ଣୁ ବା ଅସହନଶୀଳ ହେବା ଅନୁଚିତ। ଧନୀ ପଡ଼ୋଶୀଟିଏ, ସୁଖୀ ବନ୍ଧୁଟିଏ, ସମୃଦ୍ଧଶାଳୀ ଦେଶଟିଏ, ଆବଶ୍ୟକତା ସମୟରେ ସହାୟତାର ହାତ ବଢ଼ାଇବାର ସମ୍ଭାବନା ଥାଏ। ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରହିଲେ ଅସଂପର୍କ ସୃଷ୍ଟି ହେବା ସହ ସହାୟତାର ହାତ ସଙ୍କୁଚିତ ହୋଇଯିବ - ଏହା ନିଃସନ୍ଦେହ। ବିଶେଷକରି ଛୋଟ ପିଲାଙ୍କ ମନରେ ଏହି ଭାବନା ସୃଷ୍ଟି ନ କରିବାକୁ ଆମେ ଗୁରୁଜନ, ବୟସ୍କମାନେ ସଚେତନ ହେବାର ଆବଶ୍ୟକତା ରହିଛି।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

## ଶ୍ୱାନ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଦୃଢ଼ ଭଗବତ୍ ବିଶ୍ୱାସ ଓ ଆଧ୍ୟାତ୍ମବାଦୀ ଦେଶ ଭାବେ ବିଶ୍ୱବିଦିତ ଭାରତରେ ପ୍ରତ୍ୟେକ ଜୀବଜନ୍ତୁ ଓ ବୃକ୍ଷଲତା ପୂଜନୀୟ। ଏହି ଅଦ୍ଭୁତ ଓ ନିଆରା ବିଶ୍ୱାସର ଧାରାରେ ଶ୍ୱାନ ବା କୁକୁରମାନଙ୍କୁ ମଧ୍ୟ ପୂଜା କରାଯାଉଛି। ଋକ୍‌ବେଦ ଓ ଅନ୍ୟ ପୌରାଣିକ ଗ୍ରନ୍ଥରେ 'ସରମା' ନାମକ ଏକ ମାଈଶ୍ୱାନର ବର୍ଣ୍ଣନା ରହିଛି, ଯିଏକି ଦେବରାଜ ଇନ୍ଦ୍ରଙ୍କ ସାହାଯ୍ୟାର୍ଥେ ବିଦ୍ୟମାନ ଏବଂ ସବୁ ଶ୍ୱାନଙ୍କ ମାତା ଭାବେ ବର୍ଣ୍ଣିତ। ତେଣୁ ଋକ୍‌ବେଦରେ ଶ୍ୱାନମାନଙ୍କୁ ସାରମେୟ, ଅର୍ଥାତ୍ ସରମାଙ୍କର ସନ୍ତାନ ଭାବେ ପ୍ରତିପାଦିତ କରାଯାଇଛି। ଏହି ଦେବଶ୍ୱାନ ସରମା 'ପାଣି' ନାମକ ଅସୁର ନିକଟରୁ ଦିବ୍ୟ ଗୋମାତାମାନଙ୍କୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଋକ୍‌ବେଦର ଅନେକ ଶ୍ଲୋକରେ 'ସରମା-ପାଣି' ସମ୍ବାଦର ଉଲ୍ଲେଖ କରାଯାଇଛି। ମହାକାବ୍ୟ ମହାଭାରତ ଓ ରାମାୟଣରେ ମଧ୍ୟ ସରମା ସମ୍ପର୍କିତ ସଂକ୍ଷିପ୍ତ ତଥ୍ୟ ଅଛି। ଶ୍ରୀମନ୍ଦିରର ବେଢ଼ାରେ କୁତ୍ତାମ ଚଣ୍ଡି ଆରାଧିତା ହେଉଛନ୍ତି, ଯାହା ପଛରେ ପୌରାଣିକ ଲୋକକଥା ରହିଛି।

ବିଭିନ୍ନ ପୌରାଣିକ ଆଖ୍ୟାନରେ ଶ୍ୱାନମାନଙ୍କୁ କାଳଭୈରବଙ୍କ ବାହନ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ଭାରତରେ ଅନେକ ସ୍ଥାନରେ ଶ୍ୱାନ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଶ୍ୱାନଙ୍କ ପ୍ରତିମା ନିକଟରେ ଶ୍ରଦ୍ଧାଳୁମାନେ ବିଧିବଦ୍ଧ ଭାବେ ପୂଜା କରୁଛନ୍ତି। ଶ୍ୱାନଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଶ୍ୱାନ ମନ୍ଦିର ନିର୍ମାଣ ହେବା ପଛରେ ବିଭିନ୍ନ ଜନଶ୍ରୁତି ଓ ଲୋକକଥା ମଧ୍ୟ ଅଛି।

ଶ୍ୱାନ ମନ୍ଦିର ଶ୍ରେଣୀରେ ସବୁଠାରୁ ଶ୍ରେଷ୍ଠ ହେଉଛି ଉତ୍ତରପ୍ରଦେଶର ବାରାଣସୀସ୍ଥିତ କାଳଭୈରବଙ୍କ ମନ୍ଦିର। ଶିବଙ୍କର ପ୍ରିୟନଗରୀ କାଶୀର କୋତୱାଲ୍ ଭାବେ ବିଦିତ ବାବା କାଳଭୈରବ ସ୍ୱୟଂ କଳାରଙ୍ଗର କୁକୁର ଉପରେ ବିରାଜମାନ କରିଛନ୍ତି। ଶ୍ୱାନମାନେ ପ୍ରଭୁଭୃତ୍ୟ, ରକ୍ଷକ ଓ ନକାରାତ୍ମକ ଶକ୍ତିର ପ୍ରତିହତକାରୀ ହୋଇଥିବାରୁ ବାବା କାଳଭୈରବଙ୍କ ବାହନ ଭାବେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରରେ ଶ୍ୱାନଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁମାନେ ପ୍ରସାଦ ଦେଇଥା'ନ୍ତି। କେବଳ ମନ୍ଦିର ଭିତରେ ନୁହେଁ, ବରଂ କାଶୀରେ ଥିବା ବୁଲା କୁକୁରଙ୍କ ପ୍ରତି ମଧ୍ୟ ଲୋକମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ଖାଦ୍ୟ ବିତରଣ ଓ ସେବାଯତ୍ନ କରିଥା'ନ୍ତି। କାଳଭୈରବଙ୍କ ମନ୍ଦିର ପରିସର ଭିତରେ ଥିବା ଗୋଟିଏ କୁକୁରର ସମାଧି ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଏଠାରେ ପୂଜା କରିବା ଦ୍ୱାରା ବାବା କାଳଭୈରବ ପ୍ରସନ୍ନ ହୋଇଥା'ନ୍ତି ଏବଂ ଭକ୍ତର ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। କୁକୁରର ସମାଧି ସମ୍ପର୍କରେ ଏକ ଜନଶ୍ରୁତି ମଧ୍ୟ ପ୍ରଚଳିତ।

ଏକଦା କାଶୀକୁ ଜଣେ ଯାଯାବର ତାଙ୍କର କୁକୁର ସହିତ ଆସିଥିଲେ। ଅକାଳ ଯୋଗୁଁ ଖାଦ୍ୟାଭାବ ହେବାରୁ ଯାଯାବର ଜଣକ କୁକୁରଟିକୁ ଜଣେ ଧନୀ ବ୍ୟକ୍ତିଙ୍କୁ ବିକ୍ରି କରି ଅନ୍ୟତ୍ର ଚାଲିଯାଇଥିଲେ। କୁକୁରଟି ଧନୀବ୍ୟକ୍ତିଙ୍କ ବିଶ୍ୱସ୍ତ ଭୃତ୍ୟ ଭାବେ ରହିଲା। ଦିନେ ଧନୀବ୍ୟକ୍ତିଙ୍କ ଘରୁ ଚୋରି ହୋଇଗଲା। କୁକୁରଟି ଚୋରକୁ ଚିହ୍ନିବା ଏବଂ ଚୋରିଧନ ଉଦ୍ଧାର କରିବାରେ ସଫଳ ହେଲା। କୁକୁରର ଏହି ଆନୁଗତ୍ୟ ଦେଖି ଧନୀବ୍ୟକ୍ତି ଜଣକ ବହୁତ ଆନନ୍ଦିତ ହେଲେ ଏବଂ କୁକୁରଟିକୁ ବନ୍ଦୀ ଜୀବନରୁ ମୁକ୍ତ କରିଦେବାକୁ ସ୍ଥିର କରି ତା'ବେକର ଶିକୁଳିକୁ ଖୋଲିଦେଲେ। କୁକୁରଟି କେବେ କାହାର କ୍ଷତି ନକରି ଏଣେତେଣେ ବୁଲିବାକୁ ଲାଗିଲା। କିଛିଦିନ ପରେ ଉକ୍ତ ଯାଯାବର କାଶୀକୁ ଫେରି ଆସି ଦେଖିଲେ ଯେ, ତାଙ୍କ କୁକୁରର ବେକରେ ଆଉ ଶିକୁଳି ନାହିଁ ଏବଂ ସେ ଏଣେତେଣେ ବୁଲୁଛି। ଯାଯାବର ଭାବିଲେ ଯେ, ସେ କୁକୁରଟି ଧନୀବ୍ୟକ୍ତିଙ୍କ ଅନିଷ୍ଟ କରି ତାଙ୍କର ଆନୁଗତ୍ୟ ସ୍ୱୀକାର ନକରି ଛାଡ଼ି ଚାଲିଆସିଛି। ଏହା ଭାବି ସେ କ୍ରୋଧରେ କୁକୁରଟିକୁ ହତ୍ୟା କରିଦେଲେ। କିନ୍ତୁ ପରେ ସେ ସତ ଜାଣି ଅନୁତାପ କଲେ ଏବଂ ବାବା କାଳଭୈରବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହିତ ତାଙ୍କର ପ୍ରାୟଶ୍ଚିତ ସ୍ୱରୂପ ଉକ୍ତ କୁକୁରର ଗୋଟିଏ ସମାଧି ନିର୍ମାଣ କଲେ। ପ୍ରତିଦିନ ଯାଯାବର ସମାଧିରେ ପୂଜାର୍ଚ୍ଚନା କରିବା ସହିତ ଖାଦ୍ୟ ଅର୍ପଣ କରୁଥିଲେ। ସେହି ପରମ୍ପରାକୁ ତାଙ୍କ ପରେ ଲୋକମାନେ ଗ୍ରହଣ କରିନେଲେ। ଅନ୍ୟ କେତେକ ଜନଶ୍ରୁତି ଓ ଲୋକମତ ଅନୁସାରେ ଛତିଶଗଡ଼ର ବାଲୋଦ ଜିଲ୍ଲାସ୍ଥିତ ଖପରି ଗାଁରେ ଥିବା 'କୁକୁରଦେବ ମନ୍ଦିର'ରେ ଯେଉଁ କୁକୁରର ପ୍ରତିମା ସ୍ଥାପନ କରାଯାଇଛି, ତାହା ପଛରେ କାହାଣୀ ଉପରୋକ୍ତ କାହାଣୀ ସହିତ ସମାନ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ତ୍ୱରାନ୍ୱିତ ହେଉ ରାଜ୍ୟ ରାଜପଥ ୬୩ ପ୍ରଶସ୍ତୀକରଣ

ଭୁବନେଶ୍ୱର (ସମିସ) ଅନୁଗୋଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥ (ଏସଏଚ- ୬୩) ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି) ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।



ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ ଏବଂ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମଏସଏମଇ ଗୁଡ଼ିକ ପାଇଁ ଏକ ଉତ୍ତମ ବାତାବରଣ ତିଆରି କରୁଛି । ଅନୁଗୋଳରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି । ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ, ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷ କରି ରାଜ୍ୟ ରାଜପଥ-୬୩ ଏବଂ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା, ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି । ଏହି ରାସ୍ତା ଜନବସତି ଦେଇ ଯାଉଥିବାରୁ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଛେଣ୍ଡିପଦାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ ନିର୍ମାଣ କରିବାକୁ ସେ ଅନୁରୋଧ କରିଛନ୍ତି । ପୁନଶ୍ଚ ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର ସହ ଯୋଡୁଛି । ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଏବଂ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ । ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବ ନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ।

## ୨୦୬ କୋଟି ଦୁର୍ନୀତି ମାମଲା

# ଡେରା ପକାଇଲା ଇଓଡବ୍ଲ୍ୟୁ ଟିମ୍

ଭାପୁର/ନୟାଗଡ଼, ୨।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବର୍ତ୍ତମାନ ରାଜ୍ୟରେ ଚର୍ଚ୍ଚାର ଅନ୍ୟତମ କେନ୍ଦ୍ର ହୋଇଛି । ୨୦୧୭-୨୦୨୧ ମସିହା ମଧ୍ୟରେ ହୋଇଥିବା ମହାଦୁର୍ନୀତିର ଛାନଭିନ୍ ପାଇଁ ଭାପୁରରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ)ର ଦୁଇଜଣିଆ ଟିମ୍ ତିନି ଦିନ ରହି ଛାନଭିନ୍ କରିବା ଆରମ୍ଭ କରିଛି । ପ୍ରଥମ ଦିନରେ ବ୍ଲକ୍‌ରୁ ଅନେକ ଫାଇଲ ସଂଗ୍ରହ କରିଛି । ୩ଦିନ ମଧ୍ୟରେ ଉପରୋକ୍ତ ଦୁର୍ନୀତି ସଂପର୍କରେ ଲୋକଙ୍କଠାରୁ ପ୍ରମାଣଯୁକ୍ତ ଅଭିଯୋଗ ଗ୍ରହଣ କରିବେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି ।

■ ତିନିଦିନ କରିବ ଛାନଭିନ
■ ଅଭିଯୋଗ ଗ୍ରହଣ କରିବେ

ଭାପୁର ବ୍ଲକ୍‌ରେ ୨୦୧୭-୨୦୨୧ ମସିହା ମଧ୍ୟରେ ଘଟିଥିବା ମହାଦୁର୍ନୀତି ପାଇଁ ରାଜ୍ୟରେ ଚର୍ଚ୍ଚାରେ ରହିଛି । ଏ ନେଇ ଗତ କିଛି ମାସର ନିରବତା ପରେ ପୁନର୍ବାର କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା ତଦନ୍ତ ଆରମ୍ଭ କରିଛି । ତତ୍କାଳୀନ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଫତେଗଡ଼ ଥାନାରେ, କୋର୍ଟରେ ତାଙ୍କର ଦସ୍ତଖତ ଓ ଲେଟର ପ୍ୟାଡକୁ ଜାଲିଆତି କରି ୮୦ କୋଟି ଟଙ୍କାର ଫଲସ ବିଲ୍ କରାଯାଇଛି ବୋଲି ଅଭିଯୋଗ କରିଥିଲେ । ମାତ୍ର ତଦନ୍ତ ସେପରି ନ ହେବାରୁ ଶ୍ରୀମତୀ ବେହେରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଲୋକାୟୁକ୍ତରେ ୪୪/୨୨ରେ ମାମଲା ରୁଜୁ ହୋଇଥିଲା ।

୪ଜଣିଆ ଏକ ଟିମ୍ ଭାପୁର ବ୍ଲକ୍‌ରେ ଦୀର୍ଘ ତିନି ମାସ ରହି ୧୦୪୦ ଫାଇଲ ଛାନଭିନ୍ କରିଥିଲେ । ସେଥିରୁ ଜଣାପଡ଼ିଥିଲା ଯେ ଏହା ୮୦ କୋଟି ନୁହେଁ, ୨୦୬ କୋଟି ବୋଲି ଲୋକାୟୁକ୍ତ କୋର୍ଟରେ ୫ଶହ ପୃଷ୍ଠାର ରିପୋର୍ଟ ତାଙ୍କ ତଦନ୍ତକାରୀ ଦଳ ତଥ୍ୟ ପ୍ରଦାନ କହିଥିଲେ । ଏତେବଡ଼ ଦୁର୍ନୀତି ତଦନ୍ତ କରିବାକୁ ସେମାନଙ୍କ ପାଖରେ ଲୋକବଳ ନଥିବା କହି ଏହି ତଦନ୍ତଭାର ରାଜ୍ୟ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାକୁ ହସ୍ତାନ୍ତର କରିଥିଲେ । ଇଓଡବ୍ଲ୍ୟୁ ଏହାର ତଦନ୍ତ ନକରି ଚୁପ୍ ହୋଇ ରହିଥିଲା । ପରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଇଓଡବ୍ଲ୍ୟୁରେ ୯/୨୦୨୫ରେ ମାମଲା ରୁଜୁ ହୋଇ ତଦନ୍ତ ହେଉଛି । ଗୁରୁବାର ଦିନ ଇଓଡବ୍ଲ୍ୟୁ ଡିଏସପି ନମିତା ସାହୁ, ଇନ୍ସପେକ୍ଟର ଅକ୍ଷୟ କୁମାର ଗୁମାନସିଂହ ଭାପୁର ଆସି ବ୍ଲକ୍‌ରେ ଛାନଭିନ୍ କରି କେତେକ ଫାଇଲ୍ ଜବତ କରିଛନ୍ତି ଏହି ଟିମ୍ ଭାପୁରରେ ୩ ଦିନ ରହି ଜନସାଧାରଣଙ୍କଠାରୁ ପ୍ରମାଣଯୁକ୍ତ ଅଭିଯୋଗ ଗ୍ରହଣ କରିବେ ବୋଲି ଡିଏସ୍‌ପି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ଧ୍ରରେ ରାତିଅଧିଆ...

ରିସେଟ୍ ବା ପୁନର୍ବାର ମତଗ୍ରହଣ ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ଅନ୍ୟୂନ ୧୪ ସେକେଣ୍ଡ ଲାଗୁଥିବାବେଳେ ଆନ୍ଧ୍ରପ୍ରଦେଶର ଅନେକ ବୁଥ୍‌ରେ ପ୍ରତି ୬ ସେକେଣ୍ଡରେ ମତଦାନ ହୋଇଥିବା ଦେଖାଯାଇଛି । ଯାହା ଅତ୍ୟନ୍ତ ଅସମ୍ଭବ ବୋଲି ଅଭିଯୋଗକାରୀ ପ୍ରଭାକର କହିଛନ୍ତି ।

ଅଭିଯୋଗ ଅନୁସାରେ ଆନ୍ଧ୍ରପଦେଶରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ମତଦାନ ପ୍ରତିଶତ ବାରମ୍ବାର ପରିବର୍ତ୍ତନ ଦେଖାଯାଇଥିଲା । ମତଦାନ ଦିନ ସନ୍ଧ୍ୟାରେ ଏହା ୬୮.୧୨ ପ୍ରତିଶତ ଥିବାବେଳେ, ୪ ଦିନପରେ ଏହା ବୃଦ୍ଧି ପାଇଁ ୮୧.୭୯ ପ୍ରତିଶତ ହୋଇ ଯାଇଥିଲା । ଯାହାକୁ ନେଇ ନିର୍ବାଚନ କମିଶନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ । ସେ କହିଛନ୍ତି ଯେ ନିର୍ବାଚନ ଅଧିକାରୀମାନେ ରାଜନୈତିକ ଦଳକୁ ପ୍ରଦାନ କରାଯାଉଥିବା ଫର୍ମ ୧୭ସି (ପ୍ରତି ବୁଥ୍‌ର ଭୋଟ୍‌ତଥ୍ୟ) ପ୍ରଦାନ କରିନାହାନ୍ତି କିମ୍ବା ଏହାକୁ ସାର୍ବଜନୀନ କରିନାହାନ୍ତି । ଯାହା ସ୍ୱାଭାବିକ ଭାବରେ ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛି । ସିବିଆଇ, ଇଡ଼ି ପରି ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାରକୁ ନେଇ ଏବେ ସାରା ଦେଶକୁ ଚିନ୍ତିତ । ଏହି ସମୟରେ ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ହ୍ରାସ ସାରା ଦେଶକୁ ଚିନ୍ତିତ କରିଛି । ପ୍ରକ୍ରିୟାଗତ ଅସ୍ୱଚ୍ଛତା, ମତଦାନ ସମୟରେ ଭୋଟର ସଂଖ୍ୟାକୁ କ୍ୟାମେରାରେ ସାର୍ବଜନୀନ ନ କରିବା, ବିଳମ୍ବିତ ରାତିରେ ମତଦାନ, ପ୍ରତି ୬ ସେକେଣ୍ଡରେ ଭୋଟିଂ ଆଦି ଆଦୌ ବିଶ୍ୱାସଜନକ ହୋଇପାରୁ ନାହିଁ ବୋଲି କହିଛନ୍ତି ।

ସେହିପରି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ. ୱାଇ. କୁରେଶି ଫର୍ମ ୧୭ ସି ଓ ଫର୍ମ ୨୦ ଉଭୟର ଫୋରେନସିକ୍ ଅଡିଟ୍ ସୁପାରିଶ କରି ପଦ୍ଧତିଗତ ସଂସ୍କାର ପାଇଁ ଆହ୍ୱାନ କରିଛନ୍ତି । ମତଦାନ ପ୍ରତିଶତ ତଥ୍ୟ ପ୍ରତିଷ୍ଠିତ ମାନଦଣ୍ଡ ଅନୁଯାୟୀ ସେହି ଦିନରେ ପ୍ରକାଶ କରାଯିବା ଉଚିତ ଏବଂ ମତଦାନ ଶେଷ ହେବା ପରେ ଫର୍ମ ୧୭ସି ର ସାରାଂଶକୁ ସାର୍ବଜନୀନ ଭାବରେ ଉପଲବ୍ଧ କରାଯିବାର ବ୍ୟବସ୍ଥା ଥିବାବେଳେ ଏହାକୁ ସ୍ପଷ୍ଟ ଭାବରେ ଉଲ୍ଲଂଘନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ୧୭୫ରୁ ୧୬୪ଟି ଆସନ ଜିତି ବିପୁଳ ବିଜୟ ହାସଲ କରିଛି ।

ଅପରପକ୍ଷରେ ନିର୍ବାଚନ କମିଶନ ଏ ସଂକ୍ରାନ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ନିର୍ବାଚନର ଦୁଇ ବର୍ଷ ପରେ ଏଭଳି ତଥ୍ୟ ଉପସ୍ଥାପନ କରିବା ଅସାମ୍ବିଧାନିକ । ଯଦି କୌଣସି ଦଳର ଆପତ୍ତି ଥିଲା, ତେବେ ସେମାନେ ଆଇନଗତ ଭାବେ କୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ଥିଲା, କିନ୍ତୁ ସେତେବେଳେ କେହି ବି ଅଭିଯୋଗ କରି ନଥିଲେ ବୋଲି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି ।

### ବଦଳିଲା ସ୍କୁଲ...

ତରବରିଆ ଭାବରେ ବିଜ୍ଞପ୍ତି ପ୍ରକାଶ ସହ ଆଜିଠାରୁ କାର୍ଯ୍ୟକାରୀ କରିବାକୁ ବିଭାଗର ନିର୍ଦ୍ଦେଶ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବିଜ୍ଞପ୍ତିରେ କୁହାଯାଇଛି ଯେ ଗଣଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା ହେବ । ଖରାଛୁଟି ହେବା ପର୍ଯ୍ୟନ୍ତ ପରିବର୍ତ୍ତିତ ସମୟରେ ପାଠପଢ଼ା ହେବ । ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲେ ପୂର୍ବପରି ସାଧାରଣ ସମୟ ଅର୍ଥାତ୍ ସକାଳ ୧୦ ଟାରୁ ବିଦ୍ୟାଳୟ ଖୋଲିବ । ମାତ୍ର ବିଦ୍ୟାଳୟ ଖୋଲିବା ପରେ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସ୍କୁଲ୍ ଖୋଲିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଏହି ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସ୍ୱତନ୍ତ୍ର ଯତ୍ନ ନେବାକୁ କୁହାଯାଇଛି । ପର୍ଯ୍ୟାପ୍ତ ପିଇବା ପାଣି ମହଜୁଦ ରଖିବା ସହ ବିଦ୍ୟାଳୟ ମଧ୍ୟରେ ଥିବା ନଳକୂପ ସଜାଡ଼ିବା, ଛାତ୍ରଛାତ୍ରୀମାନେ ପାଣି ପିଇବାକୁ ସ୍ୱତନ୍ତ୍ର ଘଣ୍ଟି ବଜାଇବା, ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖିବା ଏବଂ ବାହ୍ୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଛାତ୍ରଛାତ୍ରୀମାନେ ଖରାକୁ ଯେପରି ନ ଆସିବେ, ସେଥିପାଇଁ ଯତ୍ନବାନ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଖରା ସମୟରେ ପିଲାଙ୍କ ସ୍ୱତନ୍ତ୍ର ପ୍ରସ୍ତୁତି କରିବାକୁ ଅଭିଭାବକଙ୍କୁ ସଚେତନ କରାଯିବ । ବିଦ୍ୟାଳୟକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ଆଣିବା ଏବଂ ଖରାରୁ ରକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶିକ୍ଷାଦାନ ସମୟରେ ସଚେତନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

### ରାଷ୍ଟ୍ରପତି ଶାସନ...

ଉପରକୁ ପଥରମାଡ଼ କରିବା ସହ ଜାତୀୟ ରାଜପଥ-୧୨ ଅବରୋଧ କରିଥିଲେ ।

ସୁପ୍ରିମକୋର୍ଟ ଏହି ଘଟଣାକୁ 'ରାଜ୍ୟ ସରକାରଙ୍କ ଅପରାଧିକ ବିଫଳତା' ବୋଲି କହିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ବେଞ୍ଚ ଏହି ଘଟଣାର ତଦନ୍ତ ପାଇଁ ନିର୍ବାଚନ କମିସନଙ୍କୁ ସିବିଆଇ କିମ୍ବା ଏନ୍‌ଆଇଏକୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଣି ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ, ଡିଜିପି ଏବଂ ଜିଲ୍ଲାପାଳଙ୍କୁ କୈଫିୟତ ମଗାଯାଇଛି ଏବଂ ଏପ୍ରିଲ ୬ରେ କୋର୍ଟରେ ହାଜର ହେବାକୁ କୁହାଯାଇଛି । ସୁପ୍ରିମକୋର୍ଟ ପଶ୍ଚିମବଙ୍ଗକୁ ସବୁଠାରୁ ପୋଲାରାଇଜ୍‌ଡ ରାଜ୍ୟ ଭାବେ ବର୍ଣ୍ଣନା କରିଛନ୍ତି । ସେଠାରେ ଅଦାଲତଙ୍କ ଆଦେଶ ପାଳନ ବେଳେ ମଧ୍ୟ ରାଜନୀତି କରାଯାଉଛି । ଜଣେ ୫ ବର୍ଷର ଶିଶୁକୁ ଖାଦ୍ୟ ଓ ପାଣିରୁ ବଞ୍ଚିତ ରଖାଯିବା ଘଟଣାକୁ କୋର୍ଟ ଅତି ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ପାଲଟା ଆକ୍ରମଣ କରିଛନ୍ତି । ମମତା କହିଛନ୍ତି ଯେ ଏହି ଘଟଣା ପଛରେ ବିଜେପିର ଷଡ଼ଯନ୍ତ୍ର ରହିଛି । ବିଜେପି ନିଜର ପରାଜୟ ଜାଣିପାରି ନିର୍ବାଚନ ବାତିଲ କରିବାକୁ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଷଡ଼ଯନ୍ତ୍ର ଚଳାଇଛି । ଅଧିକାରୀଙ୍କୁ ଘେରିଥିବା ଲୋକ କିଏ ସେ ଜାଣିନାହାନ୍ତି, କିନ୍ତୁ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ନାମ କଟାଯିବାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ରହିଛି । ମମତା କହିଛନ୍ତି ଯେ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ଦାୟିତ୍ୱ ନିର୍ବାଚନ କମିସନଙ୍କ ହାତରେ ଥାଏ । ମୁଖ୍ୟ ସଚିବ ଠାରୁ ଆରମ୍ଭ କରି ଗୃହ ସଚିବ, ପୁଲିସ ଡିଜି, ଜିଲ୍ଲାପାଳ ଏବଂ ସମସ୍ତେ ନିର୍ବାଚନ କମିସନରେ ନିୟନ୍ତ୍ରଣରେ କାମ କରୁଛନ୍ତି । ତେଣୁ ଅଧିକାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହେବା ପାଇଁ କମିସନ ଦାୟୀ । ମମତା ଅସହାୟତା ପ୍ରକାଶ କରି କହିଛନ୍ତି, ମୋ ପାଖରେ କୌଣସି କ୍ଷମତା ନାହିଁ । ନିର୍ବାଚନ କମିସନ ଆଇନ ଶୃଙ୍ଖଳା ସମେତ ସମସ୍ତ କ୍ଷମତା ମୋ ଠାରୁ ଛଡ଼ାଇ ନେଇଛନ୍ତି ।

### ୧୬ ତାରିଖ ପର୍ଯ୍ୟନ୍ତ...

ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତକାଲି ବିରୋଧୀ ଦଳର ନେତାମାନଙ୍କ ସହିତ ଆଲୋଚନା କରିଛନ୍ତି । ତେବେ କଂଗ୍ରେସ ଏବଂ ଟିଏମ୍‌ସି ନେତାମାନଙ୍କ ସହିତ ସେ ଖୁବଶୀଘ୍ର ଆଲୋଚନା କରିବେ । ମହିଳା ଆସନ ସଂରକ୍ଷଣ ଲାଗି ସମ୍ବିଧାନରେ ସଂଶୋଧନ ଆବଶ୍ୟକ । ଏଥିପାଇଁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ଆବଶ୍ୟକତା ରହିଛି । ବିରୋଧୀ ଦଳଙ୍କ ବିନା ସମର୍ଥନରେ ଏହା ସମ୍ଭବ ନଥିବାରୁ ସରକାର ସେମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି ।

ମହିଳା ଆସନ ସଂରକ୍ଷଣ ଲାଗି ସମ୍ବିଧାନରେ ସଂଶୋଧନ ଦରକାର ଥିବା ବେଳେ ସାଧାରଣ ବିଲ ଦ୍ୱାରା ଲୋକସଭା ଆସନ ସଂଖ୍ୟା ବୃଦ୍ଧି କରାଯାଇପାରିବ । ୨୦୨୭ ଜନଗଣନାକୁ ଅପେକ୍ଷା ନକରି ୨୦୧୧ ଜନଗଣନା ଭିତ୍ତିରେ ସରକାର ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ କରାଯିବ । ଏହାକୁ ୨୦୨୯ ସାଧାରଣ ନିର୍ବାଚନ ବେଳେ ଲାଗୁ କରାଯିବ । ସାଧାରଣ ନିର୍ବାଚନ ସହିତ ଓଡ଼ିଶା ସମେତ ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ମଧ୍ୟ ହେବାକୁ ଯାଉଛି ।

### ଚୈତ୍ରରେ ନିଗମ...

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ-ମୋହନ ଯୋଡ଼ିଙ୍କ ସଦ୍ୟ ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସରକାରଙ୍କ ଗତିବିଧିକୁ ନେଇ ଦୀର୍ଘ ଆଲୋଚନା କରିଛନ୍ତି । ଦୁଇ ମାସ ପରେ ସରକାରକୁ ୨ ବର୍ଷ ପୂରିବ । ମାତ୍ର ଏହି ଅବଧି ମଧ୍ୟରେ ସରକାର ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେବାରେ ସଫଳ ହୋଇପାରିନାହାନ୍ତି । ସରକାରଙ୍କ ପ୍ରତି ଲୋକଙ୍କ ମଧ୍ୟରେ ସେପରି କିଛି ଆକର୍ଷଣ ଦେଖାଯାଉନାହିଁ । ସୁଭଦ୍ରା, ସମୃଦ୍ଧ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ ସରକାର ଲୋକଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ବି ବିଶେଷ ଫଳପ୍ରଦ ହୋଇନାହିଁ । ଓଲଟି ରାଜ୍ୟ ସରକାର କାର୍ଯ୍ୟ ଓ ଛବିକୁ ନେଇ ତୃଣମୂଳସ୍ତରରେ ଏକ ନକରାତ୍ମକ ପରିବେଶ ସୃଷ୍ଟି ହୋଇଛି । ଲୋକଙ୍କୁ ପ୍ରଭାବିତ ତ ଦୂରର କଥା, ଦଳୀୟ ନେତା ବି ନିରୁତ୍ସାହିତ ଅନୁଭବ କରୁଛନ୍ତି । ବିଶେଷକରି ନିଗମ ବୋର୍ଡ, ଡିପିସି ନିଯୁକ୍ତିରେ ବିଳମ୍ବ ସରକାରଙ୍କ ନିଷ୍ପତ୍ତି ନେବା କ୍ଷମତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି । ଗୋଷ୍ଠୀକନ୍ଦଳ କାରଣରୁ ଏସବୁରେ ନିଯୁକ୍ତି ହୋଇପାରୁ ନାହିଁ ବୋଲି ସାଧାରଣରେ ସୃଷ୍ଟି ହୋଇଥିବା ବାର୍ତ୍ତାକୁ ନେଇ ଶୀର୍ଷ ନେତୃତ୍ୱ ଅସନ୍ତୋଷ ପ୍ରକାଶ କରିଥିବାକୁହାଯାଉଛି । ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଗମ ନିଯୁକ୍ତି ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ଶୀର୍ଷ ନେତୃତ୍ୱ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ଏପଟେ ଡିପିସି ଅଧ୍ୟକ୍ଷ ନିଯୁକ୍ତି ଦେଇ ରାଜ୍ୟ ସରକାର ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ନେଇ ଆପାତତଃ ଏକ ଚିତ୍ର ପ୍ରଦାନ କରିଛନ୍ତି । ମନ୍ତ୍ରିମଣ୍ଡଳରେ ମୟୂରଭଞ୍ଜରୁ ସଞ୍ଜାଲି ମୁର୍ମୁ, ସନାତନ ବିଜୁଳି, ଯାଜପୁରରୁ ଅମର ନାୟକ, ଖୋର୍ଦ୍ଧାରୁ ବାବୁ ସିଂ, ଗଞ୍ଜାମରୁ ସିଦ୍ଧାନ୍ତ ମହାପାତ୍ର, ବରଗଡ଼ରୁ ଇରାଶିଷ ଆଚାର୍ଯ୍ୟ, ଅନୁଗୋଳରୁ ଅଗସ୍ତି ବେହେରା ଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନାମ ରେସରେ ରହିଥିବା ଜଣାପଡ଼ିଛି । ସେହିପରି ମନ୍ତ୍ରିମଣ୍ଡଳରେ ଏକାଧିକ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ହେବାକୁ ଥିବା ବେଳେ ୨ରୁ ୩ ଜଣଙ୍କ ମନ୍ତ୍ରୀ ପଦ ଯିବାର ସମ୍ଭାବନା ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# ଜନଗଣନା ଅଧିକାରୀ ଓ କର୍ମଚାରୀଙ୍କ ବଦଳି ବନ୍ଦ

ଭୁବନେଶ୍ୱର,୨।୪(ସମିସ): ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁ ସମ୍ପାଦନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି । ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି । ଏହି ଜନଗଣନା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯିବ । ଉକ୍ତ ଜନଗଣନା କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବଦଳି କରାନଯିବା ନେଇ ଚିଠିରେ ନିର୍ଦ୍ଦେଶ ଜାରି କରାଯାଇଛି ।

**ସଠିକ୍ ଦାୟିତ୍ୱ ସମ୍ପାଦନ ପାଇଁ ଚିଠି ଲେଖିଲେ ରାଜସ୍ୱ ସଚିବ**

ସୂଚନା ଅନୁସାରେ ସମସ୍ତ ଜିଲ୍ଲା ଓ ନଗର ନିଗମର ମୁଖ୍ୟ ଜନଗଣନା ଅଧିକାରୀମାନେ ଜନଗଣନା କର୍ମଚାରୀମାନଙ୍କ ପ୍ରଶିକ୍ଷଣକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବେ । ଜନଗଣନା କାର୍ଯ୍ୟରେ ନିୟୋଜିତ ମାଷ୍ଟର ଟ୍ରେନର ଓ ଫିଲ୍ଡ ଟ୍ରେନରମାନଙ୍କୁ ଜନଗଣନା କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଅର୍ଥାତ୍ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଦଳି କରାଯିବ ନାହିଁ । ସୁପରଭାଇଜର ଓ ଏନ୍ୟୁମେରେଟର ଭାବେ ନିଯୁକ୍ତ କର୍ମଚାରୀମାନଙ୍କ ବଦଳି ସମ୍ବନ୍ଧରେ ସମ୍ପର୍କିତ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀଙ୍କ ପୂର୍ବାନୁମତି ବିନା କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ । ବିଭାଗୀୟ ମୁଖ୍ୟ ଅଧିକାରୀମାନଙ୍କୁ କ୍ଷେତ୍ରସ୍ତରରେ ନିୟୋଜିତ ଜନଗଣନା ଅଧିକାରୀମାନଙ୍କ ବଦଳି ନିୟନ୍ତ୍ରଣ ନିୟମାବଳୀକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି, ଯାହା ଜନଗଣନା କାର୍ଯ୍ୟର ସୁସମ୍ପାଦନ ସୁନିଶ୍ଚିତ କରିବ । ଜନଗଣନା କାର୍ଯ୍ୟରେ ନିଯୁକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଜନଗଣନା ଆଇନ,୧୯୪୮ ଓ ଜନଗଣନା ନିୟମାବଳୀ,୧୯୯୦ ଅନୁଯାୟୀ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ କରିବେ । ଏହି ସମସ୍ତ ପଦକ୍ଷେପ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗ୍ରହଣ କରାଯାଇଥିବାବେଳେ ରାଜ୍ୟ ସରକାର ଜନଗଣନା ୨୦୨୭ କାର୍ଯ୍ୟକ୍ରମର ସଫଳ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଛନ୍ତି ।

# ବଣ୍ଡା ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ନିର୍ଯାତନା

ମାଲକାନଗିରି,୨।୪(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଣ୍ଡା ଘାଟିରେ ଥିବା ବଡ଼ବେଲ ବାଳିକା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ବଣ୍ଡା ଛାତ୍ରୀ । ନବମ ଶ୍ରେଣୀର ଛାତ୍ରୀଙ୍କୁ ସେଠାକାର ପ୍ରଧାନ ଶିକ୍ଷକ ରମାକାନ୍ତ ମହାରଣା ଅସଦାଚରଣ କରିବା ସହ ରାସ୍ତାରେ ମାଡ଼ ମାରିବା ଓ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହୋଇଛି । ସେବାଶ୍ରମର ୪ ଛାତ୍ରୀ ଏ ସଂପର୍କରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ତେବେ ଏନେଇ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ କହିଛନ୍ତି ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA**
32001/1/2627
(E-mail Id: - eeabd.anandapur@gmail.com/loabp-eicwr.od@nic.in)
e-Procurement Notice No. SEABD- 01 of 2026-27

| e-Procurement Officer | Name of the work | Bid id No. | Tender cost (Appx.) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding: From | Availability of tender online for bidding: To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Superintending Engineer, Anandapur Barrage Division, Salapada | Engagement of hired vehicle used by the Superintending Engineer, Anandapur Barrage Division, Salapada for the year 2026-27. | ABP- ABD-01 of 2026-27 | Rs. 37,200/- per month | Rs. 9,000/- | Nil | Travel Agencies/ Tour Operators or private individuals | 12 (Twelve) Calender Months | 06.04.2026 11.00 AM | 15.04.2026 03.00 PM | 15.04.2026 04.00 PM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Sd/-
Superintending Engineer
Anandapur Barrage Division
Salapada

OIPR-32001/32177/1/26-27/0001

**ଉଦ୍ୟାନ ବିଭାଗ, ସୋନପୁର ଅଧିନସ୍ଥ ଉଦ୍ୟାନ କୃଷି ଫାର୍ମ ଆମ୍ବ ଫଳ ପାଇଁ**
**ନିଲାମ ଇସ୍ତାହାର**
1001/4/2627

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସୋନପୁର ଉଦ୍ୟାନ କୃଷି ଫାର୍ମ ୨୦୨୫-୨୬ ବର୍ଷ ପାଇଁ ଆମ୍ବ ଫଳର ନିଲାମ ଦେବାପାଇଁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଉକ୍ତ ଟେଣ୍ଡର ପେପରଗୁଡ଼ିକ ରେଜ-ଡାକ କିମ୍ବା କୋରିଅର ସେବା ମାଧ୍ୟମରେ ସୂଚିତଥିବା ସ୍ତମ୍ଭ ନମ୍ବର-୫ ରେ ସୂଚିତ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଗ୍ରହଣ କରାଯିବ । କୌଣସି ପରିସ୍ଥିତିରେ ସିଧାସଳଖ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

| କ୍ରମିକ ନମ୍ବର | ଫାର୍ମ ର ନାମ ଏବଂ ଅଫିସର ନାମ | ବଉଳ ଆସିଥିବା ଆମ୍ବ ଗଛର ସଂଖ୍ୟା | ଅମାନତ ଜମା ରାଶି | ଟେଣ୍ଡର ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲା ଯିବା ତାରିଖ ଏବଂ ସମୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସୋନପୁର ଉଦ୍ୟାନ କୃଷି ଫାର୍ମ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର | ୮୫୦ | ଆବେଦନ ନିଲାମ ରାଶିର ୧୦% (DD/BD) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ ସପକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ସୋନପୁର ଶାଖା | ତା ୮.୪.୨୦୨୬ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ତା ୯.୪.୨୦୨୬ ସମୟ ଦିବା ୧୧.୩୦ ପର୍ଯ୍ୟନ୍ତ |

ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ନିୟମାବଳୀ ଏବଂ ସର୍ତ୍ତ ଥିବା ଆବଶ୍ୟକ ଫର୍ମ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଟ. ୧୦୦/-ଦେଲେ ଅଫିସ ସମୟରେ ସକାଳ ଘ. ୧୦.୦୦ ଠାରୁ ଘ. ୫.୩୦ ମଧ୍ୟରେ ଉପଲବ୍ଧ ହେବ । କର୍ତୃପକ୍ଷ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଦରଖାସ୍ତ ନାକଚ କରିପାରିବେ ।
ବିଦ୍ର : ସୋନପୁର, ଉଦ୍ୟାନ ବିଭାଗ ଫାର୍ମ ପାଇଁ ସୂଚିତ ତାରିଖ ଏବଂ ସମୟ ଅନୁଯାୟୀ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର ଙ୍କ କାର୍ଯ୍ୟାଳୟ ରେ ଆମ୍ବ ଫଳର ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ।

ସ୍ୱା - ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ
ସୋନପୁର

OIPR-1001/1383/1/26-27/0001

**AFFIDAVIT**
By virtue of an affidavit sworn before the Executive Magistrate, Satyabadi on dtd. 09.01.2026, I Sasmita Dalai, W/o- Nagen Kumar Dalai, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Padmini Dalai to Pragyansee Dalai. Henceforth, she shall be known as **Pragyansee Dalai** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Satyabadi on dated 09.01.2026, I Sasmita Dalai, W/o Nagen Kumar Dalai, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Banya Dalai to Jigyansu Dalai. Henceforth, he shall be known as **Jigyansu Dalai** for all purposes.

**AFFIDAVIT**
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Nilamadhab Kanhar, At-Sripalla, P.O.-Sripalla, P.S.-Phiringia, Dist-Kandhamal, Pin-762011hereby declare that I have changed the name of my minor child from Jyotirmayee Kanhar to Jyotishree Kanhar. Henceforth, she shall be known as **Jyotishree Kanhar** for all purposes.
Sd/- Nilamadhab Kanhar

**AFFIDAVIT**
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Brundabati Kanhar (formerly known as Bunda Kanhar), At Dakapada, P.O.-Rabingia, P.S.–Phiringia, Dist-Kandhamal-762011 hereby declare that I have changed my name from Bunda Kanhar to Brundabati Kanhar. Henceforth, I shall be known as **Brundabati Kanhar** for all purposes.
Sd/- Brundabati Kanhar

**AFFIDAVIT**
By virtue of an affidavit sworn before the Executive Magistrate, BBSR, dtd. 02.04.2026, I Lopamudra Mallik, At- Andharua, BBSR-751003 declare that I have changed my daughter's name from SUNIL SHANAYA to SHANAYA SUNIL MALLICK. Henceforth she shall be known as **SHANAYA SUNIL MALLICK** for all purposes.

**AFFIDAVIT**
By virtue of an Affidavit sworn before the Executive Magistrate, Athmallik dated 2nd April 2026, I,MRS. PADMABATI NAIK, W/O Sri Nirakara Bhukta, At/-Baragaon, Po/Ps/Sub-Divn.:-Athmallik, Dist. Angul, Pin-759125,Odisha declare that, I have changed my name from **PADMABAT NAIK to PADMABATI NAIK.** Henceforth, I shall be known as **PADMABATI NAIK** for all purposes.
PADMABATI NAIK

**AFFIDAVIT**
By virtue of an affidavit sworn before the Executive Magistrate, Satyabadi on dated 09.01.2026, I Bishnu Prasad Barik, S/o Bhramar Barik, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Satyaprakash Barik to Satyajit Barik. Henceforth, he/she shall be known as **Satyajit Barik** for all purposes.

**AFFIDAVIT**
By virtue of an affidavit no. 645 before the Executive Magistrate, Sukinda, dtd.30.03.2026, I, Sushanta Mohanta, resident of Vill/Po-Kuhika, P.S.-Sukinda, Dist-Jajpur, Pin–755018 hereby declare that I have changed the name of my minor son from **Ankit Mohanta to Suresh Mohanta**. Henceforth, he shall be known and identified as Suresh Mohanta for all purposes.
Sd/- Sushanta Mohanta

**AFFIDAVIT**
I, Iftekhar Alam, S/o- Mir Elyas Alam, resident of Plot No. 786/110, Lane-4, Durgamadhav Nagar, Sampur, Bhubaneswar, Bharatpur, Dist- Khorda, Pin- 751029, State- Odisha declare by this affidavit No. 126/2026, dtd- 02/04/2026 that now onwards I shall be known as **MIR IFTIKHAR ALAM** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I **Ramchandra Madkami**, aged about 25 Years, S/o: Dullav Madkami, resident of village: Materu, PO: Materu, PS: Kalimela, Dist.: Malkangiri, Odisha- 764044 declare by this Affidavit No.: 25/2026, Dated: 06.01.2026 that I have changed my name from Ramachandra Madakami to **Ramchandra Madkami.** Henceforth I shall be known as **Ramchandra Madkami** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I **Sourabi Ray**, aged about 21 Years, W/o.: Rohidas Ray, D/o.: Sukdeb Tarafdar resident of Village- M.P.V-04, PO: Gorakhunta, PS: Malkangiri, Dist.: Malkangiri, Odisha-764045 declare by this Affidavit No.: 104/2026, Dated: 22.01.2026, that I have changed my name from Sourabi Tarafdar to **Sourabi Ray**. Henceforth I shall be known as **Sourabi Ray** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I **Padma Jali,** aged about 35 Years, W/o: Sibananda Jali, D/o.: Ganga Dari resident of village: Garisapali, PO.: Pusuguda, P.S.:M.V-79, Dist.: Malkangiri, Odisha declare by this Affidavit No.: 710/2026, Dated: 02/04/2026 that I have changed my name from **Padma Dari to Padma Jali.** Henceforth I shall be known as **Padma Jali** for all future purposes.

**AFFIDAVIT**
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Balakrushna Kanhar, At-Bhrungijodi, P.O.-Bhrungijodi, P.S.-Phiringia, Dist-Kandhamal, Odisha, Pin-762011 hereby declare that I have changed the name of my minor child from Ankta Kanhar to Ankita Kanhar. Henceforth, she shall be known as **Ankita Kanhar** for all purposes.
Sd/-Balakrushna Kanhar

# ପ୍ରସ୍ତାବିତ କଣ୍ଟାମାଳ ଷ୍ଟାଡିୟମକୁ ନେଇ ୧୨ ଘଣ୍ଟିଆ ବନ୍ଦ

**କଣ୍ଟାମାଳ, ୨।୪(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଏକ ଷ୍ଟାଡ଼ିୟମ ନିର୍ମାଣ ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିପାଇଁ ୧୯ କୋଟି ଟଙ୍କାର ଟେଣ୍ଡର ହୋଇଛି । ଆଇନ୍ ଅନୁସାରେ ଏହା କଣ୍ଟାମାଳ ବ୍ଲକ ମୁଖ୍ୟାଳୟରୁ ୫ କିମି ଭିତରେ ନିର୍ମାଣ ହେବା କଥା; କିନ୍ତୁ କଣ୍ଟାମାଳଠାରେ ଜାଗା ଥାଇ ମଧ୍ୟ ଏହା ଏଠାରୁ ୧୦ କିମି ଦୂଅ ଅନ୍ୟ ଏକ ଜାଗାରେ କରାଯିବାକୁ ଷଡ଼ଯନ୍ତ୍ର ଚାଲିଛି । ଏହାକୁ ନେଇ କଣ୍ଟାମାଳ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏଥିଲାଗି ଗୁରୁବାର ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ କରାଯାଇଥିଲା । ସକାଳ ୬ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ, ବଜାର, ଯାନବାହାନ,




ସ୍କୁଲ କଲେଜ ବନ୍ଦ ରହିଥିଲା । ଯଦୁବିହାରୀ ବାଘ, ତରୁଣ କହଁର, ସନ୍ତୋଷ ବେହେରା, ସଦାଶିବ ମହାନନ୍ଦ, ରିଙ୍କୁ ସାହୁ, ନିତ୍ୟାନନ୍ଦ କର୍ମୀ, ପ୍ରେମ ରଞ୍ଜନ ନାଏକ, ଶଶିକାନ୍ତ ସାହୁ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ । ବ୍ଲକ ଅଞ୍ଚଳରେ ଯଦି ଷ୍ଟାଡିୟମ୍ ନିର୍ମାଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଏମାନେ ଚେତାବନୀ ଦେଇଛନ୍ତି ।



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ଚାଲିଥିବା ରାମଲୀଳାରେ ନାଟକ 'ସୀତା ଚୋରି'

## ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

**ଡୁଙ୍ଗୁରିପାଲି, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଗମ୍ଭାରିପାଲି ଗ୍ରାମରେ ଜାଳେଣି କାଠ ସଂଗ୍ରହ ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ଗମ୍ଭାରୀପାଲି ଗାଁର ଅଞ୍ଜାନୀ ସୁନା (୬୨) । ରୋଷେଇ କରିବାକୁ କାଠ ସଂଗ୍ରହ ପାଇଁ ସେ ବିଲକୁ ଯାଇଥିଲ । ବିଲରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା । ଜାଣି ନ ପାରି ସେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପଡ଼ିଥିଲେ । ସ୍ଥାନୀୟ ଲୋକେ ଜାଣିବା ପରେ ପୁଲିସ ଏବଂ ବିଦ୍ୟୁତ କର୍ମଚାରୀଙ୍କୁ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ବିଦ୍ୟୁତ୍ କଟା ଯାଇଥିଲା । ଡୁଙ୍ଗୁରିପାଲି ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ । ବିଦ୍ୟୁତ୍ ବିଭାଗର ଭୁଲ୍ ଯୋଗୁଁ ଜଣେ ନିରୀହ ବୃଦ୍ଧାଙ୍କ ଜୀବନ ଯାଇଥିବା ଥାନାରେ ତାଙ୍କ ପୁଅ ଜଗଦୀଶ ସୁନା ଅଭିଯୋଗ କରିଛନ୍ତି ।

## ରଥଯାତ୍ରା ପାଇଁ ବୌଦ୍ଧ ଜିଲ୍ଲାରୁ ପୁରୀ ଗଲା କାଠ

**କଣ୍ଟାମାଳ, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ନାରାୟଣ ପ୍ରସାଦ ଫରେଷ୍ଟ ଜଙ୍ଗଲ ସିଲେଇମାଳ ଓ ମାତାକୁପା ଜଙ୍ଗଲରୁ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ୪୦ ଖଣ୍ଡ ଧଉରା ଓ ଅଶନ କାଠ ପୁରୀ ପଠାଯାଇଛି । ଏଥିପାଇଁ ପୂଜାପାଠ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏସିଏଫ୍ ଆଶିଷ କହଁର, କଣ୍ଟାମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ନାରାୟଣ ପ୍ରସାଦ ସରପଞ୍ଚ ରିତାକାନ୍ତ ମାଝୀ, ସତ୍ୟନାରାୟଣ ମାଝୀ, ଫରେଷ୍ଟର ବରୁଣ ମୁଖୀ, କଣ୍ଟାମାଳ ଫରେଷ୍ଟର ଚନ୍ଦ୍ରଶେଖର ଦାସ, ଘଣ୍ଟାପଡ଼ା ଫରେଷ୍ଟର ବିଜୟ ସାହୁ, ଫରେଷ୍ଟ ଗାର୍ଡ ସୁବଳ ପ୍ରଧାନ, ଆଶିଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ସମସ୍ୟା ନେଇ ଦମଣ୍ଡା ଗୌଡ଼ସାହିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବୌଦ୍ଧ, ୨।୪(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଦମଣ୍ଡା ଗୌଡସାହି ବାସିନ୍ଦା ନୂତନ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗୌଡସାହିରେ ୮ ଟି ପରିବାରର ୩୦ ଜଣ ସଦସ୍ୟ ବସବାସ କରୁଛନ୍ତି । ସାହିକୁ ଯାତାୟାତ ପାଇଁ କୌଣସି ରାସ୍ତା ନାହିଁ । ଏହାଫଳରେ ପିଲାମାନେ ସ୍କୁଲ ଯିବା ପାଇଁ କିମ୍ବା ଅନ୍ୟ କୌଣସି କାମରେ ବାହାରକୁ ଯିବାକୁ ବିଲ ହୁଡ଼ା ଦେଇ ଯିବାକୁ ପଡ଼େ । ବର୍ଷା ୪ ମାସ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ଏକ ପ୍ରକାର ବନ୍ଦ ହୋଇଯାଏ । ସାମାନ୍ୟ ବର୍ଷା ହେଲେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ଏମାନେ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ପାଇଁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

## ପୋଷାକ ପରିଧାନ ଦିବସ

**ବୌଦ୍ଧ, ୨।୪(ସମିସ):** ଓଡିଆ ପକ୍ଷ ଉପଲକ୍ଷେ ବୌଦ୍ଧରେ ପ୍ରଶାସନ ପକ୍ଷରୁ ପାରମ୍ପାରିକ ପୋଷାକ ପରିଧାନ ଦିବସ ପାଳନ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ 'ଆମ ପୋଷାକ ଆମ ପରିଚୟ' ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ପ୍ରଭାସ ଚନ୍ଦ୍ର ଦଣ୍ଡସନା ପ୍ରମୁଖ ଉପସ୍ଥିତ ଥିଲେ । ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା, ପାରମ୍ପରିକ ପୋଷାକ ପରିଧାନ କରିବାକୁ ସମସ୍ତେ ମତବ୍ୟକ୍ତ କରିଥିଲେ । ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଓ ଶିଶୁ ବିକାଶ ସଚିବଙ୍କ ବୌଦ୍ଧ ଗସ୍ତ



**ବୌଦ୍ଧ, ୨।୪(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ଯୁଗ୍ମ ସଚିବ ମୋନାଲିସା ଦେବତା, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟିର କାର୍ଯ୍ୟକ୍ରମ ସଂଯୋଜିକା (ଟ୍ରେନିଂ) ତୃପ୍ତି ଦାସ ଓ ମହିଳା ଓ ଶିଶୁ ବିକାଶ ବିଭାଗର ପରିସଂଖ୍ୟାନ ଅଧିକାରୀ ମମତା ଦାସ ଦିନିକିଆ ବୌଦ୍ଧ ଗସ୍ତ କରିଛନ୍ତି । ଏମାନେ ବୌଦ୍ଧ ଓ ହରଭଙ୍ଗାର ୧୦ଟି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ ।

## କୋସଲ୍ ରାଜ୍ୟ ସମନ୍ୱୟ ସମିତିର କଳା ଦିନ୍

**ମନମୁଣ୍ଡା, ୨।୪(ସମିସ):** ବୌଦ୍ଧ ଜିଲ୍ଲାର କୋସଲ୍ ରାଜ୍ୟ ସମନ୍ୱୟ ସମିତିର ଆବାହକ ପୂର୍ବତନ ସୁବେଦାର ଲଳିତ ସାହୁଙ୍କ ନେତୃତ୍ୱରେ ମନମୁଣ୍ଡାରେ କଳା ଦିନ୍ ପାଳନ କରାଯାଇଛି । କୋସଲ୍ ସଂଗ୍ରାମୀ ରମାକାନ୍ତ ବଘାର, ଅନନ୍ତ ମିଶ୍ର, ଶ୍ରୀକାନ୍ତ ସାହୁ, ସୁବ୍ରତ ଭୋଇ, ଶୁଣ୍ଢେଶ୍ୱର ଅମାତ, ବିଜୟ ଭୋଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ରଘୁନାଥ ଜଗଦଲା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**ବୀରମହାରାଜପୁର, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲାଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଜିଲ୍ଲା ବିଜେପି କର୍ମୀ ଓ ତାଙ୍କ



ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ତେବେ ସୋନପୁର ଜିଲ୍ଲା ଏକ କୃଷି ପ୍ରଧାନ ଓ ଶିଳ୍ପ ବିହୀନ ଜିଲ୍ଲା । ଜିଲ୍ଲାରେ କୌଣସି ଶିଳ୍ପ କି କୌଣସି ଖଣି ଖାଦାନ ନାହିଁ । ଜିଲ୍ଲାର ବିକାଶ ପାଇଁ ଉଦ୍ୟମ ଜାରି ରଖିବେ ବୋଲି ସେ କହିଛନ୍ତି । କୃଷି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନା ଗମନ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ସେ କହିଛନ୍ତି । ଭାଜପା ଜିଲ୍ଲା ସଭାପତି ବେଣୁଧର ଦାସ, ଏମ୍‌ପି ନୋମିନି ନଳିନୀ ପଣ୍ଡାଙ୍କ ସହ ବିଜେପିର ସମସ୍ତ ନେତା ଓ କର୍ମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପଦ୍ମାବତୀ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବିରମହାରାଜପୁର, ୨।୪ (ସମିସ):** ସୋନପୁର ଜିଲ୍ଲା ବିରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ଗ୍ରାମରେ ସ୍ୱର୍ଗତ କଳ୍ପତରୁ ସାହୁଙ୍କ ପତ୍ନୀ ପଦ୍ମାବତୀ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ହୋଇଯାଇଛି । ପଦ୍ମାବତୀ ସାହୁ ଜଣେ ଧର୍ମପରାୟଣା, ମିଷ୍ଟଭାସି ମହିଳା ଭାବେ ପରିଚିତ ଥିଲେ ।ପଦ୍ମାବତୀଙ୍କ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଶତାଧିକ ଜନତା ଓ ବନ୍ଧୁ ପରିଜନ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ମଧ୍ୟାହ୍ନରେ ଶ୍ରାଦ୍ଧାଞ୍ଜଳି ସଭା ସହ ପ୍ରସାଦସେବନ ହୋଇଥିଲା । ସୂଚନା ଯୋଗ୍ୟ, ପଦ୍ମାବତୀଙ୍କ ମାର୍ଚ୍ଚ ୨୦ ତାରିଖରେ ପରଲୋକ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।

### ରୁଣ୍ଡିମହୁଲରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

## ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

**କଣ୍ଟାମାଳ, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ପଞ୍ଚାୟତରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଏବଂ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୬୭ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୨୮ଜଣଙ୍କୁ ହୁଇଲ ଚେୟାର ସହ ଅନ୍ୟମାନଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଏସଏସଓ ସୂର୍ଯ୍ୟନାରାୟଣ ଦାସ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ବ୍ଲକର ସିନିୟର କ୍ଲର୍କ ସୁରେଶ ମେହେର, ଅନିଲ ପ୍ରଧାନ ଯୋଗଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ କର୍ମଚାରୀ ମଣ୍ଟୁ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଉଦିତ ପ୍ରଧାନ, ନୟନ ବାଘ, ରମେଶ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।



## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

**ଜହ୍ନାପଙ୍କ, ୨।୪(ସମିସ):** ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଳି ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମର ରୀତା ପ୍ରଧାନଙ୍କୁ ଜହ୍ନାପଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୨ ଲକ୍ଷ ଟଙ୍କାର ବୀମା ଟଙ୍କା ମିଳିଛି । ତାଙ୍କ ସ୍ୱାମୀ ସାଧୁ ପ୍ରଧାନ(୪୦)ଙ୍କ ନାମରେ ବ୍ୟାଙ୍କରେ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ବାର୍ଷିକ ମାତ୍ର ୪୩୬ ଟଙ୍କା) ରହିଥିଲା । ସାଧୁଙ୍କ ଅକାଳ ମୃତ୍ୟୁରେ ଜହ୍ନାପଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ତାଙ୍କୁ ଏହି ବୀମା ଟଙ୍କା ମିଳିଛି । ବ୍ୟାଙ୍କ ପରିସରରେ ଶାଖା ପରିଚାଳକ କଳ୍ପନା ପ୍ରଧାନ ରୀତାଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି । ଏହି ସମୟରେ ବ୍ୟାଙ୍କର ସହକାରୀ ପରିଚାଳକ ସତ୍ୟଜିତ ବେହେରା, ଆସୋସିଏଟ ରାଜୀବ ଲୋଚନ ବେହେରା, ଲକ୍ଷ୍ମୀପ୍ରସାଦ ଗ୍ରାହକ କେନ୍ଦ୍ରର ପରିଚାଳକ ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କର୍ଲାମୁହାଣରେ ପହର ମଣ୍ଡପ ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

**ତରଭା, ୨।୪(ସମିସ):** ତରଭା ବ୍ଲକ କର୍ଲାମୁହାଣ ଗ୍ରାମରେ ପହର ମଣ୍ଡପ ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ସାହୁ ସପତ୍ନୀକ କର୍ତ୍ତା ଥିଲେ । ଗ୍ରାମବାସୀ ନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ । ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ବଲିଖମାର ଗ୍ରାମର ହରେକୃଷ୍ଣ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ । ଅବନୀ ସାହୁ, ସାରଙ୍ଗ ପଧାନ, ବାସୁଦେବ ସାହୁ, ପ୍ରହ୍ଲାଦ ସାହୁ, ବୃନ୍ଦାବନ ନାଏକ, ଜୟ ପ୍ରକାଶ ନାଏକ, ଦିଲ୍ଲୀପ ପଧାନ, ଗୋବିନ୍ଦ ସାହୁ, ସୁରେନ୍ଦ୍ର ସାହୁ, ଶ୍ରୀକୃଷ୍ଣ ସାହୁ, କୀର୍ତ୍ତନ ସାହୁ, ସୁଦାମ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ୬୬ ବର୍ଷରେ ତେଲିପାଲି ଶ୍ରୀରାମଲୀଳା ମହୋତ୍ସବ



**ବୀରମହାରାଜପୁର, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତର ତେଲିପାଲିରେ ହେଉଥିବା ଶ୍ରୀରାମ ଲୀଳା ମହୋତ୍ସବ ଚଳିତ ବର୍ଷ ୬୬ ବର୍ଷରେ ପହଞ୍ଚିଛି । ଶ୍ରୀରାମ ନବମୀଠାରୁ ଆରମ୍ଭ ଏହି ଶ୍ରୀରାମ ଲୀଳା ମହୋତ୍ସବ ୯ ଦିନ ଧରି ଚାଲିବ ।ଗୌରୀଶଙ୍କର ସାହୁ, ଅଚ୍ୟୁତାନନ୍ଦ ସାହୁ, ରାଜଗୋପାଳ ପାଣିଗ୍ରାହୀ, ସରୋଜ ସାହୁ, ରିଙ୍କୁ ସାହୁ, ସୁନୀଲ ସାହୁ ପ୍ରମୁଖ ସହଯୋଗ କରଛନ୍ତି । ବୈଦ୍ୟନାଥ ପାଣିଗ୍ରାହୀ ପୂଜକ ଭାବେ ପୂଜା କାର୍ଯ୍ୟ କରୁଛନ୍ତି । ସିରାଜ ବେହେରା, ମିଳନ ସାହୁ, ଜଗଦୀଶ ଭୋଇ, ନିଖିଲ ସାହୁ, ସନ୍ତୋଷ ପଧାନ, ସୁବାସ ପଧାନ, ଶ୍ରୀଧର ପ୍ରଧାନ, ବ୍ୟାସଦେବ ଗୁରୁ, ଦିଲ୍ଲୀପ ସାହୁ, ସନତ ପୋଢ଼, ସୁନୀଲ ଗାଈଗରିଆ, ଅରବିନ୍ଦ ଭୁକ୍ତା, ସଞ୍ଜୀବ ଭୁକ୍ତା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ।

## ରାମଲୀଳା ପାଇଁ ଉତ୍ସବମୁଖର ନକଟିକନା

**ତରଭା, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ନକଟିକନା ଗ୍ରାମରେ ମହାସମାରୋହରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଉତ୍ସବ ପାଳିତ ହେଉଛି । କେଉଁ ଆବାହମାନ କାଳରୁ ଚାଲି ଆସୁଥିବା ଏହି ପର୍ବକୁ ଗ୍ରାମବାସୀ ନିଷ୍ଠାର ସହ ପାଳନ କରୁଛନ୍ତି । ଗ୍ରାମର ଆବାଳ ବୃଦ୍ଧ ବନିତା ସମସ୍ତେ ଗୋଟିଏ ସ୍ଥାନରେ ରୋଷେଇ କରି ପ୍ରଭୁଙ୍କଠାରେ ଭୋଗ ଅର୍ପଣ ପୂର୍ବକ ପ୍ରସାଦ ସେବନ କରନ୍ତି । ରାତିରେ ନାଟକ ସରିଲା ପରେ ପୁଣି ସମସ୍ତେ ଏକତ୍ରିତ ଭାବେ ଉପାୟନ ଭୋଗ ପ୍ରସାଦ ଭାବେ ପାଇଥାନ୍ତି । ୯ ଦିନ ଚାଲିଥିବା ଏହି ଯାତ୍ରାରେ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଠାରୁ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଏ । ବୁଧବାର ଆରଣ୍ୟକ କାଣ୍ଡ ବା ସୀତା ଚୋରି ନାଟକ ଅଭିନିତ ହୋଇଥିଲା । ସୁରେନ୍ଦ୍ର ମିଶ୍ର, ସାର୍ତ୍ତିକ ଷାଣ୍ଢ, ବୃନ୍ଦାବନ ଷାଣ୍ଢ, ଚିନ୍ତାମଣୀ ସେଠି, ନିଲାମ୍ବର କୁଦେଇ, ଅଂଶୁ କୁଦେଇ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ବାଦ୍ୟଯନ୍ତ୍ରରେ ମହେଶ ପ୍ରସାଦ ମିଶ୍ର, ସନ୍ତୟ ଭୁଏ, ଶ୍ରୀମନ୍ତ ମିଶ୍ର ସହଯୋଗ କରୁଛନ୍ତି । ବିକାଶ ମିଶ୍ର, ଦୀପକ ମିଶ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି ।



## ହନୁମାନ ଜୟନ୍ତୀ ଉତ୍ସବ

**ବୌଦ୍ଧ, ୨।୪(ସମିସ):** ବୌଦ୍ଧ ସହର ମହାନଦୀ ମଧ୍ୟସ୍ଥ ଶ୍ରୀ ଶ୍ରୀ ସିଦ୍ଧ ହନୁମାନ ମନ୍ଦିରଠାରେ ଶ୍ରୀ ହନୁମାନ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରେ ଧ୍ୱଜା ରୋପଣ ପରେ ସ୍ନାନ, ସୂର୍ଯ୍ୟପୂଜା, କଳସ ଯାତ୍ରା, ହନୁମାନଙ୍କ ଚଳନ୍ତି ପ୍ରତିମା ନେଇ ସହର ପରିକ୍ରମା, ଶୁଭ କଳସ ସ୍ଥାପନ, ୧୦୮ ସାମୂହିକ ହନୁମାନ ଚାଳିଶାପାଠ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ପୂଜକ ବିଭୁତି ଶଙ୍କର ପାଢ଼ୀ, ଯଜ୍ଞ ଆଚାର୍ଯ୍ୟ ଭାବେ ଅଙ୍ଗିରା ମିଶ୍ର, ଗରିବ ମିଶ୍ର, ମାନସ ରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ ଦାୟିତ୍ୱ ତୁଲାଇ ଥିଲେ । ମୁଖ୍ୟ କର୍ତ୍ତା ଭାବେ ରାଧେଶ୍ୟାମ ସାହୁ, ଅନ୍ୟତମ କର୍ତ୍ତା ଭାବେ ଉମେଶ ବାଘ ଓ ତାଙ୍କ ପତ୍ନୀ ପଙ୍କଜିନୀ ଷାଣ୍ଢ ଦାୟିତ୍ୱ ତୁଲାଇଥିଲେ । ଅନିଲ ଦଲାଲ, ବିଶ୍ୱଜିତ ମିଶ୍ର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରଘୁନାଥ ଷଡ଼ଙ୍ଗୀ, ଗଜେନ୍ଦ୍ର ସାହୁ, ସଭାପତି କୃତ୍ତିବାସ ପଲିଆ, ଉପସଭାପତି ରାଜ କୁମାର ସାହୁ, ସମ୍ପାଦକ ସରୋଜ ସାହୁ, ସହ ସମ୍ପାଦକ ଶଙ୍କର ସାହୁ, କୋଷାଧକ୍ଷ ରାଧେଶ୍ୟାମ ସାହୁ, କାର୍ଯ୍ୟକାରୀ ସଦସ୍ୟ ନାରାୟଣ ପ୍ରଧାନ, ସନ୍ତୋଷ ମେହେର, ସଞ୍ଜୀବ ମେହେର, ଗୋପାଳ ମେହେର, ବିକାଶ ଭଞ୍ଜ, ସଞ୍ଜୟ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।



## ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ




**ପଲଶାଗୋରା, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳୀ, ସରପଞ୍ଚ ସୌଦାମିନୀ ମଲ୍ଲିକ, ବିଆରସିସି ଦୁର୍ଗାଚରଣ ପ୍ରଧାନ, ଏବିଇଓ ନୀଳମଣି ପଣ୍ଡା, ସିଆରସିସି ହୃଦାନନ୍ଦ ଦନ୍ତା, ବାଳିକା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମିଥୁନ ମହାକୁଡ, ଦାମୋଦର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ତ୍ରିପୁରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୌଦ୍ଧ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ






**ବୌଦ୍ଧ, ୨।୪(ସମିସ)**

ବୌଦ୍ଧରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଡେପୁଟି କଲେକ୍ଟର ଅଙ୍କିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳକିଶୋର ସାମଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, କବିୟିତ୍ରୀ ମଞ୍ଜୁପ୍ରଭା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମେଣ୍ଟିମାଳ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷା ମିଶ୍ର ଏବଂ ପୁରସ୍କାର ବିତରଣରେ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବ କିଶୋର ଦୀପ ପରିଚାଳନା କରିଥିଲେ । ଅକ୍ଷୟ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଟାଉନ ହଲ୍‌ରେ ଡାକଟିକଟ ଏବଂ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ପିଠାପଣାପ୍ରତିଯୋଗିତାରେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ଆରୋହୀ ସେଠୀ, ଦୀପିକା ମିର୍ଦ୍ଧା, ଲୀଳାବତୀ ବେହେରା, ଜ୍ୟୋସ୍ନାମୟୀ ପଣ୍ଡା, ପି. ସସ୍ମିତା ପାତ୍ର ସମ୍ବର୍ଦ୍ଧିତ ହୋଇଥିଲେ । ଆରକ୍ଷୀ ନିରୀକ୍ଷକ ନଳିନୀକାନ୍ତ ଦାସ, ଯଶୋବନ୍ତ କହଁର, ପ୍ରାଣବନ୍ଧୁ ସାହୁ, ରଞ୍ଜନ ମହାପାତ୍ର, ଶିକ୍ଷକ ନବକିଶୋର ଦୀପ, ଡାକ ଟିକଟ ପାଇଁ ବିଶ୍ୱନାଥ ମିଶ୍ର, ସନ୍ତରଣ ନିମନ୍ତେ ସୁଶ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ତୀରନ୍ଦାଜି ନିମନ୍ତେ ସୁରଜ ମେହେର ଓ ପ୍ରାଚୀ ପ୍ରଭା ମେହେର, ଶିକ୍ଷା ପୁରସ୍କାର ନିମନ୍ତେ ଗୋପାଳ ଅମାତ, ଓଡିଶୀ ନୃତ୍ୟ ନିମନ୍ତେ ପ୍ରୀତିପ୍ରଜ୍ଞା ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ । ବଙ୍କାପଡ଼ା ଉ. ପ୍ରା. ବିଦ୍ୟାଳୟ, ବାପୁଜୀନଗର ସରକାରୀ ଉ ପ୍ରା ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସରା ପିଏମଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଇଭଉଣୀଙ୍କ ସଫଳତା

**ବୌଦ୍ଧ, ୨।୪(ସମିସ):** ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ୧୫ତମ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ଆୟୋଜିତ ହୋଇଛି । ଓଡ଼ିଶା ଦଳର ୧୫ ବର୍ଷରୁ କମ୍ ବଳକ ବିଭାଗ ଇଣ୍ଡିଆନ ରାଉଣ୍ଡ ତିରନ୍ଦାଜୀ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାର ଦୁର୍ଗାଦତ୍ତ ମେହେର (ମନୀଷ) ଭାଗ ନେଇଛନ୍ତି । ଓଡ଼ିଶା ଦଳକୁ ବିଜୟୀ କରି ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତାଙ୍କୁ କାଂସ୍ୟ ପଦକ ମିଳିଛି । ସେହିପରି ତାଙ୍କ ବଡ ଭଉଣୀ ଟେନିଶା ମେହେର ଗତ ଜାନୁଆରୀରେ ଭାରତ ସରକାରଙ୍କ ଦ୍ୱାରା ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ । ଉଭୟ ବୁଟୁପାଲିର ଇନ୍ଦ୍ରମଣି ମେହେର ଓ ସନ୍ତୋଷିନୀ ମେହେରଙ୍କ ପୁଅଝିଅ । ଦୁର୍ଗାଦତ୍ତ କେନ୍ଦୁଝର ଧରଣୀଧର କ୍ରୀଡା ଛାତ୍ରାବାସରେ ରହୁଛନ୍ତି । ସେ କ୍ରୀଡା ପ୍ରଶିକ୍ଷକ ଜବାହାରଲାଲ ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ସେହିପରି ଟେନିଶା ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ଛାତ୍ରାବାସରେ ରହୁଛନ୍ତି । ସେ ପ୍ରଶିକ୍ଷକ ନାରାୟଣ ବାନାରାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି ।



# ବରଗଡ଼ରେ 'ଆମ ପୋଷାକ ଆମ ପରିଚୟ' ଅଭିଯାନ



**ବରଗଡ଼, ୨।୪(ସମିସ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ 'ଆମ ପୋଷାକ ଆମ ପରିଚୟ' ଅଭିଯାନ ଅନୁସାରେ ବରଗଡ଼ ଜିଲ୍ଲାରେ ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ ହୋଇଯାଇଛି। ଓଡ଼ିଆ ପକ୍ଷର ଦ୍ୱିତୀୟ ଓ ତୃତୀୟ ଦିନର ଥିମ୍ ଅନୁଯାୟୀ ଏହି ପୋଷାକ ଅଭିଯାନକୁ ଜିଲ୍ଲାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟ, ସରକାରୀ ଅଫିସ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡିକରେ ଉତ୍ସାହର ସହ ପାଳନ କରାଯାଇଛି। କର୍ମଚାରୀମାନେ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଓଡ଼ିଆ ପାରମ୍ପରିକ ପୋଷାକ ପ୍ରତି ଲୋକଙ୍କ ଆକର୍ଷଣ ବଢ଼ାଇବା, ନୂତନ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡିବା, ସ୍ଥାନୀୟ ପୋଷାକ ଓ ପରମ୍ପରା ପ୍ରତି ହୀନମନ୍ୟତାର ମୂଳୋତ୍ପାଟନ କରି ଦୈନିକ ଜୀବନରେ ଏହାକୁ ଅନୁସରଣ କରିବା ଏହାର ଉଦ୍ଦେଶ୍ୟ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ପୂର୍ବରୁ ନିର୍ଦ୍ଦେଶ ଜାରି ହୋଇଥିଲା। କେବଳ ସରକାରୀ ଚାକିରିଆଙ୍କ ବ୍ୟତିରେକେ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଭାଗୀ ହେବା ପାଇଁ ଆହ୍ୱାନ କରାଯାଇଛି। ନିଜ ଘରେ କିମ୍ବା କର୍ମକ୍ଷେତ୍ରରେ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି ବ୍ୟକ୍ତିଗତ କିମ୍ବା ସାମୂହିକ ସେଲ୍‌ଫି ଗଂଗଂଗ.କ୍ଷ୍ୟସବକ୍ଷ୍ଣବଳଷଚବ. ମକ୍ଷ୍ଣ ୱେବସାଇଟରେ ଅପଲୋଡ କରିବାକୁ ପ୍ରୋତ୍ସାହନ ଦିଆଯାଇଛି। ଏଥିରେ ଭଲ ସେଲ୍‌ଫି ଗୁଡ଼ିକୁ ଓଡ଼ିଆ ପକ୍ଷର ଶେଷ ପର୍ଯ୍ୟାୟରେ ପୁରସ୍କୃତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହି ଅଭିଯାନର ଛବି ଓ ଭିଡିଓ ପ୍ରକାଶ ପାଉଥିବା ବେଳେ ସାଧାରଣ ଲୋକମାନେ ଏହାକୁ ସ୍ୱାଗତ କରିଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଡେପୁଟି କଲେକ୍ଟର ମଧୁସ୍ମିତା ସାମଲ, ମସ୍ତରାମ ଛନ୍ଦ, ଭୁବନ ଚଇନି, ଘନଶ୍ୟାମ ଭୋଇଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ଓଡ଼ିଆ ପକ୍ଷ ଅବସରରେ ଏପରି ପ୍ରୟାସ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟକୁ ଆହୁରି ସୁଦୃଢ଼ କରିବାରେ ସାହାଯ୍ୟ କରିବ।

**ଜିଲ୍ଲାପାଳଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସମ୍ବଲପୁରୀ ବସ୍ତ୍ର ପରିଧାନ**



**ବରଗଡ଼:** ସ୍ଥାନୀୟ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ଆମ ପୋଷାକ ଆମ ପରିଚୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଓ ଅଧ୍ୟକ୍ଷ ଡ.ସରୋଜ ଦେବତାଙ୍କ ଆହ୍ୱାନ କ୍ରମେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ବୃନ୍ଦ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଉତ୍ସବକୁ ବହୁ ଆଡମ୍ବର ସହକାରେ ପାଳନ କରିଥିଲେ।

# ଜିଲ୍ଲା ପ୍ରତିଷ୍ଠା ଦିବସ | ମାଟିର ଗୌରବ ଭାବେ ଭୋଜରାଜ ବାଗ ସମ୍ମାନିତ

**ବରଗଡ଼, ୨।୪(ସମିସ):** ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ତଥା ବରଗଡ଼ ଜିଲ୍ଲା ସମାଜସେବୀ ସଂଘର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୨ଟି ବ୍ଲକରୁ ଚୟନିତ ୧୨ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଝାରବନ୍ଧ ବ୍ଲକ ଜାମପାଲିର ସମାଜସେବୀ ଭୋଜରାଜ ବାଗଙ୍କୁ 'ମାଟିର ଗୌରବ ସମ୍ମାନ' ପ୍ରଦାନ କରାହୋଇଛି। ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଏନଏସି ଚେୟାରମ୍ୟାନ କଳ୍ପନା ମାଝୀ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ଧନୁଯାତ୍ରାର ପ୍ରସିଦ୍ଧ କଂସ ଅଭିନେତା ସୁଶୀଲ ମେହେର, ସମ୍ପାଦକ ସୁରେଶ୍ୱର ଶତପଥୀ, ସମାଜସେବୀ ପ୍ରିତମ ସିଂହ ଓ ଚନ୍ଦ୍ରଶେଖର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଭୋଜରାଜ ବାଗ ୧୯୯୦ରୁ ସ୍ୱାମୀ ଅଗ୍ନିବେଶ ଓ କୈଳାଶ ସତ୍ୟାର୍ଥୀଙ୍କ ସଂସ୍ପର୍ଶରେ ଆସି ଗୋତି ଓ ବାଳ ଶ୍ରମିକଙ୍କ ମୁକ୍ତି ଓ ପୁନର୍ବାସ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ଅନେକ ଯୁବକ 'ବଚପନ ବଚାଓ ଆନ୍ଦୋଳନ' ସହିତ ଯୁକ୍ତ ହୋଇ ସମାଜ ପରିବର୍ତ୍ତନର ଅଭିଯାନରେ ନିଜକୁ ସାମିଲ କରିପାରିଛନ୍ତି। ଭଣ୍ଡାରପୁରୀ ପଞ୍ଚାୟତରେ ୨୦ ବର୍ଷରୁ ଅଧିକ ସମୟ ଧରି ସରପଞ୍ଚ ଭାବେ ସେବା ଦେଇଥିବା ସହିତ, ଡଭା ପାକ୍ସରେ ୧୫ ବର୍ଷ ଧରି ଡାଇରେକ୍ଟର ଓ ସଭାପତି ଭାବେ କୃଷକମାନଙ୍କ ହିତରେ କାମ କରିଛନ୍ତି। ବର୍ତ୍ତମାନ ସେ ନୂଆପଡ଼ା ଜିଲ୍ଲାରେ ମହିଳା ସଶକ୍ତିକରଣ, ଶିକ୍ଷା, ସଚେତନତା ଓ ଅନୁସୂଚିତ ଜାତି-ଜନଜାତିଙ୍କ ଉନ୍ନତି ପାଇଁ ଅଭିଯାନ ଚଳାଇଛନ୍ତି। ଭୋଜରାଜ ବାଗଙ୍କୁ 'ମାଟିର ଗୌରବ ସମ୍ମାନ' ଦେଇ ସମ୍ମାନିତ କରିବା ଝାରବନ୍ଧ ଅଞ୍ଚଳ ପାଇଁ ଗର୍ବର ବିଷୟ। ଏହି ଅବସରରେ ଝାରବନ୍ଧ ବ୍ଲକର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବାଗଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ୧୮ ସାର ଦୋକାନୀଙ୍କ ଲାଇସେନ୍ସ ବାତିଲ

**ବରଗଡ଼, ୨।୪(ସମିସ):** ଆସନ୍ତା ଖରିଫ ଋତୁକୁ ଆଖି ଆଗରେ ରଖି ବରଗଡ଼ ଜିଲ୍ଲା କୃଷି ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଆସନ୍ତା ଖରିଫ ଋତୁରେ ବିଭିନ୍ନ ସାରର ସଠିକ୍ ପରିଚାଳନା ନିମନ୍ତେ ବରଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବ୍ଲକର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ସାର ବେପାରୀମାନଙ୍କ ଉପରେ ଚଢ଼ଉ କରିଥିଲା। ବରଗଡ଼ କୃଷି ବିଭାଗ ତରଫରୁ ଦୁଇ ଦିନ ଭିତରେ ୧୮ ଟି ସାର ବେପାରୀମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି।

**ଦେବାଳିଆ ଓ ଋଣ ପରିଶୋଧ ଅକ୍ଷମତା ବିଲ୍**

# ଚାଷୀଙ୍କ ପାଇଁ ବିନା ସୁଧରେ ଋଣ, ଏସ୍‌ସି-ଏସ୍‌ଟି ଓ ଗରିବଙ୍କୁ ଆଇନଗତ ସୁରକ୍ଷା ଦାବି କଲେ ସାଂସଦ

**ପଦ୍ମପୁର, ୨।୪(ସମିସ):** ଦେବାଳିଆ ଓ ଋଣ ପରିଶୋଧ ଅକ୍ଷମତା ସଂହିତା (ସଂଶୋଧନ) ବିଲ୍ ୨୦୨୬ ଉପରେ ସାଂସଦ ନିରଞ୍ଜନ ବିଶି ରାଜ୍ୟସଭାରେ ମତାମତ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ସଂଶୋଧନ ସାମାଜିକ ନ୍ୟାୟ, ସମାନତା ଓ ସମ୍ବିଧାନିକ ଦାୟିତ୍ୱକୁ ସମ୍ମାନ କରିବା ଉଚିତ ବୋଲି ସେ କହିଥିଲେ। ଦେବାଳିଆ ବ୍ୟବସ୍ଥା ଆର୍ଥିକ ସ୍ଥିରତା ପାଇଁ ଆବଶ୍ୟକ, କିନ୍ତୁ ଏହାର ଲାଭ ସମସ୍ତ ବର୍ଗଙ୍କୁ ସମାନ ଭାବେ ମିଳିବା ଦରକାର। ବଡ କମ୍ପାନୀମାନେ ଋଣ ପୁନର୍ଗଠନ ଓ ଆଇନଗତ ସୁରକ୍ଷା ପାଉଥିବା ବେଳେ ଚାଷୀ ଓ ଦୁର୍ବଳ ବର୍ଗ ଆର୍ଥିକ ସଙ୍କଟରେ ରହିଛନ୍ତି ବୋଲି ସେ କହିଥିଲେ। ଚାଷୀ ଇଚ୍ଛାକୃତ ଭାବେ ଋଣଗ୍ରସ୍ତ ନୁହନ୍ତି ବରଂ ଜଳବାୟୁ ପରିବର୍ତ୍ତନ, ଫସଲ ହାନି ଓ ବଜାର ଅସ୍ଥିରତାର ଦଣ୍ଡ ଭୋଗୁଛନ୍ତି। ଏଣୁ ଚାଷୀଙ୍କ ପାଇଁ ସୁଧ ମୁକ୍ତ ଓ ଜମାନତ ବିହୀନ ଋଣ ସହିତ କୃଷକ ଋଣ ଛାଡ ବ୍ୟବସ୍ଥା ଆରମ୍ଭ କରିବାକୁ ଏବଂ ଏହି ସଂହିତାର କଠୋର ପ୍ରକ୍ରିୟାରୁ ଚାଷୀଙ୍କୁ ସୁରକ୍ଷା ଦେବାକୁ ସାଂସଦ ବିଶି ପ୍ରସ୍ତାବ ରଖିଥିଲେ। ସମ୍ବିଧାନର ଧାରା ୩୮, ୩୯ ଓ ୪୬ ଉଲ୍ଲେଖ କରି ସେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦୁର୍ବଳ ବର୍ଗଙ୍କ ସୁରକ୍ଷା ଉପରେ ଜୋର ଦେଇଥିଲେ। ସାଂସଦ କହିଥିଲେ ଯେ ଆଦିବାସୀ ଜମି ଅଧିକାର ଓ ଗରିବ ପରିବାରମାନଙ୍କ ଆର୍ଥିକ ସୁରକ୍ଷା ଜଟିଳ ପରିସ୍ଥିତିରେ ରହିଛି। ଗରିବଙ୍କ ସମ୍ପତ୍ତି ଜବତ ନକରାଯାଉ ଓ ଆଦିବାସୀ ଜମି ଅଧିକାରର କଡା ସୁରକ୍ଷା ନିଶ୍ଚିତ କରାଯିବା ଏବଂ ଦୁର୍ବଳ ବର୍ଗ ପାଇଁ ଏକ ସରଳ ଓ ପୃଥକ ଦେବାଳିଆ ଏବଂ ଋଣ ଶୁଝିବା ସକ୍ଷମହୀନ ବ୍ୟବସ୍ଥା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ସନ୍ଦର୍ଭରେ ସାଂସଦ କହିଥିଲେ ଯେ, ଅଞ୍ଚଳ ଭିତ୍ତିକ ସାମାଜିକ-ଆର୍ଥିକ ପରିସ୍ଥିତିକୁ ଧ୍ୟାନ ଦେଇ ଆଇନ ପ୍ରୟୋଗ କରାଯିବା ଉଚିତ। ଆଇନ ଗ୍ରାମୀଣ ସଙ୍କଟ ଓ ଦାଦନ ଶ୍ରମିକ ବୃଦ୍ଧି କରିପାରେ। ଗରିବ ଋଣଗ୍ରାହୀଙ୍କ ପାଇଁ ଆଇନଗତ ସହାୟତା ଓ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସାମାଜିକ ପ୍ରଭାବ ଆକଳନକୁ ଜୋର ଦେଇ ଏକ ମାନବକେନ୍ଦ୍ରିକ ବିଧେୟକ ବ୍ୟବସ୍ଥା ଆବଶ୍ୟକ ସାଂସଦ ବିଶି ପ୍ରକାଶ କରିଥିଲେ।

# ବରଗଡ଼ରେ ପରିମଳ ବ୍ୟବସ୍ଥା ଶୋଚନୀୟ

**ବରଗଡ଼, ୨।୪(ସମିସ):** ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ସରିଛି ହେଲେ ସହରର ମୌଳିକ ସେବାକୁ ଅଣ ଦେଖା କରାଯାଉଛି। ଓଡ଼ିଶାର ପୁରାତନ ପୌର ପରିଷଦ ମଧ୍ୟରୁ ବରଗଡ଼ ଅନ୍ୟତମ। କିନ୍ତୁ ଏବେ ଏହାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଅନ୍ୟପଟେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ମାନେ କୌଣସି ସ୍ଥାୟୀ ଡମ୍ପିଂୟାର୍ଡ ଏପର୍ଯ୍ୟନ୍ତ କରିବାରେ ବିଫଳ ହୋଇଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଫଳରେ ବରଗଡ଼ ସହରରେ କୁଢ଼କୁଢ଼ ମଇଳା ଆବର୍ଜନା ପଡ଼ିରହିଛି। ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି ବୋଲି ଆମ୍ ଆଦମୀ ପାର୍ଟି ଅଭିଯୋଗ କରିଛି। ଏକ ପ୍ରେସ ବିବୃତିରେ ଉଲ୍ଲେଖ କରି କହିଛି ଯେ, ଡବଲ ଇଞ୍ଜିନ ସରକାର ଆସିଲା ପରେ ବରଗଡ଼ରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଛି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି। ବିଜେପି କେବଳ ଲୋକ ଦେଖାଣିଆ ପ୍ରଚାର ସର୍ବସ୍ୱ ସଫେଇ ଅଭିଯାନ କରି ଟଙ୍କା ଅପବ୍ୟବହାର କରୁଛି ଯଦ୍ୱାରା ମଶା, ମାଛି ହୋଇ ସହରରେ ଗୋଟିଏ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାର ସମାଧାନ ନହେଲେ ଆଗକୁ ଜନ ଆନ୍ଦୋଳନ କରା ଯିବ ବୋଲି ଶ୍ରୀ ସାହୁ କହିଛନ୍ତି।



# ଘେଁସ ଓ କୁଚିପାଲି ପଞ୍ଚାୟତ ଯକ୍ଷ୍ମାମୁକ୍ତ

**ମେଲଛାମୁଣ୍ଡା, ୨।୪(ସମିସ):** ସୁସ୍ଥ ସମାଜ ଗଠନ ଦିଗରେ ଯକ୍ଷ୍ମା ଭଳି ଭୟଙ୍କର ରୋଗ ବିରୁଦ୍ଧରେ ଲଢ଼େଇ କରି ଜିଲ୍ଲାର ୫୫ ପଞ୍ଚାୟତ ଏବେ 'ଟିବି ମୁକ୍ତ' ମାନ୍ୟତା ପାଇଛନ୍ତି। ଏହି କ୍ରମରେ ସୋହେଲା ବ୍ଲକର ଘେଁସ ପଞ୍ଚାୟତ ଏବଂ କୁଚିପାଲି ପଞ୍ଚାୟତର ସଫଳତା ସୋହେଲା ବ୍ଲକ ପାଇଁ ଉଦାହରଣ ସାଜିଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁଇ ସଫଳ ପଞ୍ଚାୟତକୁ ସମ୍ମାନିତ କରାଯାଇଛି। ବରଗଡ଼ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ଓ କୁଚିପାଲି ସରପଞ୍ଚ ସୁଜାତା ପଣ୍ଡାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୨୫ ପାଇଁ ଧାର୍ଯ୍ୟ ଯକ୍ଷ୍ମା ନିରାକରଣର ସମସ୍ତ କଠିନ ମାନଦଣ୍ଡକୁ ସଫଳତାର ସହ ପୂରଣ କରିଥିବାରୁ ଏହି ଗୌରବ ମିଳିଛି। ଉଭୟ ସରପଞ୍ଚ ନିଜ ପ୍ରତିକ୍ରିୟାରେ ପଞ୍ଚାୟତବାସୀଙ୍କ ସଚେତନତା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମକୁ ଶ୍ରେୟ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଘରକୁ ଘର ବୁଲି ରୋଗ ଚିହ୍ନଟ କରିବା ସହ ଲୋକଙ୍କୁ ସଠିକ୍ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସୁସ୍ଥ ବାତାବରଣ ବଜାୟରେ ଖିବାକୁ ଆମେ ସମସ୍ତଙ୍କ ସହଯୋଗ କାମନା କରୁଛୁ ବୋଲି ଉଭୟ ସରପଞ୍ଚ କହିଛନ୍ତି।

**ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ଓ ସୁଜାତା ପଣ୍ଡା ସମ୍ବର୍ଦ୍ଧିତ**



# ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ଉତ୍କଳ ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ




**ବରଗଡ଼, ୨।୪(ସମିସ):** ଲକ୍ଷ୍ମୀ ବିକାଶ ଗ୍ରୁପର ବିକାଶ ହାୟର ଏଜୁକେସନାଲ କ୍ୟାମ୍ପସରେ ଓଡ଼ିଶା ଦିବସ ତଥା ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ.ଅଜୟ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଓ ସମାଜସେବୀ ଟେକଚାନ୍ଦ ଦୁଆନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର 'ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ' ପାଳନର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ। ପ୍ରଶାସନିକ ଅଧିକାରୀ ଇଂ.ମହାପାତ୍ର ଛାତ୍ରଛାତ୍ରୀଙ୍କୁ ନିଜ ଭାଷା ଓ ମାତୃଭୂମି ପାଇଁ ଗର୍ବ ଓ ସ୍ୱାଭିମାନ ରହିବା ଉଚିତ ବୋଲି ଉଦ୍‌ବୋଧନ ଦେଇଥିଲେ। ସେହିପରି ଡ.ଦୁଆନ ତାଙ୍କ ଅଭିଭାଷଣରେ କର୍ତ୍ତବ୍ୟବୋଧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସନ୍ତୋଷୀ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିକାଶ ହାୟର ଏଜୁକେସନାଲ କ୍ୟାମ୍ପସ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନରୁ ୭ ଜଣ ଛାତ୍ରଛାତ୍ରୀ ଯଥା ଅର୍ଚ୍ଚିତା ନାୟକ୍, ସସ୍ମିଶ୍ରୀ ପ୍ରଧାନ, ସ୍ୱାଧୀନ ଦାଶ, ସାଇ ସୌମ୍ୟରଞ୍ଜନ ଭୋଇ, ସୌଜନ୍ୟା ମିଶ୍ର, ପ୍ରତ୍ୟୁଷ ତାଣ୍ଡି ଏବଂ ଯାଶସ୍ୱି ସମ୍ପନ୍ନ ପତି ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ବିକାଶ ନର୍ସି କଲେଜର ଛାତ୍ରୀ ମାନେ ୨ଟି ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ 'ଆମ ଓଡ଼ିଶାକୁ ଜାଣିବା' ଶୀର୍ଷକ ପ୍ରତିଯୋଗୀତାରେ ବିଜୟୀ ଛାତ୍ରଛାତ୍ରୀ ଦେବାଶିଷ ମିଶ୍ର (୧ମ), ପ୍ରୟାଗରାଜ ରଥ (୨ୟ) ଏବଂ ନିଲୋତ୍ପଳା ଗଡ଼ତିଆ (୩ୟ)ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟ ଅତିଥି ଡ.ଦୁଆନଙ୍କୁ ସପତ୍ନିକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଭି କ୍ରିଷ୍ଣା ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବିକାଶ ଆବାସିକ ବିଦ୍ୟାଳୟ**



**ବରଗଡ଼:** ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଓଡ଼ିଶା ଦିବସ ଓ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ନୂତନ ନୂତନ ପାଠ୍ୟକ୍ରମରେ ଓଡ଼ିଆ ଭାଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ଓଡ଼ିଆ ଅସ୍ମିତାର ଉନ୍ନତିରେ ସହଯୋଗ କରିବାକୁ ଆହ୍ୱାନ ଦେବା ସହ ବରଗଡ଼ ଜିଲ୍ଲାର ଗୌରବର ଗୁଣଗାନ କରିଥିଲେ। ପ୍ରାର୍ଥନା ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ, ନୃତ୍ୟ, କବିତାପାଠ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ଆବାସିକ ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

**ଘେଁସ, ୨।୪(ସମିସ):** ଘେଁସ, ବଡଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲେଇମାଲ ମହେନ୍ଦ୍ର ନାଗ ଓ ପତ୍ନୀ ଗିତାଞ୍ଜଳୀ ନାଗ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଝିଲପାଲି ଗାଁର ରାଧାମାଧବ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟିକା ଦୃପତି ଭୁଏ ଭାଗବତ ପାରାୟଣ ସହିତ ଭଜନ ପରିବେଷଣ କରିଥିଲେ। ଏଥିରେ ବାଦ୍ୟଯନ୍ତ୍ରରେ ଏମ୍‌ଶ୍ରୀଗିଡାର ଭଗିରଥ ମେହେର ଏବଂ ତାଙ୍କ ସାଥିମାନେ ସହଯୋଗ କରିଥିଲେ। ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ବକ୍ତା ଭାଗୀରଥି ସାହୁ, ସମ୍ମାନିତ ବକ୍ତା ଦିବ୍ୟ କିଶୋର ପଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସାମିଲ ସମସ୍ତ ସାଧୁସନ୍ଥ, ଯୋଗୀ ବୈଷ୍ଣବ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା କୈଳାସ ସାହୁଙ୍କ ସମେତ ଅଞ୍ଚଳର ଯୁବଗୋଷ୍ଠୀ ଭକ୍ତ ମାନେ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଝାରବନ୍ଧ, ୨।୪(ସମିସ):** ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସନଦାଦରରେ ଶିକ୍ଷକ ବାଳମୁକୁନ୍ଦ ବାରିକଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସହକର୍ମୀ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାରେ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ଓ ଭଣ୍ଡାରକୋରା କ୍ଲଷ୍ଟର ସିଆରସିସି ବିଷ୍ଣୁଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ସୁନା, ସହାକାରୀ ଶିକ୍ଷକ ଅମରେଶ ଚନ୍ଦ୍ର ଭୋଇ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମହେନ୍ଦ୍ର ବାରିକ, ଲଳିତ ମଲ୍ଲିକ, ସତ୍ୟାନନ୍ଦ ସେଠ, ପ୍ରଭୁଦାସ ମହାନନ୍ଦ ଓ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ କପିଳେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ବିଦାୟୀ ଶିକ୍ଷକଙ୍କୁ ସମ୍ମାନ ଜଣାଇଥିଲେ।



# ଭେଡେନ ପାକ୍ସର ବାର୍ଷିକ ସାଧାରଣ ସଭା

**ଭେଡେନ, ୨।୪(ସମିସ):** ଭେଡେନ ସ୍ଥିତ ଭେଡେନ ପ୍ରାଥମିକ କୃଷିସେବା ସମବାୟ ସମିତି ଲିଃ ଭେଡେନ ପାକ୍ସର ୫୩ତମ ବାର୍ଷିକ ସାଧାରଣ ସଭା ଭେଡେନ ବ୍ଲକ ଅଧୀନ କୁବେଡେଗା ପଞ୍ଚାୟତ କୁବେଡେଗା ଜଗନ୍ନାଥ ମନ୍ଦିର ସ୍ଥିତ କଲ୍ୟାଣ ମଣ୍ଡପରେ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ପାକ୍ସ ସଭାପତି ହରିଶଙ୍କର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଙ୍କୁର ପଧାନ ବିବରଣୀ ପଠନ କରିଥିଲେ। ଚଳିତ ବର୍ଷ ସମବାୟ ସମିତିର ପ୍ରଗତି ଉପରେ ସମ୍ପାଦକ ବିଷଦ ବିବରଣୀ ପଠନ କରିଥିଲେ। ପରେ ଚାଷୀ ଧାନ କିଣା ବିକା ପ୍ରକ୍ରିୟାରେ ହୋଇଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ନିଜର ଅନୁଭୂତି ଓ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପାଦକ ଆଗାମୀ ଦିନରେ ତ୍ରୁଟି ସଂଶୋଧନ ସହ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଧାନକିଣାଯିବ ବୋଲି ପ୍ରକାଶ କରିଥିଲେ। ସରକାର ବିନା କଟନି ଛଟନିରେ ଧାନକିଣାଯିବ ବୋଲି କହିବା ସତ୍ତ୍ୱେ ପୁଣି କଟନି ଛଟନି ହେଉଥିବାରୁ ଚାଷୀ ଗଣେଶ ଦାନ ସରକାରଙ୍କୁ ସମାଲୋଚନା କରିଥିଲେ। ଚାଷୀ ଆନନ୍ଦ ସୁନା ଅଣ ସଭ୍ୟ ଚାଷୀଙ୍କୁ ମଧ୍ୟ ସାର ଯୋଗାଣ ପାଇଁ ଦାବି କରିଥିଲେ। ଚାଷୀ ବିଜୟ ସାହୁ ଧାନ କିଣା ଅସୁବିଧା କଥା କହିଥିଲେ। ଅନୁଷ୍ଠିତ ସଭାରେ ନିର୍ଦ୍ଦେଶକ ସୁଦାମ ପାତ୍ର, ନରେନ୍ଦ୍ର ପଧାନ, ସରୋଜ ବାରିକ, ସତ୍ୟରଥ, ବଳରାମ ବିଶ୍ୱାଳ ପ୍ରମୁଖ ଚାଷୀ ସମସ୍ୟା ଓ ତାର ସମାଧାନ ଉପରେ ବକ୍ତବ୍ୟ ଦେଇଥିଲେ। ଶେଷରେ ନିର୍ଦ୍ଦେଶକ ନରେନ୍ଦ୍ର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

**ଅଣ ସାମ୍ବାଦିକଙ୍କ ଦୌରାତ୍ମ୍ୟ, ୩ କୋର୍ଟ ଚାଲାଣ**

# ସରକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ଗାଳି ଗୁଲଜ, ହତ୍ୟା ଧମକ

**ବରଗଡ଼, ୨।୪(ସମିସ)**

ଅଣ-ସାମ୍ବାଦିକଙ୍କ ଦୌରାତ୍ମ୍ୟ ସମାଜରେ ଚିନ୍ତାଜନକ ଭାବେ ବୃଦ୍ଧିପାଉଛି। ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ କେତକ ଠକ ସାଧାରଣ ଲୋକଙ୍କୁ ଭୟଭୀତ କରୁଛନ୍ତି ଓ ଅନେକ ସମୟରେ ଅନୈତିକ ଭାବେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। କିଛି ଅଣସାମ୍ବାଦିକ ନକଲି ପ୍ରେସ୍‌କାର୍ଡ ବ୍ୟବହାର କରି ସରକାରୀ କାର୍ଯ୍ୟାଳୟ, ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ଉପରେ ଚାପ ପକାଉଛନ୍ତି। ଖବର ପ୍ରକାଶ କରିବାକୁ ଧମକ ଦେଇ ଚାନ୍ଦା ମାଗିବା ଭଳି ଘଟଣା ମଧ୍ୟ ଦେଖାଦେଉଛି। ଫଳରେ ପ୍ରକୃତ ସାମ୍ବାଦିକଙ୍କ ଉପରେ ଲୋକଙ୍କ ବିଶ୍ୱାସ କମୁଛି। ଏଭଳି ଏକ ଘଟଣା ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ଦେଖିବାକୁ ମିଳିଛି। ଜଣେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ, ଚାନ୍ଦା ବଟି ମାଗିବା ସହ ହତ୍ୟା ଧମକ ଦେଇ ଗିରଫ ହେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କାର୍ଯ୍ୟରତ ସରକାରୀ କନିଷ୍ଠ ଯନ୍ତ୍ରୀ ବିକାଶ ଅଡ୍ଡା ଗତ ମାର୍ଚ୍ଚ ୩୧ରେ ନିର୍ମାଣାଧୀନ କାର୍ଯ୍ୟ ଦେଖିବା ପାଇଁ ଚାଣ୍ଟିପାଲି ପଞ୍ଚାୟତ କେରମେଲି ଗାଁରେ ଥିଲେ। ଏତିକିବେଳେ ତାଙ୍କ ବ୍ଲକ କଲୋନୀରେ ଥିବା ସରକାରୀ ଗୃହରେ ତାଲପାଲି ଗାଁର ଅଣସାମ୍ବାଦିକ ରଜନୀକାନ୍ତ ସାହୁ, ଖୁଣ୍ଟପାଲି ଗାଁର କୃପାସିନ୍ଧୁ ମହାନ୍ତି ଓ ଗାଇସିଲେଟର ସ୍ୱାତାକାନ୍ତ ଦାସ ତାଙ୍କ ଆବସ ଗୃହର କବାଟ ବାଡେଇ ଭାଙ୍ଗି ଦେବାକୁ ଚେଷ୍ଟା କରିଥିଲେ। ଅଭଦ୍ର ଭାଷାରେ ଗାଳି ଗୁଲଜ, ଚାନ୍ଦା ବଟି ମାଗିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହି ସମୟରେ ବିକାଶଙ୍କ ସ୍ତ୍ରୀ ଘରେ ଏକାକୀ ଥିଲେ ଏବ ଘଟଣା ବିଷୟରେ ଫୋନ୍ ମାଧ୍ୟମରେ ଜଣାଇଥିଲେ। ପୂର୍ବରୁ ମଧ୍ୟ ଭୟରେ ଟଙ୍କା ଦେଇଥିବା ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟ ଏକ ଦିନରେ କୃପାସିନ୍ଧୁ ମହାନ୍ତି ତାଙ୍କ ଘରକୁ ଦାଦା ବଟି ମାଗିବାକୁ ଆସିଥିଲେ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



# ବରପାଲିରେ ବିଶ୍ୱ ଅଟିଜମ୍ ସଚେତନତା ଦିବସ

**ବରପାଲି, ୨।୪(ସମିସ):** ବରପାଲି ସରସ୍ୱତୀ ଥେରାପି ଏବଂ ପୁନର୍ବାସ କେନ୍ଦ୍ର ସହ ଲିଟଲ୍ ଆଞ୍ଜେଲ୍ସ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆୟୋଜନରେ ବିଶ୍ୱ ଅଟିଜମ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ପଦଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ସରସ୍ୱତୀ ସଂଘ ସଭାପତି ଲୀଳାବତୀ ତ୍ରିପାଠୀ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ସଂଘ ସଭ୍ୟ, ସ୍ୱତନ୍ତ୍ର ପ୍ରଶିକ୍ଷକ, ସଦସ୍ୟ ଏବଂ ୟୁନିଫାଇଡ୍ ଚାମ୍ପିଅନ୍ ସ୍କୁଲ୍ ଭାବେ ପରିଚିତ ଲିଟଲ୍ ଆଞ୍ଜେଲ୍ସ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ଅଟିଜମ୍ ସଚେତନତା ବିଷୟରେ ମତାମତ ପ୍ରକାଶ ପାଇଥିଲା। ସମାଜରେ ଏହି ବିଷୟରେ ଅଧିକ ସଚେତନତା ଆଣିବାରେ ଜୋର ଦେଇଥିଲେ। ସଭାରେ ସମ୍ପାଦିକା ସୁନିତା ମୁଣ୍ଡ, ବିଜୟ ଲକ୍ଷ୍ମୀ ଦାଶ, ସ୍ନିଗ୍ଧାରାଣୀ ଦେବତା, ବିବେଶିଖା ବେହେରା ପ୍ରଶାନ୍ତ ସାମଲ, ସାକେତ୍ ବେହେରା, ନୂତନ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି



ଝାରସୁଗୁଡ଼ା,୨।୪(ସମିସ): ଜିଲ୍ଲାରେ ଆଗାମୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଓଏସ୍‌ଡିଏମ୍‌ଏର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ

## ହିଟ୍‌ୱେଭ୍ ପରିଚାଳନା ନେଇ କର୍ମଶାଳା

ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ୍ ସଭାଗୃହଠାରେ ଆୟୋଜିତ ବୈଠକରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ କିଭଳି କମ୍ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ବୈଠକର ଆବାହକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ଦୈନନ୍ଦିନ ଜୀବନରେ ଘଟୁଥିବା ଅଗ୍ନିକାଣ୍ଡକୁ କିଭଳି ରୋକାଯାଇପାରିବ ଓ ନିଆଁକୁ ଆୟତ୍ତ କରାଯାଇପାରିବ, ସେ ସମ୍ପର୍କରେ ଡେମୋ ପ୍ରଦାନ କରିଥିଲେ। ସେହିଭଳି ଜଙ୍ଗଲ ବିଭାଗର ପ୍ରତିନିଧି ଜଙ୍ଗଲ ନିଆଁର ନିରାକରଣ ଓ ଏହାର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିଶେଷଜ୍ଞ, ମାନବ ଶରୀର ଉପରେ ଗ୍ରୀଷ୍ମ ପ୍ରବାହର କୁପ୍ରଭାବ, ଅଂଶୁଘାତର ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଅବଲମ୍ବନ କରାଯାଉଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ପ୍ରଚଣ୍ଡ ଖରାରୁ ଜିଲ୍ଲାବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଜିଲ୍ଲା ତଥା ବ୍ଲକ୍ ଓ ତହସିଲ ସ୍ତରର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ



ବ୍ରଜରାଜନଗର,୨।୪(ସମିସ): ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କକୁଶ ପୁତ୍ତଳିକା ଦାହ କରାଯାଇଛି। ବିଜେଡିର ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଲୋକେ, ବିଜୁ ପ୍ରେମୀ ଏକତ୍ରିତ ହୋଇ ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟର ଦୃଢ଼ ନିନ୍ଦା କରିବା ସହ ତାଙ୍କୁ ଗିରଫ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶମ୍ଭୁ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସନତ ସିଂ, ଜିଲ୍ଲା ଉପସଭାପତି କୁଳମଣି ଦାସ, ବାବୁଲାଲ ରୁଙ୍ଗଟା, ଚିନ୍ତାମଣି ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ନୃପ ଦଣ୍ଡିଆ, ବେଲପାହାଡ ଟାଉନ ସଭାପତି ବସନ୍ତ ମହାନ୍ତି ଦୟାସାଗର ବଢ଼େଇ, ରଞ୍ଜନ ଭୋଇ, ଅର୍ଜୁନ ନାୟକ, ନାରୀ ନେତ୍ରୀ ନଳିନୀ ପ୍ରଧାନ, ଅଞ୍ଜଳି ସିଂ, ଦମୟନ୍ତୀ ମହାକୁଡ, ଖିରୋଦିନି ସେନାପତି, ରୁକ୍ମିଣୀ ସୁନା, କୁମୁଦିନୀ ଗରୁଡ, ବିନିତା, ଭୂମିଶୁତା ତନ୍ତି, ସୂରଜ କଣ୍ଟା, କୃଷ୍ଣ ତ୍ରୀପାଠୀ, ଗିରିଧାରୀ ଗରୁଡ, ଶରତ ତନ୍ତି, ଅନନ୍ତ କୁମ୍ଭାର, ମଣ୍ଟୁକୁମ୍ଭାର, ସିଦ୍ଧାର୍ଥ ମହାନ୍ତି, ବିକ୍ରମ ଦାସ, ବ୍ରଜେଶ ମହାନ୍ତି, ବ୍ରଜେଶ ମହାନନ୍ଦ, କିଶୋର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପରେ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପିୟୁସିସି ଯାଞ୍ଚ ଆରମ୍ଭ



ଦେବଗଡ଼,୨।୪(ସମିସ): ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗୁରୁବାର ଠାରୁ ପିୟୁସିସି ଯାଞ୍ଚ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହ ପଲ୍ୟୁସନ ସାର୍ଟିଫିକେଟ ନଥିଲେ ବାଇକ ଚାଳକଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ସରକାର ପଲ୍ୟୁସନ ସାର୍ଟିଫିକେଟ ପାଇଁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ନିୟମ କୋହଳ କରିଥିଲେ। ଏପରିକି ବାରମ୍ବାର ତାରିଖ ବୃଦ୍ଧି କରାଯାଇ ଲୋକଙ୍କୁ ପଲ୍ୟୁସନ ସାର୍ଟିଫିକେଟ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସରକାରଙ୍କ ଶେଷ ଡେଡଲାଇନ ଏପ୍ରିଲ ୧ ତାରିଖ ସରି ଯାଇଥିବା ବେଳେ ଆଜି ଠାରୁ ଯାଞ୍ଚ କଡାକଡି ହୋଇଛି। ପଲ୍ୟୁସନ ସାର୍ଟିଫିକେଟ ସହିତ ଅନ୍ୟାନ୍ୟ କାଗଜପତ୍ର ମଧ୍ୟ ଯାଞ୍ଚ କରାଯାଉଛି। ଦେବଗଡ଼ ଆଞ୍ଚଳିକ ପରିହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଟ୍ରାଫିକ ଇନ୍ସପେକ୍ଟର ଏବଂ ଜୁନିୟର ଏମ୍‌ଭିଆଇ ଜିଲ୍ଲାର ବିଭିନ୍ନ ସ୍ଥାନରେ କଡାକଡି ଯାଞ୍ଚ କରିବା ସହ ପ୍ରଦୂଷଣ ସାର୍ଟିଫିକେଟ ନଥିବା ଗାଡି ଗୁଡିକର ଚାଳକ ମାନଙ୍କୁ ଜରିମାନା କରାହେଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଓଡ଼ିଆ ପକ୍ଷ ଦ୍ୱିତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ

ଦେବଗଡ଼,୨।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଦ୍ୱିତୀୟ ଦିବସରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ବରଣ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତୀ ପ୍ରଧାନ, ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ବିଶ୍ୱାଳ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗ ଦେଇଥିଲେ। ଜିଲ୍ଲା ,୨।୪(ସମିସ): ସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାନେ ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରି ଅଭିଯାନରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଏଜଲିନ ବାରା, ପ୍ରିୟା ତିର୍କି, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଆଇଆଇସିଙ୍କ ଯୋଗଦାନ

ଇବଥର୍ମାଲ,୨।୪(ସମିସ): ଜିଲ୍ଲା ବନହରପାଲି ଥାନାରେ ଗୁରୁବାର ନୂତନ ଆଇଆଇସି ଭାବେ ବିନୋଦ ରାଓ ଯୋଗ ଦେଇଛନ୍ତି। ପୂର୍ବ ଆଇଆଇସି ରଞ୍ଜିତ ନାଏକଙ୍କୁ ମୁଖ୍ୟାଳୟକୁ ବଦଳି କରାଯାଇ ଆଇୟୁସିଂ ଏଡବ୍ଲୁରେ ଅବସ୍ଥାପିତ କରାଯାଇଛି। ଶ୍ରୀ ରାଓ ଏଠାରେ ଯୋଗଦେବା ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଜିଲ୍ଲା ପୁଲିସ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ଆଜି ଶ୍ରୀ ରାଓ ଯୋଗ ଦେବା ପରେ ବନହରପାଲି ଥାନାଞ୍ଚଳ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ନିଶାକାରବାର ନିୟନ୍ତ୍ରଣ ପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ଏଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଗୋରୁ ଚାଲାଣକାରୀ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

**● ୫ ଗୋରୁ ମୃତ, ୧୫ରୁ ଅଧିକ ଆହତ**

ଝାରସୁଗୁଡ଼ା,୨।୪(ସମିସ): ଝାରସୁଗୁଡ଼ା ଜିଲ୍ଲା କଦମଡିହି ନିକଟ ଜାତୀୟରାଜପଥ ୪୯ରେ ଗୋରୁ ଚାଲାଣ କରୁଥିବା ପିକଅପ ଗାଡି ଓଲଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଜିଲ୍ଲାରେ ବେଆଇନ ଗୋରୁ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପ୍ରଶାସନ ଏହା ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ନେଇ ଅଭିଯୋଗ ହେଉଛି। ବିଶେଷ ଭାବେ ଛତିଶଗଡରୁ ଝାରସୁଗୁଡ଼ା ଦେଇ ପ୍ରତିଦିନ ଗୋରୁ ଚାଲାଣ ହେଉଥିବା ଖବର ସାମ୍ନାକୁ ଆସୁଛି। ଗୁରୁବାର ବେଆଇନ ଭାବେ ଗୋରୁ ନେଇ ଯାଉଥିବା ପିକଅପ ଗାଡି କଦମଡିହି



ନିକଟରେ ଦୁର୍ଘଟଣା ଫଳରେ ୫ ଗୋରୁଙ୍କ ମୃତ୍ୟୁ ହୋଇଛି ଏବଂ ୧୫ରୁ ଅଧିକ ଗୋରୁ ଆହତ ହୋଇଛନ୍ତି। ଓଡ଼ିଶା ଛତିଶଗଡ ସୀମାନ୍ତ ଅଞ୍ଚଳରୁ ଗୋରି ଚାଲାଣକାରୀ ବେଆଇନ ଭାବେ ଗୋରୁ ମାନଙ୍କୁ ନେଇ ଫେରାର ହେଉଥିଲା। ଏହି ସମୟରେ କୌଣସି କାରଣରୁ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଗୋରୁ ଛିଟିକି ପଡ଼ିବା ଦେଖି ଦୁର୍ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନାର ପରିସ୍ଥିତି ଦେଖାଦେଇଥିଲା। ଘଟଣାସ୍ଥଳରେ ରେଙ୍ଗାଲି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ



ଝାରସୁଗୁଡ଼ା,୨।୪(ସମିସ): କୋଲାବିରା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଦଣ୍ଡାବୁଡା ନିବାସୀ ହରିବଂଶ ପ୍ରଧାନ(୮୦)ଙ୍କ ଗୁରୁବାର ନିଜ ବାସଭବନରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ଦୀର୍ଘ ମାସ ହେଲା ଶଯ୍ୟାଶାୟୀ ଥିଲେ। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଡ.ମନୋଜ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସେ ୨୦୦୫ରେ କୋଲାବିରା ହାଇସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ୧୯୮୨ରେ କୋଲାବିରା କଲେଜର ସେ ପ୍ରତିଷ୍ଠାତା ସଦସ୍ୟ ଥିବା ବେଳେ ଦୀର୍ଘ ବର୍ଷ ଧରି କଲେଜର ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ କୋଲାବିରା ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।

# କୁଲିହାମାଲ ଜଙ୍ଗଲରେ ନିଆଁ

ଝାରସୁଗୁଡ଼ା,୨।୪(ସମିସ): କୋଲାବିରା ଫରେଷ୍ଟ ରେଞ୍ଜ ଅଧୀନ କୁଲିହାମାଲ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଗୁରୁବାର ଦିନସାରା ନିଆଁ ଲାଗି ରହିଥିଲା।



କୁଲିହାମାଲରୁ ଗହ୍ଲାପାଲି ଯିବା ରାସ୍ତା କଡରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଳୁଥିବା ସୂଚନା ମଳିଛି। ଅପରାହ୍ନ ସୁଦ୍ଧା ବନ ବିଭାଗ କର୍ମଚାରୀ ନିଆଁ ଲିଭା ଆରମ୍ଭ କରି ନଥିବା ନେଇ ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ପୂର୍ବରୁ କୋଲାବିରା, ବଡବାହାଲ, ପରମାଣପୁର, ସିରିଆପାଲି, ଗୁଡିଗାଁ ଆଦି ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଥିଲା। କିଛି ଦିନ ବ୍ୟବଧାନରେ ପୁଣି କୁଲିହାମାଲ ଜଙ୍ଗଲରେ ନିଆଁ ଲାଗିବା ଖବର ପ୍ରଚାରିତ ହେବା ପରେ ପରିବେଶବିତ୍‌ଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# କୁଣ୍ଢେଇଗୋଳାରେ ମାଁ ତାରିଣୀଙ୍କ ଯାତ୍ରା

କୁଣ୍ଢେଇଗୋଳା,୨।୪(ସମିସ): ରିଆମାଳ ବ୍ଲକ୍ ଅଧୀନ କୁଣ୍ଢେଇଗୋଳା ଗାଁର ତାରିଣୀ ପୀଠରେ ଗୁରୁବାର ମାଁ ତାରିଣୀଙ୍କ ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରମେଶ ସାହୁ ଓ ସମ୍ପାଦକ ଗୋବର୍ଦ୍ଧନ ବେହେରାଙ୍କ ତତ୍ତ୍ୱାବଧାନରେ ମାଁଙ୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଭିରାମ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଞ୍ଚଳ ବିଶ୍ୱାଳ ଓ ତାଙ୍କ ପତ୍ନୀ ମଞ୍ଜୁଲତା ବିଶ୍ୱାଳ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କଳସ ଯାତ୍ରା ସମାପନ ପରେ ସୂର୍ଯ୍ୟ ପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜନ ଓ ମାଁ ତାରିଣୀଙ୍କର ଷୋଡଶ ଉପଚାର ପୂଜାର୍ଚ୍ଚନା ହୋଇଥିଲା। ବାପି ସାହୁ, ସଞ୍ଜୟ ପ୍ରଧାନ, ବଦ୍ରି ନାରାୟଣ ପ୍ରଧାନ, ସିପୁନ ବେହେରା, ଦୀପକ ଗଡନାୟକ, ତପନ ପ୍ରଧାନ, ଧବଳ ଭୂତିଆ, ଅନୁଜ ବିଶ୍ୱାଳ ଓ କୁଣ୍ଢେଇଗୋଳା ଗ୍ରାମବାସୀ ସହଯୋଗ କରିଥିଲେ। ଅନ୍ୟ ପକ୍ଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ସୋ ଅନୁଷ୍ଠିତ ହୋଇଛି।

# ବାରକୋଟରେ ଶିଶୁମିତ୍ର ଥାନାର ଶୁଭାରମ୍ଭ



ଦେବଗଡ଼,୨।୪(ସମିସ): ଥାନା ପରିସରରେ ଶିଶୁଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଶିଶୁ ମିତ୍ର ଥାନାର ପରିକଳ୍ପନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାରକୋଟ ଥାନାରେ ଶିଶୁମିତ୍ର ଥାନା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ପ୍ରକୋଷ୍ଠକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସମୟରେ ପୁଲିସର ସହାୟତା ପାଇଁ କିମ୍ବା ପରିବାର ଲୋକଙ୍କ ସହିତ ଶିଶୁ ମାନେ ଥାନା ପରିସରକୁ ଆସିଥାନ୍ତି। ଏହି ସମୟରେ ଥାନା ପରିସରରେ ଶିଶୁ ମାନେ ଅନୁକୂଳ ପରିବେଶ ପାଇ ପାରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଭିତରେ ବିଭିନ୍ନ ପ୍ରକାରର ଖେଳଣା, ପଢ଼ିବା ପାଇଁ ପିଲାଙ୍କ ବହି ତଥା ଥାନା ପରିସରରେ ଦୋଳି ଖଞ୍ଜା ଯାଇଛି। ପ୍ରକୋଷ୍ଠ କାନ୍ଥରେ ଆକର୍ଷଣୀୟ ରଙ୍ଗ ବେରଙ୍ଗର ବିଭିନ୍ନ ଚିତ୍ର ଅଙ୍କାଯାଇଛି। ପୁଣି କୌଣସି ମହିଳା ଶିଶୁଙ୍କୁ ସାଙ୍ଗରେ ନେଇ ଆସିଥିଲେ ସ୍ତନ୍ୟପାନ କରାଇବା ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳା ଅଧିକାରୀଙ୍କୁ ପ୍ରକୋଷ୍ଠ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଢ଼ାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ଏସ୍‌ପି ରମେଶ ମାହାନା, ଡିଆଇବି ଡିଏସ୍‌ପି ପବିତ୍ର କିଷାନ, ଏଚ୍‌ଆର୍‌ପିସି ଡିଏସ୍‌ପି ଅମୂଲ୍ୟ ପୁନମ ଲାକ୍ରା, ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚୀ ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଲିଗାଲ ପ୍ରୋବେସନ ଅଫିସର ଚିନ୍ମୟ ସ୍ୱାଇଁ, ଦେବଗଡ଼ ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ, ଚାଇଲ୍ଡ ହେଲ୍ପଲାଇନର କରିସ୍ମା ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାରକୋଟ ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ରିଆମାଳ, କୁଣ୍ଢେଇଗୋଳା ଏବଂ ଲଇମୁରା ଥାନାକୁ ମଧ ଏହି ଅଭିଯାନରେ ସାମିଲ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

# ଥାନା ପକ୍ଷରୁ ଶୀତଳ ପାନୀୟ ଜଳ ଯୋଗାଣ କେନ୍ଦ୍ର

ବ୍ରଜରାଜନଗର,୨।୪(ସମିସ): ବ୍ରଜରାଜନଗର ଥାନା ପରିସରରେ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ଥାନା ପକ୍ଷରୁ ଏକ ଶୀତଳ ପାନୀୟ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ବ୍ରଜରାଜନଗର ସହର



ଏକ ଖଣି ଅଞ୍ଚଳ। ଏଠାରେ ଗ୍ରୀଷ୍ମ ପ୍ରଭାବ ଅଧିକ ମାତ୍ରାରେ ରହିଥାଏ। ଏସବୁକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଥାନା ପକ୍ଷରୁ ଶୀତଳ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ବ୍ରଜରାଜନଗର ପୌର ପରିଷଦ ଅଧକ୍ଷ କ୍ରିଷ୍ଣ ଗୋପାଳ ସିତାନୀ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ସ୍ଥାନୀୟ କାଉନସିଲର ଲତାରା ୱଲାନୀ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଅତିଥି ଗଣଙ୍କ ସମ୍ମୁଖରେ ପାଣିର ମାନ ପରୀକ୍ଷା ହୋଇଥିଲା। ବିଜେଡି ନେତା ଜୟନ୍ତ ଦିକ୍ଷୀତ, ବିଜେପି ମଣ୍ଡଳ ସଭାପତି ତପନ ସ୍ୱାଇଁ, ବିଜେପି ନେତା ଅମରେନ୍ଦ୍ର ରାୟ, ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ସମାଜସେବୀ କିରଣ ଦାସ, ରାହୁଲ ପାଣ୍ଡେ, କାଉନସିଲର ମହେଶ ମୁଳିରୁକୁଣ ଧୁରୁଆ, ବାବୁଲା ମିଶ୍ର, ମନିଷ ରାୟ, ପ୍ରଦିପ ସରମା, ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ, ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା, ପ୍ରଭାକର ପାତ୍ର, ଦିଲିପ ବାଗ, ଅଭୟ ମହା ଓ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ପ୍ରଚେଷ୍ଟା ଏହି ଶୀତଳ ପାନୀୟ ଜଳ ଯୋଗାଣ କେନ୍ଦ୍ର ହୋଇପାରିଛି।

# ଦେଶର ପ୍ରଥମ ଡିଜିଟାଲ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ

ଦେବଗଡ଼,୨।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକ୍‌ରେ ଡିଜିଟାଲ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଡିଜିଟାଲ ସ୍ୱଗଣନା ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା ଏପ୍ରିଲ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ନାଗରିକ ମାନେ ସରକାରୀ ଜନଗଣନା ୱେବସାଇଟରେ ଏସଇ ଆଇଡି ପ୍ରାପ୍ତ କରିପାରିବେ। ପ୍ରଥମ ଥର ପାଇଁ ଦେଶରେ ଜନଗଣନାର ସମସ୍ତ ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯିବ। ଜନଗଣନା ଅଧିକାରୀ ମାନେ ଘରକୁ ଘର ଯାଇ ମୋବାଇଲ୍ ଆପ ମାଧ୍ୟମରେ ତଥ୍ୟ ସଂଗ୍ରହ ଓ ସମସ୍ତ ତଥ୍ୟ ସଠିକ୍ ଭାବେ ଗ୍ରହଣ କରିବେ। ଆଜି ବାରକୋଟ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ତହସିଲଦାର ରବିନ୍ଦ୍ର ସାମଲ, ଅତିରିକ୍ତ ତହସିଲଦାର ୱାଶିମ୍ ଅହମଦ୍ ଓ ଡିଷ୍ଟ୍ରିକ୍ଟ କୋର୍ଡିନେଟର ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଓ ବାରକୋଟ ବ୍ଲକ୍ ଅଧକ୍ଷ ପୁଷ୍ପାଞ୍ଜଳି ପାତ୍ରଙ୍କ ଘରକୁ ଯାଇ ସ୍ୱଗଣନା କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥିଲେ। ଏହାଦ୍ୱାରା ନାଗରିକ ମାନେ ସ୍ମାର୍ଟଫୋନ୍ ଓ ଲାପଟପ ଜରିଆରେ ନିଜେ ନିଜର ଗଣନା ସରକାରଙ୍କ ୱେବ୍‌ସାଇଟ୍ ମାଧ୍ୟମରେ ୧୫ ଏପ୍ରିଲ ପର୍ଯ୍ୟନ୍ତ କରିପାରିବେ।

# ସହକାରୀ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଦେବଗଡ଼,୨।୪(ସମିସ): ସ୍ଥାନୀୟ ସର୍କିଟ ହାଉସ ଠାରେ ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ କ୍ରୀଡା ଅଧିକାରୀ ତାପସ ମହନ୍ତଙ୍କୁ ଗୁରୁବାର ବଦଳିକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଏସ୍‌ପି ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗ ଦେଇ ସହକାରୀ ଜିଲ୍ଲାପାଳ ଶ୍ରୀ ମହନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ମୁକେଶ ଭୋଇ, ପ୍ରିୟା ତିର୍କି, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, କ୍ଷୀପ୍ର ଲେଖକ ସତ୍ୟବ୍ରତ ସାହୁ, ସେକ୍ସନ ଅଫିସର ରଞ୍ଜିତ୍ ନାୟକ, ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଅଧିକାରୀ ପ୍ରଦ୍ୟୁମ୍ନ ଦାସ, ଅତିରିକ୍ତ ତହସିଲଦାର ଦୟାଲ ଓମ୍ ପ୍ରକାଶ ସାହୁ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲ୍ଲା ଠିକାଦାର ସଂଘର ବୈଠକ

**ନିର୍ମାଣ କ୍ଷେତ୍ରରେ ସ୍ୱଚ୍ଛତା, ସ୍ଥାୟିତ୍ୱ ଓ ସମାନତା ପାଇଁ ତ୍ରିସୂତ୍ରୀ ପ୍ରସ୍ତାବ ପାରିତ**

ଦେବଗଡ଼,୨।୪(ସମିସ): ରିଆମାଳ କଲ୍ୟାଣ ମଣ୍ଡପ ରେ ଜିଲ୍ଲା ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଇଂ. ସୁଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଠିକାଦାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକ ସନ୍ତୁଳିତ ତଥା ନ୍ୟାୟସଙ୍ଗତ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ଜିଲ୍ଲାରେ ନିର୍ମାଣ କ୍ଷେତ୍ରରେ ସ୍ୱଚ୍ଛତା, ସ୍ଥାୟୀତ୍ୱ ଓ ସମାନତା ବଜାୟ ରଖିବା ପାଇଁ ତ୍ରିସୂତ୍ରୀ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ସ୍ଥାନୀୟ ଠିକାଦାରଙ୍କ ସ୍ୱାର୍ଥରକ୍ଷା ଓ ସ୍ଥାୟୀ ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଜିଲ୍ଲା ବାହାର ଠିକାଦାର ମାନଙ୍କୁ ଏପ୍ରିଲ ପହିଲାରୁ ଜିଲ୍ଲାର କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି। ଯେଉଁ ଠିକାଦାର ମାନେ ଚାଲୁ ରହିଥିବା ଟେଣ୍ଡରରେ ଅଂଶଗ୍ରହଣ କରିଛନ୍ତି, ସଂଘର ନିଷ୍ପତ୍ତି ଅନୁଯାୟୀ ସେମାନଙ୍କୁ ଏପ୍ରିଲ ପହିଲାରୁ ନିଜର ବିଡ୍ ପ୍ରତ୍ୟାହାର କରିବାକୁ ଏବଂ କୌଣସି ନୂତନ ଚୁକ୍ତି ସ୍ୱାକ୍ଷର ନ କରିବାକୁ ଅନୁରୋଧ କରାଯାଇଛି। ଏଥିସହ ଅତ୍ୟଧିକ ମାଇନସ୍ ବିଡିଂ ପ୍ରକ୍ରିୟାକୁ ରୋକିବା ଏବଂ ଏକ ସୁସ୍ଥ ପ୍ରତିଯୋଗିତା ମୂଳକ ବାତାବରଣ ସୃଷ୍ଟି କରିବା ପାଇଁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ଠିକାଦାରମାନେ ସ୍ୱେଚ୍ଛାକୃତ ଭାବେ କୌଣସି ଟେଣ୍ଡରରେ 'ପ୍ରାଇସ୍ ପ୍ରିଫରେନ୍ସ' ସୁବିଧା ନେବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରିଷ୍ଠ ଠିକାଦାର ପ୍ରସନ୍ନ ବେହେରା, ଇଂ.ଚିତ୍ତରଞ୍ଜନ ପ୍ରଧାନ, ଇଂ.ଅଜୟ ପ୍ରଧାନ, ହରିହର ପାଣି ସମେତ ଯୁବ ଠିକାଦାର ଇଂ.ତପନ ସାହୁ, ଇଂ.ବିକାଶ ପ୍ରଧାନ, ଇଂ.ଶିବାନନ୍ଦ ଗଡନାୟକ, ଇଂ.ଆଲୋକ ପ୍ରଧାନ, ଇଂ.ସୁକେନ ମୁଖି ଏବଂ ସଂଘର ଅନ୍ୟାନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ହରାନ୍ତୁନି। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଚାନକ ଖୁସି ଖବର ପାଇପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଆୟ ଅନୁସାରେ ବ୍ୟୟ କରନ୍ତୁ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ।

**କର୍କଟ:** ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଉଧାର ଟଙ୍କା ଫେରି ପାଇବେ। ଯୋଜନା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ଦାନ ଧର୍ମ କରନ୍ତୁ।

**ତୁଳା:** ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ଅଚାନକ ଖୁସି ଖବର ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦାନ ଧର୍ମ କରନ୍ତୁ।

**ମକର:** ବ୍ୟବସାୟରେ ଲାଭ ମିଳିପାରେ। ଭାଇ –ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ମାନ ସମ୍ମାନ ବୃଦ୍ଧି ପାଇବ। ବିବାହ ସମସ୍ୟାର ସମାଧାନ ହେବ। ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଐତିହ୍ୟ

- ୧୯୩୩- ବିଶ୍ୱର ସବୁଠାରୁ ଉଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟ ଉପରେ ପ୍ରଥମ ଥର ବିମାନ ଉଡ଼ିଲା।
- ୧୯୪୯- ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଓ କାନାଡ଼ା ଉତ୍ତର ଆଣ୍ଟଲାଟିକ୍ ବୁଝାମଣାପତ୍ରରେ ସ୍ୱାକ୍ଷର କଲେ।
- ୧୯୮୪- ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ମହାକାଶ ଯାତ୍ରା ଆରମ୍ଭ କଲେ।
- ୨୦୧୬- ପାନାମା ପେପର୍ ଲିକ୍ ହୋଇଥିଲା।



# ସଲମାନ୍‌ଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ

ଏଇ କିଛି ବର୍ଷ ହେଲାଣି ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ସାଉଥ୍ ନିର୍ଦ୍ଦେଶକଙ୍କ ସହ କାମ କରୁଥିବାର ଦେଖାଯାଇଛି। ଏବେ ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ବାମଶୀ ପୈଡିପାଲ୍ଲୀଙ୍କ ଏକ ହାଇ ବଜେଟ୍ ଆକ୍ସନ୍ ଥ୍ରିଲର୍ ଫିଲ୍ମରେ ସଲମାନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ସୁନ୍ଦରୀ ନୟନତାରା ଦେଖାଯିବେ। ଅନୀଲ କପୁର ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଦିଲ ରାଜୁ ଅଛନ୍ତି। ଖୁବ୍‌ଶୀଘ୍ର ଏହାର ସୁଟିଂ ଆରମ୍ଭ ହେବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଆଉ ଏକ ଖବର ଆସିଛି। ଏଥିରେ ଏବେ ସାଉଥ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଅରବିନ୍ଦ ସ୍ୱାମୀ ନଜର ଆସିପାରନ୍ତି ବୋଲି କୁହାଯାଉଛି। ଅରବିନ୍ଦ ତାମିଲ୍ ବ୍ୟତୀତ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଅରବିନ୍ଦ ଏହି ଫିଲ୍ମରେ କାମ କରିଲେ ସୁଦ୍ଧା ସେ କେଉଁଭଳି ଚରିତ୍ରରେ ଅଭିନୟ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏହି ଫିଲ୍ମ ଆସନ୍ତାବର୍ଷ ମୁକ୍ତିଲାଭ କରିପାରେ। ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ଦେଖାଯାଇଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ ସଲମାନ୍ ଅପୂର୍ବ ଲାଖିଆଙ୍କ ଫିଲ୍ମ 'ମାତୃଭୂମି'ରେ କାମ କରୁଛନ୍ତି। ଏହା ଏପ୍ରିଲ୍ ୧୭ ରେ ରିଲିଜ୍ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ହେଲେ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଛି।

# ପ୍ଲାଷ୍ଟିକ୍ ସର୍ଜରୀରୁ ବିଗିଡ଼ିଲା ମୁହଁ



ବ୍ରାଜିଲର ଲୋକପ୍ରିୟ ଇନ୍‌ଫ୍ଲୁଏନସର ଜୁଜୁ ଡୋ ପିକ୍ସ। ତାଙ୍କର ପ୍ରକୃତ ନାମ ଜୁଲିୟାନା ଓଲିଭେରା। ପ୍ଲାଷ୍ଟିକ୍ ସର୍ଜରୀ କରାଇବା ପରେ ସେ ଅଚାନକ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ପ୍ଲାଷ୍ଟିକ୍ ସର୍ଜରୀରେ ଗୋଟିଏ ଭୁଲ୍ ତାଙ୍କ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ସର୍ଜରୀରେ ସିଲିକନ ଫିଲର୍ ସ୍ଥାନରେ ବିପଜ୍ଜନକ ମିନେରାଲ ଅଏଲକୁ ବ୍ୟବହାର କରାଯିବାରୁ ତାଙ୍କ ମୁହଁ ସମ୍ପୂର୍ଣ୍ଣ ବଦଳିଗଲା। ତେବେ ଏହି ଘଟଣା କେବଳ ତାଙ୍କ ପରିଚୟକୁ ପ୍ରଭାବିତ କରି ନାହିଁ, ବରଂ ତାଙ୍କ ଜୀବନକୁ ଏକ ନୂଆ ମୋଡ଼ ପ୍ରଦାନ କରିଛି। ୨୦୧୭ ମସିହାରେ ଜୁଜୁ ଫିଲର୍ ଟ୍ରିଟ୍‌ମେଣ୍ଟ କରାଇଥିଲେ। ଏକ ଅବୈଧ କ୍ଲିନିକ୍‌ର ଡାକ୍ତରମାନେ ସିଲିକନ୍ ବଦଳରେ ତାଙ୍କ ଗାଲରେ ମିନେରାଲ ଅଏଲ ଓ ଲେକ୍ସେଟିଭ ଭରି ଦେଇଥିଲେ। ଇଞ୍ଜେକସନ୍ ନେବାର କିଛି ସମୟ ମଧ୍ୟରେ ତାଙ୍କ ଗାଲ ଫୁଲି ଯାଇଥିଲା। ତ୍ୱଚା ଶକ୍ତ ହୋଇଯିବା ସହ ତାଙ୍କ ଚେହେରା କଦାକାର ଦେଖାଗଲା। ଏହି ଘଟଣା ଏବେ କସମେଟିକ୍ ସର୍ଜରୀରେ ଥିବା ବିପଦକୁ ଉଜାଗର କରିଛି। ଗତବର୍ଷ ଜାନୁଆରୀରେ ତାଙ୍କର ୪ ଘଣ୍ଟା କାଳ ଅସ୍ତ୍ରୋପଚାର କରାଯାଇ ମିନେରାଲ ୱାଟର୍ ବାହାର କରିବାକୁ ଚେଷ୍ଟା କରାଯାଇଥିଲା। ସେହିଭଳି ଜାନୁଆରୀ ୨୦୨୬ରେ ତାଙ୍କର ଦ୍ୱିତୀୟ ସର୍ଜରୀ ହୋଇଥିଲା। ଏବେ ଯଦିଓ ପୂର୍ବାପେକ୍ଷା ତାଙ୍କ ଚେହେରାର ଫୁଲା ଟିକେ କମ୍ ହୋଇଛି, କିନ୍ତୁ ମିନେରାଲ୍ ଅଏଲ୍ ପୂରା ଶରୀରରେ ବ୍ୟାପି ଯାଇଥିବାରୁ ଏହାକୁ ବାହାର କରିବା ପାଇଁ ଆହୁରି ଲମ୍ବା ପ୍ରକ୍ରିୟା ଚାଲିବ ବୋଲି ତାଙ୍କୁ ଏବେ ଚିକିତ୍ସିତ କରୁଥିବା ଡାକ୍ତରମାନେ କହିଛନ୍ତି। ତେବେ ଏହି ମାମଲା ବ୍ରାଜିଲରେ ସୀମିତ ନାହିଁ। ବ୍ରିଟେନରେ ମଧ୍ୟ ପ୍ରତିବର୍ଷ ଲୋକେ ଭୁଲ କସ୍ମେଟିକ୍ ସର୍ଜରୀ କରାଇ ଚିକିତ୍ସା ପାଇଁ ଆସନ୍ତି। ଏବାବଦକୁ ସେମାନେ ପାଖାପାଖି ୨୦, ୦୦୦ ପାଉଣ୍ଡ ଖର୍ଚ୍ଚ କରନ୍ତି। ତେଣୁ ଅଫର୍ ଚକ୍କରରେ ନ ପଡ଼ି ଭଲ ସର୍ଜନଙ୍କ ପାଖରେ କସ୍ମେଟିକ୍ ସର୍ଜରୀ କରାଇବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଜ୍ୟାକେଟ୍‌ରେ ଏୟାର୍‌ବ୍ୟାଗ୍

ଟେକ୍ନୋଲଜି ଏବେ କେବଳ ଗାଡ଼ି ଓ ମୋବାଇଲ୍ ଫୋନ୍ ଭିତରେ ସୀମିତ ହୋଇ ରହିନାହିଁ। ଏବେ ସ୍ମାର୍ଟ ପୋଷାକ ଆସିଲାଣି, ଯାହା ମଣିଷକୁ ସୁରକ୍ଷା ପ୍ରଦାନ କରିବ। ଏହି କ୍ରମରେ ଏକ ଏୟାରବ୍ୟାଗ୍ ଜ୍ୟାକେଟ୍ ଚର୍ଚ୍ଚାକୁ ଆସିଛି, ଯାହା ମଣିଷ ତଳେ ପଡ଼ିବା ପୂର୍ବରୁ ସକ୍ରିୟ ହୋଇଯାଇ ଦୁର୍ଘଟଣାରୁ ରକ୍ଷା କରିବ। ଯିଦିଆବାଓ ଇଣ୍ଟେଲିଜେଣ୍ଟ ଟେକ୍ନୋଲୋଜି କମ୍ପାନି ଲିମିଟେଡ ଏହି ସ୍ମାର୍ଟ ଜ୍ୟାକେଟ୍‌କୁ ବିକଶିତ କରିଛି। ଏଥିରେ ଆଡଭାନ୍ସ ସୁରକ୍ଷା ସିଷ୍ଟମ ଲଗାଯାଇଛି। ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବାର ଥିଲେ ଜ୍ୟାକେଟ୍‌ଟି ୦.୧୮ ସେକେଣ୍ଡ ମଧ୍ୟରେ ଜାଣିପାରି ସକ୍ରିୟ ହୋଇ ଉଠିବ। ଜ୍ୟାକେଟ୍ ଭିତରେ ଏକ ସ୍ମାର୍ଟ ଚିପ୍ ଲାଗିଛି। ଯାହାକି ପ୍ରତି ସେକେଣ୍ଡରେ ହଜାରେ ଥର ଶରୀରର ସ୍ଥିତି ଏବଂ ଗତିବିଧି ଉପରେ ନଜର ରଖେ। ସେହିପରି ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବା ଆଶଙ୍କା ଥିଲେ, ଜ୍ୟାକେଟ୍‌ଟି ତୁରନ୍ତ ଏୟାର୍‌ବ୍ୟାଗ୍ ଭଳି ଫୁଲି ସୁରକ୍ଷା କବଚ ପାଲଟିଯାଏ। ଏହାଦ୍ୱାରା ତଳେ ପଡ଼ି ଆଘାତ ଲାଗିବା ଆଶଙ୍କା ଅନେକ ପରିମାଣରେ ହ୍ରାସ ପାଏ। ତେବେ ଏହି ଜ୍ୟାକେଟ୍‌ରେ ଚାର୍ଜ ରଖିବା ଜରୁରି। ବୟସ୍କମାନେ ଯେଭଳି ଚିନ୍ତାରେ ପଡ଼ିବେନି ଏଥିରେ ୱେୟାରଲେସ୍ ଚାର୍ଜରର ବିକଳ୍ପ ମଧ୍ୟ ଦିଆଯାଇଛି। ବୟସ ବଢ଼ିବା ସହିତ ଶରୀର ଦୁର୍ବଳ ହେବାକୁ ଲାଗେ। ତଳେ ପଡ଼ିଯିବା ଆଶଙ୍କା ଅଧିକ ଥାଏ। ଏଭଳି ସ୍ଥିତିରେ ଏୟାରବ୍ୟାଗ୍ ଜ୍ୟାକେଟ୍ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏହି ସ୍ମାର୍ଟ ଜ୍ୟାକେଟ୍ ଠିକ୍ ଭାବେ ପରିଚାଳିତ ହେବା ଲାଗି ବ୍ୟାଟେରିର ଆବଶ୍ୟକତା ଅଛି। ଥରେ ଏହାକୁ ଚାର୍ଜ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ଅନ୍ୟପଟେ ଏହା ବ୍ୟବହାରକାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ବି ସକ୍ଷମ।






# ରକ୍ତ ଶର୍କରା ନିୟନ୍ତ୍ରଣ ବିଧି

**ଅତ୍ୟାଧୁନିକ ଜୀବନଶୈଳୀ, ଚିନ୍ତା ଆଦି ଯୋଗୁଁ ଲୋକ କମ୍ ବୟସରୁ ବହୁ ରୋଗର ଶିକାର ହେଉଛନ୍ତି। ଘରେ ଘରେ ଲୋକେ ମଧୁମେହ, ଅମ୍ଳ ଆଦି ସମସ୍ୟାରେ ପୀଡ଼ିତ। ତନ୍ମଧ୍ୟରୁ ଅସନ୍ତୁଳିତ ରକ୍ତ ଶର୍କରା ଅଧିକ ଚିନ୍ତା ବଢ଼ାଏ। ତେଣୁ ରକ୍ତ ଶର୍କରା ନିୟନ୍ତ୍ରଣ ବିଧି ବିଷୟରେ ଜାଣିବା।**



- ତିକ୍ତ ଓ କଷାୟ ରସଯୁକ୍ତ ଭୋଜନ ହିତକର। ମଧୁର, ଲବଣ, କଟୁ, ଅମ୍ଳ ଏହି ଚାରିଟି ରସ ଯୁକ୍ତ ଭୋଜନ କମ୍ ବ୍ୟବହାର କରିବା ଆବଶ୍ୟକ।
- ଚିନି, ପ୍ୟାକେଜ୍ଡ ଲୁଣ, ରିଫାଇନ୍ ତେଲ ଯଥା ସମ୍ଭବ କମ୍ ବ୍ୟବହାର କରିବା ଜରୁରି। ତନ୍ତୁଜାତୀୟ ଖାଦ୍ୟ ଯଥା- ଅଙ୍କୁରିତ ମୁଗ, ବୁଟ, ଗହମ ଇତ୍ୟାଦି, ସବୁଜ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେବେ। ଆୟୁର୍ବେଦରେ ବର୍ଣ୍ଣିତ ବିରୁଦ୍ଧ ଭୋଜନ କରିବେ ନାହିଁ। ଯେପରି ଲୁଣ ସହିତ ଦୁଗ୍ଧ ସେବନ ଅନୁଚିତ। ଶାରୀରିକ ପରିଶ୍ରମ କରିବା ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ, ଧ୍ୟାନ, ଯୋଗ, ପ୍ରାଣାୟମ ଆଦି କରିବାର ଆବଶ୍ୟକ ରହିଥାଏ। ସେହିପରି ସାମାଜିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ ସତ୍‌ସଙ୍ଗ, ସ୍ୱାଧ୍ୟାୟ, ସାମାଜିକ କାର୍ଯ୍ୟରେ ଆଗ୍ରହ ସହକାରେ ରହିବା ଦରକାର।
- ସେହିପରି ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଜାମୁକୋଳି ମଞ୍ଜି ଚୂର୍ଣ୍ଣ, ଗୁଡ଼ମାରୀ ରସ, ସଦାବିହାରୀ ପତ୍ର ରସ, ମେଥି ଚୂର୍ଣ୍ଣ ଇତ୍ୟାଦି ଚିକିତ୍ସକଙ୍କ ପରାମର୍ଶରେ ଗ୍ରହଣ କରାଯାଇପାରେ।

# କରୋନାର ନୂତନ ଉପପ୍ରଜାତି ସିକାଡ଼ା



କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଇଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏହି କ୍ରମରେ ଏବେ ଆମେରିକାରେ କରୋନାର ନୂତନ ଉପ ପ୍ରଜାତି ଠାବ ହୋଇଛି। ଏହି ନୂଆ ପ୍ରଜାତିର ନାଁ ଦିଆଯାଇଛି ସିକାଡ଼ା। ବୈଜ୍ଞାନିକ ଭାଷାରେ ଏହାକୁ ବିଏ.୩.୨ ଷ୍ଟ୍ରେନ୍ କୁହାଯାଉଛି। ଏହା ଓମିକ୍ରନ ପରିବାରର ଉପ ପ୍ରଜାତି। ଏହି ନୂଆ ପ୍ରଜାତି କ'ଣ ଏବଂ ଏହା କେତେ ବିପଜ୍ଜନକ ଜାଣିବା।

'ସିକାଡ଼ା' କୋଭିଡ୍‌୧୯ର ସବ୍ ଭାରିଆଣ୍ଟ। ଏହି ନୂତନ ପ୍ରଜାତିର ସ୍ପାଇକ୍ ପ୍ରୋଟିନ୍‌ରେ ୭୦ରୁ ୭୫ ମ୍ୟୁଟେସନ୍ ରହିଛି। ଏହି ପ୍ରଜାତି ମନୁଷ୍ୟ ଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ କିଛି ମାତ୍ରାରେ ପ୍ରଭାବିତ କରିପାରେ। କରୋନାର ଏହି ନୂଆ ଉପପ୍ରଜାତିର ଲକ୍ଷଣ ପ୍ରାୟତଃ କରୋନା ସହିତ ସମାନ। ଏହି ନୂତନ ଭୂତାଣୁ ସଂକ୍ରମଣ ଦ୍ୱାରା ଜ୍ୱର, କାଶ, ଥକ୍କା ଲାଗିବା, ଥଣ୍ଡା ଲାଗିବା, ଗଳା ଦରଜ, ନାକ ବନ୍ଦ ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ, ଗନ୍ଧ ବାରି ନ ପାରିବା, ଶରୀର ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି। ଏହାସହିତ ବୟସ୍କ, ପୂର୍ବରୁ ଏକାଧିକ ରୋଗରେ ପୀଡ଼ିତ ଥିଲେ, ଛୋଟ ପିଲା, ଗର୍ଭବତୀ ମହିଳା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କଠାରେ ଏହି ସଂକ୍ରମଣ ଗମ୍ଭୀର ରୂପ ନେଇପାରେ। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ଏହି ନୂତନ ପ୍ରଜାତିରେ ଅଧିକ ମ୍ୟୁଟେଶନ ଥିବାରୁ ଉପଲବ୍ଧ ଥିବା ଟିକା ଏଥିରେ ସେତେ ପ୍ରଭାବଶାଳୀ ପ୍ରମାଣିତ ହୋଇ ନ ପାରେ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ହାତକୁ ସଫା କରିବା, ଭିଡ଼ ସ୍ଥାନକୁ ନ ଯିବା, ବାହାରକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

# ଜିଏଫ୍ଆର୍ ଟେଷ୍ଟ




ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ବୃକ୍‌କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଆଦି ଅଭ୍ୟାସରୁ ବୃକ୍‌କ ଉପରେ ପ୍ରଭାବ ପଡେ। ଅନେକ ଲୋକ କ୍ରନିକ୍ ବୃକ୍‌କ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍‌କରୁ ରକ୍ତ କେତେ ପରିଷ୍କାର ହୁଏ, ଶରୀରରେ ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ଜାଣିବାକୁ ଜିଏଫ୍ଆର୍ ଟେଷ୍ଟ କରାଯାଏ। ଯେଉଁମାନଙ୍କର ବୃକ୍‌କ ସଂକ୍ରମଣ ହୁଏ ସେମାନଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ଗ୍ଲୋମେରୁଲାର ଫିଲ୍ଟ୍ରେସନ ରେଟ୍ (ଜିଏଫ୍ଆର୍) ଟେଷ୍ଟ ବୃକ୍‌କ ସ୍ୱାସ୍ଥ୍ୟର ଯାଞ୍ଚ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଜିଏଫ୍ଆର୍ ୯୦ କିମ୍ବା ଏହାଠୁ ଅଧିକ ସାଧାରଣ ସ୍ଥିତିକୁ ସୂଚାଏ। ୬୦ରୁ ୮୯ ଜିଏଫ୍ଆର୍ ବୃକ୍‌କ ରୋଗ ଆରମ୍ଭର ସଙ୍କେତ। ୩୦ରୁ ୫୯ ବୃକ୍‌କ ରୋଗ ଏବଂ ୧୫ରୁ ୨୯ ଗମ୍ଭୀର ରୋଗ ଏବଂ ୧୫ରୁ କମ୍ ଜିଏଫ୍ଆର୍‌ସ୍ତର ବୃକ୍‌କ ଅଚଳକୁ ଦର୍ଶାଇଥାଏ। କମ୍ ଜିଏଫ୍ଆର୍ ଥକ୍କାପଣ, ବାନ୍ତି, ପାଦ ଫୁଲାର ସଙ୍କେତ ଦିଏ। ତେଣୁ ବୃକ୍‌କକୁ ସୁସ୍ଥ ରଖିବାକୁ ସନ୍ତୁଳିତ ଖାଦ୍ୟ ସେବନ, ଦିନକୁ ୩ ଲିଟର ପାଣି ପିଇବା, ରକ୍ତଚାପ, ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ଆବଶ୍ୟକସ୍ଥଳେ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ।

# ସ୍ମାର୍ଟ ଏୟାର୍ ପ୍ୟୁରିଫାୟାର୍



ଭାରତର ପ୍ରମୁଖ ସହରମାନଙ୍କରେ ଲୋକେ ବାୟୁ ପ୍ରଦୂଷଣ ଯୋଗୁଁ ଅଣନିଃଶ୍ୱାସୀ ହେଉଛନ୍ତି। ପ୍ରଦୂଷିତ ବାୟୁରୁ ସୁରକ୍ଷା ପାଇଁ ଲୋକେ ମାସ୍କ ସହିତ ଘରେ ଏୟାର୍ ପ୍ୟୁରିଫାୟାର୍ (ବାୟୁ ଶୋଧକ ଯନ୍ତ୍ର) ବ୍ୟବହାର କରୁଛନ୍ତି। ହେଲେ ଏବେ ବାହାରକୁ ଯିବା ସମୟରେ ଲୋକେ ଏୟାର୍ ପ୍ୟୁରିଫାୟାର୍ ବ୍ୟବହାର କରି ପାରିବେ। ଏନେଇ ଭାରତୀୟ ଷ୍ଟାର୍ଟଅପ୍ ଆଟୋଭିଓ ଦ୍ୱାରା ଏକ ପିନ୍ଧିବା ଯୋଗ୍ୟ ସ୍ମାର୍ଟ ଏୟାର୍ ପ୍ୟୁରି ଫାୟାର୍ ତିଆରି କରାଯାଇଛି। ଏହା ବାୟୁକୁ ଶୁଦ୍ଧ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହାର ନାଁ ପେବଲ। ଏହା ଛୋଟ, ହାଲୁକା ଏବଂ ଏକ ସ୍ମାର୍ଟ ଉପକରଣ। ଏହାକୁ ବେକରେ ଲକେଟ୍ ପରି ପିନ୍ଧି ପାରିବେ। ଏହାକୁ ପିନ୍ଧିବା ଦ୍ୱାରା ଉପକରଣଟି ମୁହଁ ଚାରିପାଖେ ପ୍ରଦୂଷିତ କଣିକାକୁ ହ୍ରାସ କରି ବାୟୁକୁ ଶୁଦ୍ଧ କରିବ। ଏହି ଉପକରଣ ନେଗେଟିଭ ଆୟନ କୌଶଳକୁ ଉପଯୋଗ କରିଥାଏ। ଏହା ବାୟୁରେ ଥିବା ଧୂଳି ଏବଂ ଅନ୍ୟ କ୍ଷତିକାରକ କଣିକାକୁ ଶୁଦ୍ଧ କରିଥାଏ। କମ୍ପାନୀ ଅନୁସାରେ, ଆଇଆଇଟି କାନପୁରର ନ୍ୟାସ୍‌ନାଲ ଏରୋସ୍ପେସ୍ ଫ୍ୟାସିଲିଟିରେ ଏନେଇ ଏକ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷଣରୁ ଏହି ଉପକରଣଟି ୯୦% ପ୍ରଦୂଷଣ ହ୍ରାସ କରିବାରେ ସକ୍ଷମ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ୪୦,୦୦୦ରୁ ଅଧିକ ଲୋକ ଏହାକୁ ବ୍ୟବହାର କରିଥିବା କମ୍ପାନୀ ମତ ରଖିଛି।

## ଘର ବଇଦ

# ବାନ୍ତିର ଉପଚାର

- ଅଁଳାଚୂର୍ଣ୍ଣ ଏକ ଭରି, କିସ୍‌ମିସ୍ ଏକ ଭରି, ଚିନି ଦୁଇ ଭରି ଏକତ୍ର ବାଟି କୋଳି ପରି ବଟିକା କରିବେ। ଏହି ବଟିକାରୁ ଗୋଟିଏ ପାଟିରେ ରଖି ରସ ଢ଼ୋକିବେ, ଚୋବାଇବେ ନାହିଁ। ଦିନକୁ ୩/୪ଟା ବଟିକା ଖାଇଲେ ବାନ୍ତି ବନ୍ଦ ହୁଏ। ଗର୍ଭାବସ୍ଥାରେ ବାନ୍ତି ହେଲେ ଏହି ଔଷଧରେ ବାନ୍ତି ବନ୍ଦ ହୁଏ।
- ଏକ ଛଟାଙ୍କି ଚିନି ସର୍ବତରେ ଦଶ ବାରଟା କଷି ଆମ୍ବପତ୍ର ଚକଟି ଛାଣି ସେହି ସର୍ବତ ପିଇଲେ ବାନ୍ତି ତତ୍‌କ୍ଷଣାତ୍ ବନ୍ଦ ହୁଏ।
- ଅଶ୍ୱତ୍‌ଥ ଗଛର ଛେଲିକୁ ପୋଡ଼ି ସେହି ଜ୍ୱଳନ୍ତ ଅଙ୍ଗାରକୁ ପାଣିରେ ପକାଇ ପାଣି ପିଇଲେ ବାନ୍ତି ବନ୍ଦ ହୁଏ।
- ବିଡ଼ଙ୍ଗ ଓ ମୁଥାର ଚୂର୍ଣ୍ଣ ମହୁ ସହିତ ଖାଇଲେ କଫଜ ବାନ୍ତି ପ୍ରଶମିତ ହୁଏ।
- ବେଲମୂଳର ଛେଲିର କ୍ୱାଥ ଶୀତଳ କରି ତହିଁରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



ସକାଳ THE SAKALA
www.sakalaepaper.com

### କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ, ଅଭିଷେକ ଓ ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

# କେକେଆର୍ ପରାସ୍ତ; ହାଇଦରାବାଦ୍‌ର ପ୍ରଥମ ବିଜୟ


ନୀତୀଶ ରେଡ୍ଡୀ

କୋଲକାତା,୨।୪(ଏଜେନ୍ସି): ଇଡେନ୍ ଗାର୍ଡେନରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍-୨୦୨୬ର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଖେଳାଳିଙ୍କ ଅଲରାଉଣ୍ଡ ସଫଳତାକୁ ଆଧାର କରି ଭ୍ରମଣକାରୀ ସନ୍‌ରାଇଜର୍ସ ହାଇଦରାବାଦ୍ ୬୫ ରନ୍‌ରେ ଆୟୋଜକ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ଏହା ଫଳରେ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରୁ ହାଇଦରାବାଦ୍ ପ୍ରଥମ ବିଜୟ ହାସଲ କରିଥିଲାବେଳେ କୋଲକାତା ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ହେନ୍‌ରିକ୍ କ୍ଲାସେନ(୫୨)ଙ୍କ ଅର୍ଦ୍ଧଶତକ, ଅଭିଷେକ ଶର୍ମା (୨୧ବଲ୍‌ରେ ୪୮ରନ୍), ଟ୍ରାଭିସ୍ ହେଡ୍ (୨୧ବଲ୍‌ରେ ୪୬ରନ୍) ଓ ନୀତୀଶ କୁମାର ରେଡ୍ଡୀ (୨୪ବଲ୍‌ରେ ୩୯ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୨୬ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଖେଳାଳିଙ୍କ ଭୁଲ ବୁଝାମଣା ଓ ପ୍ରତିପକ୍ଷ ଦଳର ଉପଯୋଗୀ ବୋଲିଂ ବଳରେ କୋଲକାତାର ବ୍ୟାଟିଂ ବେଶି ସମୟ ତିଷ୍ଠି ପାରି ନ ଥିଲା। ଦଳ ୧୬ଓଭର ଖେଳି ୧୬୧ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀ କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରି ପ୍ରଥମ ମ୍ୟାଚ୍ ଭଳି ୫୨ରନ୍‌ରେ ଆଉଟ ହୋଇଥିଲେ। ରିଙ୍କୁ ସିଂ ୨୫ବଲ୍‌ରେ ୩୫ ଓ ମାତ୍ର ୬ଟି ବଲ୍‌ରେ ଫିନ୍ ଆଲେନ୍ ୨୮ ରନ୍ କରିଥିଲେ। ବିଜୟୀ ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦ୍‌କଟ ୩ଟି, ଏହସାନ ମାଲିଙ୍ଗା ଓ ନୀତୀଶ କୁମାର ରେଡ୍ଡୀ ୨ଟି ଲେଖାଏଁ ୱିକେଟ ପାଇଥିଲେ।

**ମୁଜାରବାନିଙ୍କ ବୋଲିଂ ବେକାର:**
ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦୁଇ ବାମହାତୀ ଓପନର ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟରେ ୫.୪ ଓଭରରେ ୮୨ ରନ୍ ଉଠାଇଥିଲେ। ୯ମ ଓଭରରେ କାର୍ତ୍ତିକ ତ୍ୟାଗୀ ୪୬ ରନ୍ କରିଥିବା ହେଡ୍‌ଙ୍କୁ ଆଉଟ କରି ଓପନିଂ ଯୋଡି ଭାଙ୍ଗିଦେଇଥିଲେ। ହେଡ୍ ୨୧ ବଲ୍‌ରେ ୬ଚୌକା ଓ ୩ଛକା ମାରିଥିଲେ। ଏହାପରେ ଅଭିଷେକ ଓ ଇଶାନ ଦ୍ରୁତ ସଂଗ୍ରହରେ ମନୋନିବେଶ କରିଥିଲେ। ଜିମ୍ବାୱେ ଫାଷ୍ଟ ବୋଲର ମୁଜାରବାନି ଏହି ସମୟରେ ଚମତ୍କାର ବୋଲିଂ କରି ଉଭୟ ଇଶାନ ଓ ଅଭିଷେକଙ୍କୁ ଆଉଟ କରି ଦ୍ରୁତ ରନ୍ ସଂଗ୍ରହରେ ବ୍ରେକ୍ ଲଗାଇଦେଇଥିଲେ। ସେ ୪ ଓଭରରେ ୪୧ ରନ୍ ଦେଇ ୪ ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। କିନ୍ତୁ ତାଙ୍କ ଦଳ ହାରିଯିବା ପରେ ତାଙ୍କର ଏହି ପ୍ରଚେଷ୍ଟା ବିଫଳ ହୋଇଥିଲା। ହାଇଦରାବାଦ୍‌ର ଅନ୍ୟମାନଙ୍କ ମଧ୍ୟରେ ହେଡ୍‌ଙ୍କ ଭଳି ଅଭିଷେକ ମଧ୍ୟ ୨୧ଟି ବଲ୍ ଖେଳିଥିଲେ ଓ ଏଥିରେ ୪ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଶେଷ ଭାଗରେ କ୍ଲାସେନ୍ ଦାୟିତ୍ୱବାନ ଭାବେ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମୋଟ ୩୫ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୫୨ ଏବଂ ନୀତୀଶ କୁମାର ରେଡ୍ଡୀ ୨୪ବଲ୍‌ରେ ୩୯ ରନ୍ କରିଥିଲେ। ଅନ୍ୟ କେହି ଭଲ ଖେଳି ପାରି ନ ଥିଲେ। କୋଲକାତା ପକ୍ଷରୁ ମୁଜାରବାନି ଉପଯୁକ୍ତ ସମୟରେ କ୍ଲିକ୍ କରିଥିଲେ ମଧ୍ୟ ହାଇଦରାବାଦ୍‌କୁ ଅଟକାଇ ପାରି ନ ଥିଲେ। ଦଳର ଅନ୍ୟତମ ଫାଷ୍ଟ ବୋଲର ବୈଭବ ଅରୋରା ୨ଟି ୱିକେଟ ନେଇଥିଲେ। ୧୯ତମ ଓଭରରେ ସେ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ।




| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ଚେନ୍ନାଇ ବନାମ ପଞ୍ଜାବ |
| ଭେନ୍ୟୁ-ଚେନ୍ନାଇ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ଆଇପିଏଲ୍‌ରେ ବିରଳ ସଂଯୋଗ; ହୋମ୍ ଭେନ୍ୟୁ, ଟସ୍, ଚେଜ୍ କରି ୪ର୍ଥ ବିଜୟ

ନୂଆଦିଲ୍ଲୀ,୨।୪(ଏଜେନ୍ସି): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଏକ ବିରଳ ସଂଯୋଗ ଦେଖିବାକୁ ମିଳିଛି। ଏହି ସଂଯୋଗ ୩ଟି ଭିନ୍ନ ଭିନ୍ନ ବିଭାଗରେ ସମାନ ହୋଇଥିବାରୁ ଏହାକୁ ବିରଳ ସଂଯୋଗ କୁହାଯାଉଛି। ଏହି ବିଭାଗଗୁଡ଼ିକ ହେଲା ପ୍ରଥମ ୪ଟି ମ୍ୟାଚ୍‌ରେ ଟସ୍ ଜିତିଥିବା ଦଳ, ହୋମ୍ ଭେନ୍ୟୁରେ ଖେଳିବା ଓ ଟାର୍ଗେଟ ଚେଜ୍ କରିଥିବା ଦଳଗୁଡିକ ବିଜୟୀ ହୋଇଛି। ଏପରି ୩ଟି ବିଭାଗରେ ସମାନ ଘଟଣା ପୂର୍ବରୁ କେବେ ଘଟି ନ ଥିଲା। ସନ୍‌ରାଇଜର୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଆର୍‌ସିବି ଅଧିନାୟକ ଟସ୍ ଜିତି ଘରୋଇ ବେଙ୍ଗାଲୁରୁରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କୋଲକାତା ବିପକ୍ଷରେ ମୁମ୍ବାଇ ଟସ୍ ଜିତି ରନ୍ ଚେଜ୍ କରି ମ୍ୟାଚ୍ ଜିତିଥିଲା। ସେହିପରି ଆସାମର ବର୍ଷାପଡ଼ା ଷ୍ଟାଡିୟମ୍‌କୁ ରାଜସ୍ଥାନ ରୟାଲ୍ସ ହୋମ୍ ଭେନ୍ୟୁ କରିଛି। ଏଠାରେ ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତିବା ପରେ ରନ୍ ଚେଜ୍ କରି ଜିତିଥିଲା। ସେହିପରି ଚତୁର୍ଥ ଲିଗ୍ ମ୍ୟାଚ୍ ପଞ୍ଜାବ କିଙ୍ଗସର ହୋମ୍ ଭେନ୍ୟୁ ନ୍ୟୁ ଚଣ୍ଡିଗଡ ବା ମୁଲାନପୁରରେ ଖେଳାଯାଇଥିଲା। ଏଥିରେ ମଧ୍ୟ ହୋମ୍ ଭେନ୍ୟୁରେ ପଞ୍ଜାବ ଟସ୍ ଜିତିବା ପରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲା। ଯେ କୌଣସି ଆଇପିଏଲ୍‌ରେ ପ୍ରଥମ ୪ଟି ମ୍ୟାଚ୍ ହେଉ କିମ୍ବା କ୍ରମାଗତ ୪ଟି ମ୍ୟାଚ୍‌ରେ ଏଭଳି ସଂଯୋଗ ଦେଖିବାକୁ ମିଳିନାହିଁ। ହୋମ୍ ଭେନ୍ୟୁ, ଟସ୍ ବିଜୟ, ରନ୍ ଚେଜ୍ କରି ମ୍ୟାଚ୍ ଜିତିବା ଚଳିତ ଆଇପିଏଲ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ କେବଳ ଦେଖିବାକୁ ମିଳିଛି। କିନ୍ତୁ ଲକ୍ଷ୍ନୌରେ ଖେଳାଯାଇଥିବା ୫ମ ଲିଗ୍ ମ୍ୟାଚ୍‌ରେ ଏହି ଧାରା ଭାଙ୍ଗିଯାଇଥିଲା। ଏଥିରେ ଟସ୍ ଜିତିଥିବା ଦଳ ଦିଲ୍ଲୀ କ୍ୟାପିଟାଲ୍ସ ରନ୍ ଚେଜ୍ କରି ମ୍ୟାଚ୍ ଜିତିଛି ସହ କିନ୍ତୁ ଏହା ବିଜୟୀ ଦଳର ହୋମ୍ ଭେନ୍ୟୁ ନ ଥିଲା।

## ୨୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିବାରେ ଆଜିଙ୍କ୍ୟ ରାହାଣେ ୧୧ତମ ଖେଳାଳି

ଇଡେନ୍: ଏଠାରେ ଆଜି ସନ୍‌ରାଇଜର୍ସ ବିପକ୍ଷରେ ଖେଳି ନାଇଟ୍ ରାଇଡର୍ସର ଅଧିନାୟକ ଆଜିଙ୍କ୍ୟ ରାହାଣେ ଆଇପିଏଲ୍‌ରେ ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ତାଲିକାରେ ସେ ହେଉଛନ୍ତି ୧୧ତମ ଖେଳାଳି। ତାଙ୍କ ପୂର୍ବରୁ ଚେନ୍ନାଇ/ପୁଣେର ମହେନ୍ଦ୍ର ସିଂ ଧୋନି ସର୍ବାଧିକ ୨୭୮, ଡେକାନ/ମୁମ୍ବାଇର ରୋହିତ ଶର୍ମା ୨୭୩, ଆର୍‌ସିବିର ବିରାଟ କୋହଲି ୨୬୮, ଦିନେଶ କାର୍ତ୍ତିକ ୨୫୭, ରବୀନ୍ଦ୍ର ଜାଡେଜା ୨୫୫, ଶିଖର ଧାୱନ ୨୨୨, ରବିଚନ୍ଦ୍ରନ ଅଶ୍ୱିନ ୨୨୧, ସୁରେଶ ରାଇନା ୨୦୫, ରବିନ ଉତପ୍ପା ୨୦୫, ଅମ୍ବତି ରାୟୁଡୁ ୨୦୪ଟି ମ୍ୟାଚ୍ ଖେଳି ଏହି ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବାଇ ପକ୍ଷରୁ ଖେଳୁଥିବା ରାହାଣେ ୬ଟି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳି ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ମୁକାବିଲା ଆରମ୍ଭରୁ ସେ ୧୯୯ଟି ମ୍ୟାଚ୍‌ରୁ ୩୦.୭୧ ହାରରେ ୫୦୯୯ ରନ୍ କରିଛନ୍ତି। ଏଥିରେ ୨ଟି ଶତକ ରହିଛି। ଏବେ ସେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଉଛନ୍ତି।

### ● ପ୍ରଥମ ବଲ୍‌ରେ ୫ଥର ନେଲେ ୱିକେଟ

## ଆଇପିଏଲ୍‌ରେ ସାମି ରଚିଲେ ଇତିହାସ

ଲକ୍ଷ୍ନୌ,୨।୪(ଏଜେନ୍ସି): ଆଇପିଏଲ୍ ବା ଇଣ୍ଡିଆନ୍ ପ୍ରିମିୟର ଲିଗରେ ମହମ୍ମଦ୍ ସାମି ରଚିଛନ୍ତି ଇତିହାସ। ସେ ପ୍ରଥମ ତଥା ଏକମାତ୍ର ବୋଲରଭାବେ ଆଇପିଏଲ୍‌ରେ ଗୋଟିଏ ଇନିଂସର ପ୍ରଥମ ବଲ୍‌ରେ ୱିକେଟ ନେବାରେ ୫ଥର ସଫଳତା ପାଇଛନ୍ତି। ଗତକାଲି ଏକନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ରେକର୍ଡ ଲକ୍ଷ୍ନୌ ସୁପର ଜାଏଣ୍ଟସ ପକ୍ଷରୁ ଖେଳି ଦିଲ୍ଲୀ କ୍ୟାପିଟାଲ୍ସ ଓପନର ଲୋକେଶ ରାହୁଲଙ୍କୁ ପ୍ରଥମ ବଲ୍‌ରେ ଆଉଟ କରିବା ସହ ଏହି ସଫଳତା ୫ମଥର ଲାଗି ପାଇଛନ୍ତି। ତାଙ୍କ ପୂର୍ବରୁ ୩ଥର ଲେଖାଏଁ ୭ଜଣ ବୋଲର ଏହି ସଫଳତା ପାଇଛନ୍ତି। ସେମାନେ ହେଲେ ପ୍ରବୀଣ କୁମାର, ଉମେଶ ଯାଦବ, ଟ୍ରେଣ୍ଟ ବୋଲ୍ଟ, ଲାସିଥ ମାଲିଙ୍ଗା, ଭୁବନେଶ୍ୱର କୁମାର, ଅଶୋକ ଦିଣ୍ଡା ଓ ପ୍ୟାଟ କମିନ୍ସ। ଜାତୀୟ ଦଳକୁ ଫେରିବା ଲାଗି ସଂଘର୍ଷ କରୁଥିବା ସାମିଙ୍କ ଏହି ସଫଳତା କିନ୍ତୁ ଦଳ ଲାଗି କାମ ଦେଇନି। ଦିଲ୍ଲୀ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା।

### ● ଆଜି ପଞ୍ଜାବ ସହ ସିଏସକେର ଲଢ଼େଇ

## ଅଭ୍ୟାସ ଆରମ୍ଭ କଲେ ଧୋନି

ଚେନ୍ନାଇ, ୨।୪ (ଏଜେନ୍ସି): ଆଇପିଏଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଶୁକ୍ରବାର ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଲଢ଼େଇ ହେବ। ଏହି ମ୍ୟାଚ ଲାଗି ଘରୋଇ ଚେନ୍ନାଇର ଷ୍ଟାର ଖେଳାଳି ମହେନ୍ଦ୍ର ସିଂ ଧୋନି ଅଭ୍ୟାସ ଆରମ୍ଭ କରିଛନ୍ତି। ଆଘାଜନିତ ସମସ୍ୟା ଲାଗି ରାଜସ୍ଥାନ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନ ଥିବା ୪୪ ବର୍ଷୀୟ ଧୋନି ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ନେଟ୍ସରେ ଯୋଗଦେଇଛନ୍ତି। ତେବେ ଧୋନି ପଞ୍ଜାବ ବିପକ୍ଷରେ ଖେଳିବେ କି ନାହିଁ ଚେନ୍ନାଇ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

# ହକି ଦଳ ରାଜ୍ୟର ସୁନାମ ବଢ଼ାଇଛନ୍ତି: ନବୀନ

ଭୁବନେଶ୍ୱର, ୨।୪ (ସମିସ): ସ୍ୱର୍ଣ୍ଣ ବିଜୟୀ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳକୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି, 'ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ହକି ଦଳ ଚାମ୍ପିଅନ ହୋଇ ରାଜ୍ୟର ସୁନାମ ବଢ଼ାଇଛନ୍ତି। ଜନଜାତି କ୍ରୀଡ଼ା ପ୍ରତିଭାମାନଙ୍କ ଏହି ସଫଳତା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସଭିଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି।'

**ହକିରେ ୨ସ୍ୱର୍ଣ୍ଣ; ଆଥ୍‌ଲେଟିକ୍ସରେ ଓଡ଼ିଶା ଓଭରଅଲ୍ ଚାମ୍ପିଅନ**

ଛତିଶଗଡ଼ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ହକିରେ ଡବଲ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳ ଚାମ୍ପିଅନ ହୋଇଛନ୍ତି। ସେହିଭଳି ଆଥ୍‌ଲେଟିକ୍ସରେ ଓଡ଼ିଶା ଦଳ ଓଭରଅଲ୍ ଚାମ୍ପିଅନ ହୋଇ ଟ୍ରଫି ଜିତିଛି। ଅପରପକ୍ଷରେ ତୀରନ୍ଦାଜୀରେ ଗୁରୁବାର ଓଡ଼ିଶା ୨ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଅର୍ଜୁନ ଖରା ଓ ମମିତା ଓରାମ ରୌପ୍ୟ, ପୁରୁଷ କମ୍ପାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇଜା କାଂସ୍ୟ ଏବଂ ପୁରୁଷ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଓଡ଼ିଶା କାଂସ୍ୟ ପଦକ ଜିତିଥିଲା। ଆଥଲେଟିକ୍ସରେ ସନ୍ଧ୍ୟା ମୁର୍ମୁ ମହିଳା ୧୦ ହଜାର ମିଟରରେ ରୌପ୍ୟ ଓ ସୁନିତା ସାନ୍ତା ୧୫୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି।

## ଭାନୁକାଙ୍କ ଚେନ ବନ୍ଧା ପକାଇ ସିଂହଳୀ ଅଭିନେତ୍ରୀ ଗିରଫ

କଲମ୍ବୋ, ୨।୪ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟର୍ ଭାନୁକା ରାଜପକ୍ଷେ ଓ ସିଂହଳୀ ଅଭିନେତ୍ରୀ ହର୍ଷି ରସାଙ୍ଗାଙ୍କୁ ନେଇ ଏକ ବିବାଦ ଦେଖାଦେଇଛି। ଏକ ସୁନା ଚେନକୁ ନେଇ ଭାନୁକା ଅଭିନେତ୍ରୀ ରସାଙ୍ଗାଙ୍କୁ ଏକ ଆଇନଗତ ନୋଟିସ ପଠାଇଥିଲେ। ଯାହା ପରେ ପୁଲିସ ରସାଙ୍ଗାଙ୍କୁ ଗିରଫ କରିଥିଲା। ଘଟଣାରୁ ଜଣାପଡ଼ିଛି ଯେ ଭାନୁକା ଅସ୍ଥାୟୀ ଭାବରେ ଏକ ସୁନା ଚେନ ପୂର୍ବତନ ବାନ୍ଧବୀ ଅଭିନେତ୍ରୀଙ୍କୁ ଦେଇଥିଲେ। କିନ୍ତୁ ଭାନୁକାଙ୍କୁ ନ ଜଣାଇ ରସାଙ୍ଗା ୯ ଲକ୍ଷ ଟଙ୍କା ମୂଲ୍ୟରେ ଚେନ ବନ୍ଧକ ରଖିଥିଲେ। ତେବେ ଶ୍ରୀଲଙ୍କାର ଏକ କୋର୍ଟ ଏହି ମାମଲାର ଶୁଣାଣି କରି ୫-୫ ଲକ୍ଷ ଟଙ୍କାର ଦୁଇ ଜାମିନଦାରରେ ଅଭିନେତ୍ରୀ ହର୍ଷିଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇବା ପରେ ହର୍ଷି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଭାନୁକାଙ୍କ ସହ ସମ୍ପର୍କରେ ଥିବା ସମୟରେ ଏହି ଚେନ୍ ତାଙ୍କୁ ଉପହାର ଆକାରରେ ମିଳିଥିଲା। ତେବେ ହର୍ଷିଙ୍କ ଏହି ଦାବିକୁ ନେଇ କ୍ରିକେଟର୍ ଭାନୁକାଙ୍କ ପକ୍ଷରୁ କୌଣସି ମତାମତ ମିଳିନାହିଁ। ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୨ରେ ହେବ ବୋଲି ଜଣାପଡ଼ିଛି।

### ଓସିଏ କ୍ଲବ୍ ଲିଗ୍: ଶୁଭ୍ରାଂଶୁଙ୍କ କ୍ରମାଗତ ଶତକ

## ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ



ଭୁବନେଶ୍ୱର, ୨।୪ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଉଥିବା ଫାଇନାଲରେ ଦୁଇ କଟକ କ୍ଲବ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ବିଶ୍ୱଭାରତୀ ମଧ୍ୟରେ ଲଢ଼େଇ ହେବ। ଗୁରୁବାର ବାରବାଟୀରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୧୪୫ ରନରେ ୟୁନିୟନ ସ୍ପୋର୍ଟିଂ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଶୁଭ୍ରାଂଶୁ ସେନାପତି (୧୧୨ ବଲରେ ୧୪୯ ରନ) ଓ ଗୋବିନ୍ଦ ପୋଦ୍ଦାର (୮୬ ବଲରେ ୧୧୯ ରନ)ଙ୍କ ଦ୍ରୁତ ଶତକୀୟ ପାଳି ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୬୧ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ କ୍ଲବ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୪୯.୨ ଓଭରରେ ୩୧୬ ରନ କରିଥିଲା। ଗୋବିନ୍ଦ ବୋଲିଂରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ୩ଟି ୱିକେଟ ନେଇଥିଲେ। ଗୋବିନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନ୍ୟ ଏକ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ୱିକେଟରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା। ଅପରାଜିତ ୫୧ ରନ ସହ ଗୋଟିଏ ୱିକେଟ୍ ନେଇଥିବା ଗୌରବ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

# ସେମିରେ ରେଡ୍‌ଷ୍ଟାର

ଭୁବନେଶ୍ୱର,୨।୪(ସମିସ): ଭୁବନେଶ୍ୱରର ରେଡ୍‌ଷ୍ଟାର କ୍ଲବ୍ ପ୍ରଥମ ଦଳ ଭାବେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ ରେଡ ଷ୍ଟାର ୨୮ ରନ୍‌ରେ ସହରର ପ୍ରତିଷ୍ଠିତ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୬ ଓଭର ବୋଲି କରି ୨୬ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ସାଲିକ୍ ମହମ୍ମଦ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆଜିର ଅତିଥି ତଥା କିଂବଦନ୍ତି ସିନେ ତାରକା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରଦାନ କରିଥିଲେ। ଆସନ୍ତାକାଲି ବା ଶୁକ୍ରବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ଟାଉନ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।




### ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ଡୁସେନ

ଜୋହାନ୍ସବର୍ଗ, ୨।୪ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ବ୍ୟାଟର୍ ରାସି ଭାନ ଡର୍ ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଡୁସେନଙ୍କୁ ଦକ୍ଷିଣ ଆଫ୍ରିକାର କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ବାଦ୍ ଦିଆଯାଇଥିଲା। ୮ ବର୍ଷର କ୍ୟାରିୟରରେ ଡୁସେନ ଦକ୍ଷିଣ ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି-୨୦ ମ୍ୟାଚ ଖେଳିଛନ୍ତି। ଏହି ୩ଟି ଫର୍ମାଟ୍‌ରେ ସେ ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ ସଂଗ୍ରହ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS